# ଶ୍ରୀମନ୍ଦିର ସ୍ଥାୟୀ ପ୍ରଶାସକ ନାହାନ୍ତି: କାର୍ଯ୍ୟ ମନ୍ଥର

**ପୁରୀ,୨୩।୬(ଅଜିତ୍ କୁମାର ମହାନ୍ତି):**

ଶ୍ରୀମନ୍ଦିରରେ ସ୍ଥାୟୀ ପ୍ରଶାସକ ନ ଥିବାରୁ ବିଭିନ୍ନ ପ୍ରଶାସନିକ କାର୍ଯ୍ୟରେ ମନ୍ଥରତା ଦେଖାଦେଉଛି। ତେଣୁ ତୁରନ୍ତ ସ୍ଥାୟୀ ପ୍ରଶାସକ ନିଯୁକ୍ତି ଦେବା ପାଇଁ ଭକ୍ତ ଓ ସେବାୟତଙ୍କ ପକ୍ଷରୁ ଦାବି ହେଉଛି। ଏ କ୍ଷେତ୍ରରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଅନୁପାଳନ କରାଯାଉନଥିବାରୁ ବିଭିନ୍ନ ମହଲରେ ଉଦବେଗ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ଶ୍ରୀମନ୍ଦିରରେ ଶୃଙ୍ଖଳା ଆଣିବା ଲକ୍ଷ୍ୟରେ ୨୦୧୯ରେ ସୁପ୍ରିମକୋର୍ଟ ଜଣେ ଆଇଏଏସ୍ ର୍ୟାଙ୍କର ଅଧିକାରୀଙ୍କୁ ସ୍ଥାୟୀ ପ୍ରଶାସକ ନିଯୁକ୍ତି କରିବା ନିମନ୍ତେ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାର ପ୍ରାୟ ୩ବର୍ଷ ପରେ ୨୦୨୩ ଏପ୍ରିଲରେ ବରିଷ୍ଠ ଆଇଏଏସ୍ ଅଫିସର ରଞ୍ଜନ କୁମାର ଦାସଙ୍କୁ ଶ୍ରୀମନ୍ଦିର ପ୍ରଶାସନର ସ୍ଥାୟୀ ମୁଖ୍ୟ ପ୍ରଶାସକ ଭାବେ ନିଯୁକ୍ତି ଦେଇଥିଲେ। ତେବେ ସେ ୮ ମାସ କାର୍ଯ୍ୟ କରିବା ପରେ ତାଙ୍କୁ ରାଜ୍ୟ ସରକାର ଅନ୍ୟତ୍ର ସ୍ଥାନାନ୍ତର କରିଥିଲେ। ଦାସ ତାଙ୍କ କାର୍ଯ୍ୟ କାଳ ସମୟରେ ଶ୍ରୀମନ୍ଦିରର ସଂସ୍କାର ନିମନ୍ତେ ଅନେକ ପଦକ୍ଷେପ ନେଇଥିଲେ। ତାଙ୍କ ବଦଳି ପରେ ପୁରୀର ତତ୍କାଳୀନ ଜିଲାପାଳ ସମର୍ଥ ବର୍ମାଙ୍କୁ କିଛି ଦିନ ନିମନ୍ତେ ଶ୍ରୀମନ୍ଦିରର ଅତିରିକ୍ତ ମୁଖ୍ୟ ପ୍ରଶାସକ ଦାୟିତ୍ୱ ଦିଆଯାଇଥିଲା। ମାତ୍ର ତାଙ୍କ ସ୍ଥାନରେ ଜଣେ ସ୍ଥାୟୀ ପ୍ରଶାସକ ଦେବା ବଦଳରେ ପୂର୍ତ୍ତ ବିଭାଗ ସଚିବ ଭାବରେ ଦାୟିତ୍ୱରେ ଥିବା ଆଇଏଏସ୍ ଅଧିକାରୀ ବୀରବିକ୍ରମ ଯାଦବଙ୍କୁ ପୁନର୍ବାର ଶ୍ରୀମନ୍ଦିର ପ୍ରଶାସକ ଭାବେ ନିଯୁକ୍ତି ଦିଆଯାଇଛି। ସ୍ଥାୟୀ ପ୍ରଶାସକ ନିଯୁକ୍ତି ହେଉ ନ ଥିବାରୁ ଶ୍ରୀମନ୍ଦିରରେ ଅଧିକାଂଶ ସମୟରେ ବିଶୃଙ୍ଖଳା ସୃଷ୍ଟି ହେବା ସହ ଅବ୍ୟବସ୍ଥା ଲାଗିରହୁଛି ବୋଲି ଭକ୍ତ ଅଭିଯୋଗ କରୁଛନ୍ତି। ତେଣୁ ସରକାର ଏଥିପ୍ରତି ଦୃଷ୍ଟିଦେବା ସହ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଅନୁପାଳନ କରି ସ୍ଥାୟୀ ପ୍ରଶାସକଙ୍କୁ ଯଥାଶୀଘ୍ର ନିଯୁକ୍ତି ଦେବାକୁ ଭକ୍ତ ଦାବି କରିଛନ୍ତି। ଆଗକୁ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ଆସୁଛି। ନୀତିକାନ୍ତି ସହ ଘୋଷଯାତ୍ରାକୁ ଶୃଙ୍ଖଳିତ ଭାବେ ସମ୍ପାଦନା କରିବା ପାଇଁ ସ୍ଥାୟୀ ପ୍ରଶାସକ ନିଯୁକ୍ତି ଆବଶ୍ୟକ ବୋଲି ଭକ୍ତମାନେ ମତ ପ୍ରକାଶ କରିଛନ୍ତି। ଭକ୍ତଙ୍କ ମତରେ ଜଣେ ସ୍ଥାୟୀ ପ୍ରଶାସକ ନିଯୁକ୍ତି ପାଇଲେ ସେ ଶ୍ରୀମନ୍ଦିର ପ୍ରତି ଅଧିକ ଧ୍ୟାନ ଦେଇପାରନ୍ତେ ଓ ଶ୍ରୀମନ୍ଦିର ପ୍ରତି ଗୁରୁତ୍ୱ ରୁହନ୍ତା। ଅନ୍ୟ ଦାୟିତ୍ୱରେ ଥିବା ପ୍ରଶାସକଙ୍କୁ ଶ୍ରୀମନ୍ଦିର ଦାୟିତ୍ୱ ଦେବା ଫଳରେ ପ୍ରଶାସକ ବିଶେଷ ପଦକ୍ଷେପ ନେଇପାରୁନାହାନ୍ତି। ଏନେଇ କେତେଜଣ ସେବାୟତ ମଧ୍ୟ ସମାନ ମତ ପୋଷଣ କରିଛନ୍ତି। ସ୍ଥାୟୀ ପ୍ରଶାସକ ନିଯୁକ୍ତି ଦ୍ୱାରା ଶ୍ରୀମନ୍ଦିରରେ ଥିବା ସମସ୍ୟାର ସମାଧାନ ହୋଇପାରନ୍ତା। ସେହିପରି କଟକଣାଗୁଡିକୁ ଠିକ୍ ଭାବେ କାର୍ଯ୍ୟକାରୀ କରିପାରନ୍ତେ ବୋଲି ସେମାନେ କହିଛନ୍ତି। ଏ ନେଇ ବରିଷ୍ଠ ଦଇତାପତି ସେବାୟତ ବିନାୟକ ଦାସ ମହାପାତ୍ର କହିଛନ୍ତି, ଶ୍ରୀମନ୍ଦିର ନିମନ୍ତେ ସ୍ଥାୟୀ ପ୍ରଶାସନ ନିଯୁକ୍ତି ନିମନ୍ତେ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ତେବେ ପୂର୍ବ ରାଜ୍ୟ ସରକାର କିଛିଦିନ ପାଇଁ ଜଣେ ସ୍ଥାୟୀ ପ୍ରଶାସକଙ୍କୁ ନିଯୁକ୍ତି ଦେଲେ, ପରେ ପୁଣି ତାଙ୍କୁ ସ୍ଥାନାନ୍ତର କରିଦେଲେ। ଶ୍ରୀମନ୍ଦିର ନିମନ୍ତେ ଅନେକ ଯୋଜନା କରାଯାଉଛି। ମାତ୍ର ସ୍ଥାୟୀ ପ୍ରଶାସକ ନରହିବାରୁ ସେଗୁଡିକ ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁନାହିଁ। ଯେଉଁମାନଙ୍କୁ ନିଯୁକ୍ତି ପ୍ରଦାନ କରାଯାଉଛି, ସେମାନେ ଭୁବନେଶ୍ୱରରେ ରହୁଛନ୍ତି। ସେମାନେ ପୁରୀ ଆସୁନାହାନ୍ତି, କେବଳ ଯାନିଯାତ୍ରା ସମୟରେ ଆସୁଛନ୍ତି ଓ ବୈଠକ କରି ପୁଣି ଚାଲିଯାଉଛନ୍ତି। ରତ୍ନଭଣ୍ଡାର ଖୋଲିବା ଓ ମରାମତି ନିମନ୍ତେ ସ୍ଥାୟୀ ପ୍ରଶାସକ ନିଯୁକ୍ତି ହେବା ଅତ୍ୟନ୍ତ ଆବଶ୍ୟକ। ତେଣୁ ନୂତନ ସରକାର ଏ ଦିଗରେ ପ୍ରଦକ୍ଷେପ ଗ୍ରହଣ କରନ୍ତୁ। ଅପରପକ୍ଷରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଶ୍ରୀମନ୍ଦିରରେ ଅନେକ କିଛି କଥାକୁ ଶୃଙ୍ଖଳିତ କରିବା ନିମନ୍ତେ ବିଭିନ୍ନ ପଦକ୍ଷେପ ନିଆଯାଉଛି ଓ ଯୋଜନା ହେଉଛି। ନୀତିକାନ୍ତିଠାରୁ ଦର୍ଶନ ପର୍ଯ୍ୟନ୍ତ ସମସ୍ତ ଘଟଣାକୁ ଜଣେ ବରିଷ୍ଠ ଅଧିକାରୀ ଅନୁଧ୍ୟାନ କରି ନିୟନ୍ତ୍ରଣ କରିବାର ଆବଶ୍ୟକତା ରହିଛି। ସ୍ଥାୟୀ ପ୍ରଶାସକ ନିଯୁକ୍ତି ନେଇ ରାଜ୍ୟ ସରକାର ଖୁବଶୀଘ୍ର ପଦକ୍ଷେପ ନେବେ। ରାଜ୍ୟ ସରକାରଙ୍କ ପ୍ରଥମ ୧୦୦ ଦିନ କାର୍ଯ୍ୟ ମଧ୍ୟରେ ଶ୍ରୀମନ୍ଦିର ସ୍ଥାୟୀ ପ୍ରଶାସକ ନିଯୁକ୍ତି ପ୍ରସଙ୍ଗ ସୂଚୀରେ ସ୍ଥାନ ପାଇବ ବୋଲି ହରିଚନ୍ଦନ ପ୍ରକାଶ କରିଛନ୍ତି।

**ସଂକ୍ଷେପରେ**

## ଅସ୍ତରଙ୍ଗ- କାକଟପୁର ମୁଖ୍ୟରାସ୍ତା ପାଲଟିଛି ମରଣଯନ୍ତା



**ଅସ୍ତରଙ୍ଗ,୨୩।୬(ମମତା ଜେନା)**

ଅସ୍ତରଙ୍ଗ–କାକଟପୁର ମୁଖ୍ୟରାସ୍ତା ମେଡିକାଲ ଛକ, ବଲରା, ଜଗନ୍ନାଥପୁରଠାରୁ ପାଣିଛତ୍ର ରାସ୍ତାରୁ ପିଚୁ ଉଠି ବଡ଼ ବଡ଼ ଖାଲଖମା ଗର୍ତ୍ତମାନ ସୃଷ୍ଟି ହୋଇ ଜନଗହଳିପୂର୍ଣ୍ଣ ରାସ୍ତାଟି ଏବେ ମରଣଯନ୍ତା ପାଲଟିଛି। ନିମାପଡ଼ାଠାରୁ ଅସ୍ତରଙ୍ଗ ପର୍ଯ୍ୟନ୍ତ ଏହି ପୂର୍ତ୍ତ ବିଭାଗ ରାସ୍ତାଟି ୨ ବର୍ଷ ତଳେ ପ୍ରାୟ ୪୩ କୋଟି ଟଙ୍କା ଖର୍ଚ୍ଚ ହୋଇ ନବୀକରଣ କରାଯାଇଥିଲେ ସୁଦ୍ଧା ଏବେ ରାସ୍ତାର ସ୍ଥାନେ ସ୍ଥାନେ ବଡ଼ ବଡ଼ ଗର୍ତ୍ତମାନ ସୃଷ୍ଟି ହୋଇଛି। ବାଟୋଇମାନେ ଆକସ୍ମିକ ଦୁର୍ଘଟଣାର ଶିକାର ହୋଇଥିଲେ ମଧ୍ୟ ଏହାର ମରାମତି କରା ନ ଯିବା ବିଭାଗୀୟ କର୍ତ୍ତୃପକ୍ଷଙ୍କ ଉଦାସୀନତା ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି। କାକଟପୁରଠାରେ ଥିବା ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ପ୍ରାୟ ସବୁଦିନ ଚାବି ପଡୁଥିବାରୁ ଲୋକେ ଗୁହାରି କରିବାକୁ ଯାଇ ଫେରୁଥିବା ଦେଖିବାକୁ ମିଳିଛି। ଜିଲାପାଳ, ନିର୍ବାହୀ ଯନ୍ତ୍ରୀ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

## ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ଛାତ୍ରୀଙ୍କ କୃତିତ୍ୱ

**ଚାରିଛକ,୨୩।୬(ଶିଶିର ସ୍ୱାଇଁ)**

ରମାଦେବୀ ମହିଳା ମହାବିଦ୍ୟାଳୟର କଳା, ବିଜ୍ଞାନ, ବାଣିଜ୍ୟ ବିଭାଗ ଯୁକ୍ତ ସ୍ନାତକ ପରୀକ୍ଷାଫଳ ପ୍ରକାଶ ପାଇଛି। ଏଥିରେ ନିମାପଡ଼ା ବ୍ଲକ ଚାରିଛକ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ଛାତ୍ରୀମାନେ ଶତ ପ୍ରତିଶତ ସଫଳତା ହାସଲ କରିଛନ୍ତି। ପଦାର୍ଥ ବିଜ୍ଞାନର ଛାତ୍ରୀ ଶ୍ରଦ୍ଧାଶ୍ରୀ ମହାନ୍ତି ୯.୨୭ ସିଜିପିଏ ରଖି ବିଶ୍ୱବିଦ୍ୟାଳୟରେ ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି। ତାଙ୍କୁ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଫେସର ଡ. ସନ୍ତୋଷ ମିତ୍ର, ମହାବିଦ୍ୟାଳୟ ଅଧକ୍ଷା ପ୍ରାଧାପିକା ବିନୋଦିନୀ ଦାଶ, ପରୀକ୍ଷା ନିୟନ୍ତ୍ରକ ଡ. ଅଶୋକବିଶାଳ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

## ରାମାରାଓ ପାତ୍ରଙ୍କୁ 'ଓଡ଼ିଶୀ ନୃତ୍ୟ ସଙ୍ଗୀତ ସମ୍ମାନ'

**ଭୁବନେଶ୍ୱର,୨୩।୬(ଶର୍ମିଷ୍ଠା ପାଣିଗ୍ରାହୀ)**

ନୃତ୍ୟାଙ୍ଗନା ପକ୍ଷରୁ ୧୩ତମ ଓଡ଼ିଶୀ ନୃତ୍ୟ ସଙ୍ଗୀତ ସମ୍ମାନ ୨୦୨୩–୨୪ ରବିବାର ରବୀନ୍ଦ୍ରମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧାରୀ ଗମାଙ୍ଗ, ଲେଖିକା ଇନ୍ଦିରା ଦତ୍ତ, ଓଡ଼ିଶୀ ନୃତ୍ୟଶିଳ୍ପୀ ପ୍ରଣତି ମହାନ୍ତି, ଇତିଶ୍ରୀ ଦିବେଦୀ, ଇନଷ୍ଟିଚ୍ୟୁଟ ଅଫ ଚାର୍ଟାର୍ଡ ଆକାଉଣ୍ଟାଟ ଅଫ ଇଣ୍ଡିଆର ଭୁବନେଶର ଶାଖା ସମ୍ପାଦକ ମହେନ୍ଦ୍ର କୁମାର ସାହୁ, ଓଡ଼ିଶା ରାଜ୍ୟ ବାର୍ କାଉନସିଲର ଅକ୍ଷୟ ସାମନ୍ତରାୟ, ଆପିଜେ ସୁରେନ୍ଦ୍ର ଗ୍ରୁପ୍‌ର ସିନିୟର ମ୍ୟାନେଜର ଶାନ୍ତନୁ ତ୍ରିପାଠୀ, ନୃତ୍ୟଗୁରୁ କସ୍ତୁରୀ ପଟ୍ଟନାୟକ, ପ୍ରତିଭା ପଣ୍ଡା, ଚିନ୍ମୟୀ କର, ଅନୁଷ୍ଠାନର ସଭାପତି ମମିତା ମିଶ୍ର, ସମ୍ପାଦକ ଗୁରୁ ସୁବାସ ଚନ୍ଦ୍ର ସାଇଁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବରିଷ୍ଠ ବୀଣାବାଦକ ରାମାରାଓ ପାତ୍ରଙ୍କୁ 'ଓଡ଼ିଶୀ ନୃତ୍ୟ ସଙ୍ଗୀତ ସମ୍ମାନ ୨୦୨୩–୨୪'ରେ ସମ୍ବର୍ଦ୍ଧିତ କରାଯାଇଥିଲା।



ଶ୍ରୀଜଗନ୍ନାଥ ଦର୍ଶନ ଅନୁଷ୍ଠାନ ପକ୍ଷରୁ ପୁରୀ ସଂସ୍କୃତି ଭବନରେ ରବିବାର ଆୟୋଜିତ ଶିକ୍ଷାଶ୍ରୀ ସମ୍ମାନ ସମାରୋହରେ ଅତିଥିଙ୍କ ଗହଣରେ ସମ୍ମାନିତ ହୋଇଥିବା ଛାତ୍ରୀଛାତ୍ର। (ଫଟୋ– ଯଜ୍ଞେଶ୍ୱର ମହାନ୍ତି)

## ଶିକ୍ଷାଶ୍ରୀ ସମ୍ମାନ ସମାରୋହ

**ପୁରୀ,୨୩।୬(ଅଜିତ୍ କୁମାର ମହାନ୍ତି):**

ଶ୍ରୀଜଗନ୍ନାଥ ଦର୍ଶନ ଅନୁଷ୍ଠାନ ପକ୍ଷରୁ ଶିକ୍ଷାଶ୍ରୀ ସମ୍ମାନ ସମାରୋହ–୨୦୨୪ ସ୍ଥାନୀୟ ସଂସ୍କୃତି ଭବନରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ପୁରୀ ସଦର ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ଶାସନ ସଚିବ ବିନୋଦ ପଣ୍ଡା, ଇଂ. ସୂର୍ଯ୍ୟ ରଥ, ସାମାଜିକ କର୍ମୀ ଦେବାଶିଷ ତ୍ରିପାଠୀ, ଚକ୍ରଧର ମହାପାତ୍ର, ସମାଜସେବୀ ବାସୁଦେବ ପତି ଏବଂ ଅନୁଷ୍ଠାନର ସଂଯୋଜକ ସଞ୍ଜୀବ କୁମାର ରଥ ଶର୍ମା ମଞ୍ଚାସୀନ ଥିଲେ। ବିଦ୍ୟା ଅଧ୍ୟୟନ ସହ ସମାଜସେବାରେ ନିଜକୁ ନିୟୋଜିତ କରିବାକୁ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସହ ହନୁମାନ ଚାଳିଶା ପାଠ କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କେତେଜଣ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯିବା ସହ ଚଳିତ ବର୍ଷ ପୁରୀ ଜିଲାରେ ମାଟ୍ରିକ୍ ପରୀକ୍ଷାରେ ପ୍ରଥମ ସ୍ଥାନ ହାସଲ କରିଥିବା ୧୦୦ ଜଣ ଏବଂ ଯୁକ୍ତ୨ରେ ଟପ୍ପର ହୋଇଥିବା ୮ ବିଦ୍ୟାର୍ଥୀଙ୍କୁ ଅନୁଷ୍ଠାନ ପକ୍ଷରୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା। ସମସ୍ତ ପୁରସ୍କୃତ ଛାତ୍ରୀଛାତ୍ରଙ୍କୁ 'ଗୋଟିଏ ବୃକ୍ଷ ଗୋଟିଏ ଜୀବନ'ର ବାର୍ତ୍ତା ଦେଇ ଚାରା ବଣ୍ଟନ କରାଯାଇଥିଲା।

## ଜୁନିୟରରେ ସ୍ୱୀକୃତି, ସିନିୟରରେ ଅନ୍ୱେଷା ପ୍ରଥମ

**ପୁରୀ,୨୩।୬(ଅଜିତ କୁମାର ମହାନ୍ତି)**

**ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା**

ଶିଶୁ ଖବରକାଗଜ 'ଶିଶୁ ସମାଚାର'ର ୧୭ଶ ତମ ସ୍ୱନକ୍ଷତ୍ର ଉତ୍ସବ ପାଳନ ଅବସରରେ ରବିବାର ବିଶ୍ୱମ୍ଭର ବିଦ୍ୟାପୀଠ ପରିସରରେ ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ସ୍କୁଲରୁ ଆସିଥିବା ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସବ୍‌ଜୁନିୟର ବିଭାଗରେ ସେଣ୍ଟ ଜାଭିୟର ସ୍କୁଲର ଲଗ୍ନଲୋକିତ ତ୍ରିପାଠୀ ପ୍ରଥମ, ପୁରୀ କେନ୍ଦ୍ରୀୟ ବିଦ୍ୟାଳୟର ପ୍ରିୟାଂଶୀ ପ୍ରଧାନ ଦ୍ୱିତୀୟ, ମଦର ପବ୍ଲିକ ସ୍କୁଲର ଭାଗ୍ୟଶ୍ରୀ ପାଲ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଜୁନିୟର ବିଭାଗରେ ଡିଏଭି ପବ୍ଲିକ ସ୍କୁଲର ସ୍ୱୀକୃତି ମହାପାତ୍ର ପ୍ରଥମ, ଅନୁରାଗ ଆଚାର୍ଯ୍ୟ ଓ ସାରସ୍ୱତ ବିଦ୍ୟା ନିକେତନର ସନ୍ଦୀପ ଜେନା ଯୁଗ୍ମ ଭାବେ ଦ୍ୱିତୀୟ, ଡିଏଭି ସ୍କୁଲର ଇଶାନ କୁମାର ନାୟକ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସିନିୟର୍ ବିଭାଗରେ କେନ୍ଦ୍ରୀୟ ବିଦ୍ୟାଳୟର ଅନ୍ୱେଷା ପଟ୍ଟନାୟକ ପ୍ରଥମ, ପୁରୀ ଜିଲା ସ୍କୁଲର ଶୁଭଶ୍ରୀ ଦାସ ଓ କେନ୍ଦ୍ରୀୟ ବିଦ୍ୟାଳୟର ଉଦୀପ୍ତା ଉପାସନା ଯୁଗ୍ମ ଭାବେ ଦ୍ୱିତୀୟ, ସେଣ୍ଟ ଜାଭିୟର ସ୍କୁଲର ଶ୍ରେୟା ମହାନ୍ତି ତୃତୀୟ ସ୍ଥାନ ହାସଲ କରିଛନ୍ତି। ପ୍ରତିଯୋଗିତାର ବିଚାରକ ଭାବେ ଦୁର୍ଗାମାଧବ କର, ବିଶ୍ୱନାଥ ପଣ୍ଡା, ଶଶିକାନ୍ତ ସାହୁ ଓ ସତ୍ୟ ପାଢ଼ୀ ଯୋଗଦେଇଥିଲେ। ପ୍ରାରମ୍ଭରେ ଶିଶୁ ସମ୍ପାଦକ ସୁକାନ୍ତ ପଣ୍ଡା ଅତିଥିମାନଙ୍କୁ ସ୍ୱାଗତ କରିବା ସହିତ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଅଭ୍ୟର୍ଥନା କମିଟିର ଉପାଧ୍ୟକ୍ଷ ସିଦ୍ଧାର୍ଥ ରାୟ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଶିଶୁଙ୍କ ଲୁକ୍କାୟିତ ପ୍ରତିଭା ବିକାଶ କରିବା ଦିଗରେ ଶିଶୁ ସମାଚାର ବିଭିନ୍ନ ପ୍ରତିଯୋଗିତା ମାଧ୍ୟମରେ ବର୍ଷତମାମ୍ ପ୍ରୟାସ ଜାରି ରଖିଥାଏ ବୋଲି କହିଥିଲେ। ଏହି ଅବସରରେ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ଅବନୀଶ ରଥ, ଶିବସୁନ୍ଦର ମିଶ୍ର, ଶ୍ରୀକାନ୍ତ ମହାନ୍ତି, ଶୁଭନାରାୟଣ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ 'ଦି ବେଲ୍' ଏବଂ ସମର୍ପଣ ଅନୁଷ୍ଠାନର ସଦସ୍ୟା ସଦସ୍ୟ ପରିଚାଳନା କରିଥିଲେ। ଉଲ୍ଲେଖଯୋଗ୍ୟ, ଆସନ୍ତା ୩୦ ତାରିଖ ରବିବାର ସ୍ଥାନୀୟ ସୁଖଲତା ବିଦ୍ୟାଳୟରେ ଅନୁଷ୍ଠାନ ତରଫରୁ ବିଦ୍ୟାଳୟସ୍ତରୀୟ ବକ୍ତୃତା, ପ୍ରବନ୍ଧ, ଗଣିତ ସମାଧାନ ଏବଂ ଜୁଲାଇ ୨୧ରେ ଚେସ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ସମ୍ପାଦକ ସୂଚନା ଦେଇଛନ୍ତି।

## ପରିବା ଦର ଆକାଶଛୁଆଁ, ଗ୍ରାହକ ହନ୍ତସନ୍ତ

**କଣାସ,୨୩।୬(ବିଭୂତି ଭୂଷଣ ତ୍ରିପାଠୀ):**

ବଜାରରେ ରାଶନ ଦର ବୃଦ୍ଧି ପାଉଥିବାବେଳେ ପରିବା ଦର ଆକାଶ ଛୁଆଁ ହୋଇଛି। କଣାସ ବଜାର, ଗୋଲା ବଜାର, ଜଙ୍କିଆ ବଜାର, ବିଜିପୁର ବଜାର, କରମଳା ବଜାର, ଗଡିଶାଗୋଡା ବଜାର, ବଡାଲ ବଜାର, ସାହୁପଡା ବଜାର, ମନ୍ଦାରବସ୍ତ ବଜାର, ଗଡଖାରଦ ବଜାର, ଜଙ୍ଘାର ବଜାରରେ ଆଳୁ କେଜି ୪୦ ଟଙ୍କା, ପିଆଜ କେଜି ୫୦ ଟଙ୍କା ଉପରେ ରହିଛି। ଏଥିସହ ଟମାଟୋ କେଜି ୧୦୦ ଟଙ୍କା, ବାଇଗଣ ୬୦ ଟଙ୍କା, ପୋଟଳ ୬୦ ଟଙ୍କା, କଲରା ୮୦ ଟଙ୍କା, ଜହ୍ନି ୫୦ ଟଙ୍କା, ଭେଣ୍ଡି ୫୦ ଟଙ୍କା, ଅଦା କେଜି ୨୫୦ ଟଙ୍କା, ରସୁଣ କେଜି ୨୫୦ ଟଙ୍କା, କଖାରୁ କେଜି ୩୦ ଟଙ୍କା, ଦେଶୀ ଆଳୁ କେଜି ୫୦ ଟଙ୍କା, ସଜନା ଛୁଇଁ କେଜି ୧୦୦ ଟଙ୍କା, ବିନ୍ ଛୁଇଁ ୮୦ ଟଙ୍କା, ଶାରୁ କେଜି ୬୦ ଟଙ୍କା ରହିଛି। ଫଳରେ ଗରିବ ଶ୍ରେଣୀ ଓ ମଧ୍ୟବର୍ତ୍ତୀ ପରିବାର ପ୍ରଭାବିତ ହେଉଛନ୍ତି। ଏକ କିଲୋଗ୍ରାମ୍ ଜାଗାରେ ଅଢେଇଶ ଗ୍ରାମ ପରିବା ନେଇ ଅନେକ ଲୋକ କାମ ଚଳାଉଛନ୍ତି। କଣାସ ଅଞ୍ଚଳରେ ବର୍ତ୍ତମାନ ସମୟରେ ପ୍ରଚୁର ପରିମାଣରେ କଲରା, ପୋଟଳ, ବାଇଗଣ, ଭେଣ୍ଡି, ଜହ୍ନି, କଖାରୁ ଫସଲ ଅମଳ ହେବା କଥା। ଅତ୍ୟଧିକ ରୌଦ୍ରତାପ ଯୋଗୁ ପରିବା ଫସଲ କ୍ଷତିଗ୍ରସ୍ତ ହେଉଛି। ବାହାର ରାଜ୍ୟରୁ ପରିବା ଆସି କଣାସ ଅଞ୍ଚଳରେ ବିକ୍ରି ହେଉଥିବାରୁ ଦର ଅଧିକ ରହୁଥିବା ବ୍ୟବସାୟୀ କହିଛନ୍ତି। ସେହିପରି ନିର୍ବାଚନ ପରେ ହରଡ ଡାଲି ୧୮୦ ଟଙ୍କା ଓ ସୋରିଷ ତେଲ ୧୫୦ ଟଙ୍କାରୁ ଊର୍ଦ୍ଧ୍ୱ ଏବଂ ଅନ୍ୟାନ୍ୟ ଖାଉଟି ସାମଗ୍ରୀ ଦର ବୃଦ୍ଧି ପାଇଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।

## ପୋଚ, ମଦ ଜବତ

**ବେଗୁନିଆ,୨୩।୬ (ହରପ୍ରସନ୍ନ ପଣ୍ଡା/ ସନ୍ଧ୍ୟାରାଣୀ ମିଶ୍ର):**

ଖୋର୍ଦ୍ଧା ଜିଲା ଅବକାରୀ ଓ ବେଗୁନିଆ ଅବକାରୀ ଥାନା ପକ୍ଷରୁ ରବିବାର ମିଳିତ ଭାବେ ଚଢ଼ାଉ କରାଯାଇ ବରପଦା ଜଙ୍ଗଲରୁ ୧୦ହଜାର ୫୦୦ ଲିଟର ପୋଚ, ୧୧୩୦ଲିଟର ଦେଶୀ ମଦ, ବିଭିନ୍ନ ସାମଗ୍ରୀ ଜବତ କରାଯାଇଛି। ଜବତ ପୋଚକୁ ନଷ୍ଟ କରାଯାଇଥିଲା। ତେବେ ମଦ ରନ୍ଧାଳି ଏବଂ ମାଫିଆମାନେ ଆଗୁଆ ସୂଚନା ପାଇ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଏହି ଚଢ଼ାଉରେ ଖୋର୍ଦ୍ଧା ଅବକାରୀ ରେଞ୍ଜ ଆଇଆଇସି ସନ୍ତୋଷ ସାହୁ, ବେଗୁନିଆ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଏନ୍. ଜାଗିନ ରାଓ ପ୍ରମୁଖ ସାମିଲ ଥିଲେ।

**ରଥଖଳାରୁ...**

## ଚାରିନାହାକାରେ ମୂଳ ଭୂଇଁ, ମଝି ଭୂଇଁ ପଡ଼ିବା ସରିଲା



ରଥର ଦ୍ୱିତୀୟ ଭୂଇଁ ଖଞ୍ଜାଯାଉଛି।

**ପୁରୀ,୨୩।୬(ଅଜିତ୍ କୁମାର ମହାନ୍ତି)**

ସ୍ନାନପୂର୍ଣ୍ଣିମାରେ ତିନି ରଥର ଦଣ୍ଡାରେ ଖଦି ଓରା ପଡ଼ି, କାପବିନ୍ଧ ଶେଷ ସହ ତିନିରଥର ଦ୍ୱିତୀୟ ଭୂଇଁ ଫ୍ରେମନିର୍ମାଣ ସରିଥିବା ବେଳେ ରବିବାର ଚଉଦ ନାହାକା ଖମ୍ବିଗୁଡ଼ିକୁ ପ୍ରତି ରଥର ଚାରି ନାହାକାଠାରୁ ଅଢେଇ ଫୁଟ ବ୍ୟବଧାନରେ ଚାରିନାହାକା ଚାରିପାର୍ଶ୍ୱରେ ବୁଲିବା ସହ ପ୍ରଥମ ଭୂଇଁ ଛ' କାଠିରେ ପାଖୁଡ଼ା ସଂଯୋଗ ହୋଇ, ତିନିରଥରେ ମଝି ଭୂଇଁ ବା ଦ୍ୱିତୀୟ ଭୂଇଁ ଫ୍ରେମ ସଂଯୋଗ ହୋଇଛି। ଏହି ୧୪ ନାହାକା ନିର୍ମାଣକାରୀଙ୍କ ଭାଷାରେ ୧୦ଟି ପନିକି ପଟା, ୪ଟି ଚଢ଼େଇକୁ ନେଇ ଗଠିତ। ୧୦ଟି ନାହାକା ବା ପନିକି ପଟା ୨୦ ଫୁଟର ଅଷ୍ଟ କୋଣୀ ହୋଇଥାଏ ଏବଂ ୪ଟି ଚଢେଇ ୨୦ ଫୁଟର ସାମାନ୍ୟ ଧନୁ ପରି ବଙ୍କାହୋଇ ନିର୍ମାଣ କରାଯାଇଥାଏ। ଏହି ଚଢେଇ ଗୟଳ ସହ ଘଷି ନହୁଏ ସେହି ଦୃଷ୍ଟିରୁ ଅନ୍ୟ ନାହାକା ଅପେକ୍ଷା ବଙ୍କା ରହିଥାଏ, ଫଳରେ ରଥର ଗଠନ ଶୈଳୀ ସୁନ୍ଦର ଦିଶେ। ଏଥିସହ ରବିବାର ରଥଚାଳିରେ ତିନି ରଥର ତୃତୀୟ ଭୂଇଁ ବା ଅଗ ଭୂଇଁ ଫ୍ରେମ ନିର୍ମାଣ ଶେଷ ହୋଇଛି। ଅଗ ଭୂଇଁ ଫ୍ରେମ ୪ଟି ଚଉତା ବର୍ଗାକାରରେ ସଂଯୋଗ ହୋଇ ତା'ର ଚାରିକୋଣରେ ୪ଟି ଭୂଇଁ ଗୋଡ଼ ଉଠି ଭୂଇଁର ଚାରିପଟେ, ପ୍ରତି ପାର୍ଶ୍ୱରେ ୬ଟି ଲେଖାଏ ଛିଆଣ ସଂଯୋଗ ହୋଇ ତୃତୀୟ ଭୂଇଁ ଫ୍ରେମ୍ ନିର୍ମାଣ ସରିଛି। ଏଥିସହ ତିନିରଥର ୪ଟି ଲେଖାଏଁ କତରା ନିର୍ମାଣ ଶେଷ ହୋଇଛି। ମହାରଣା ସେବକମାନେ ତିନିରଥର ଗୋଟିଏ ଗୋଟିଏ ଧୂଳି ଦଣ୍ଡା ଚଉପଟ କରି ରୂପକାର ସେବକମାନଙ୍କୁ ଯୋଗାଇ ଦେଇଛନ୍ତି। ରୂପକାର ସେବକମାନେ ସେଥିରେ ୫ଟି ଲେଖାଏ ପଦ୍ମଫୁଲ ଏବଂ ଦୁଇପାର୍ଶ୍ୱରେ ପଦ୍ମ କଢି ଖୋଦେଇ କରିବେ। ରୂପକାର ସେବକମାନେ ତିନିରଥର ନାଟ ଗୋଡ଼ରେ ରାହୁ ରୂପ ଖୋଦେଇ ସହ ଧୂଳିଦଣ୍ଡାରେ ପଦ୍ମ ଫୁଲ, ପଦ୍ମ କାଢି ଖୋଦେଇ ଜାରି ରଖିଛନ୍ତି। ଏଥିସହ ତିନିରଥ ସମ୍ମୁଖ ଚକଗୁଡିକର ଉଭୟ ପାର୍ଶ୍ୱରେ ପଇ, ପଇ ସଂଯୋଗ ସ୍ଥାନରେ ଲୁହାପ୍ଲେଟମାନ ନଟବୋଲ୍ଟ ଦେଇ ମହାରଣା ସେବକମାନେ ଫିଟିଙ୍ଗ କରିଛନ୍ତି। ଚିତ୍ରକାର ସେବକମାନେ ତିନିରଥ ପାର୍ଶ୍ୱ ଦେବଦେବୀ, ସଖୀ, ଶିଖର ଡମ୍ବରୁ, ଓଲଟଶୁଆ, ଠେକେରା ବାଡ ଇତ୍ୟାଦିରେ ରଙ୍ଗ କାର୍ଯ୍ୟ ସହ, ତାଳଧ୍ୱଜ ରଥ ଏବଂ ନନ୍ଦିଘୋଷ ରଥର ଚକ ଏବଂ ଦଣ୍ଡାଗୁଡ଼ିକର ରଙ୍ଗ ପୂର୍ବରୁ ସେଥିରେ ଧଳା ପ୍ରାଇମର ଦେବା ଆରମ୍ଭ କରିଛନ୍ତି। ଦୋଳବେଦିସ୍ଥିତ ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ ତିନି ରଥର କତରା କଣ୍ଟା, କଇଞ୍ଚି କଣ୍ଟା ଏବଂ ପୋଟଳ ପାଇଁ ବାଗିଆ କଣ୍ଟା ନିର୍ମାଣ ଜାରି ରଖିଛନ୍ତି।

## ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ



**ପୁରୀ,୨୩।୬(ଅଜିତ୍ କୁମାର ମହାନ୍ତି)**

ବସ୍ତିବାସିନ୍ଦାଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ସଚେତନ କରାଇବା ଉଦ୍ଦେଶ୍ୟରେ ପୁରୀର ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଗ୍ରାମ୍ୟ ପ୍ରଭା' ଏବଂ ଏନ୍‌ଆଇସିଏସ୍‌ଆଇ ମିଳିତ ଭାବେ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଏହି କ୍ରମରେ ଘୋଡ଼ାବଜାର ଓ ପେଣ୍ଟକଟାସ୍ଥିତ ବିଜୁ ନଗରଠାରେ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଘୋଡ଼ା ବଜାରଠାରେ ଶିବିରକୁ ସମାଜସେବୀ ରାଜାରାମ ଉଦ୍‌ଘାଟନ କରିଥିଲେ। ବିଜୁ ନଗରଠାରେ ଅନୁଷ୍ଠିତ ଶିବିର ସନ୍ତୋଷ କୁମାର ପ୍ରଧାନଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। କିଶୋରୀଙ୍କ ସ୍ୱାସ୍ଥ୍ୟରକ୍ଷା, ଗର୍ଭବତୀ ମହିଳାଙ୍କ ଯତ୍ନ, ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଆଦି ବିଭିନ୍ନ ଦିଗ ପ୍ରତି ଉପସ୍ଥିତ ବାସିନ୍ଦାଙ୍କୁ 'ନିଜ ସ୍ୱାସ୍ଥ୍ୟ ପାଇଁ ନିଜେ' ବାର୍ତ୍ତା ପ୍ରଦାନ କରାଯାଇଥିଲା। ଇ–୨୪ ହସ୍ପିଟାଲ ସହଯୋଗ ଏବଂ ଇପ୍ସିତା ମିଶ୍ରଙ୍କ ପରାମର୍ଶରେ ଡା. ଆଦିତ୍ୟ ନାୟକ, ଡା. ସୁଭାଷିନୀ ପଟ୍ଟନାୟକ, ଡା. ଶୁଭେନ୍ଦୁ କୁମାର ମହାପାତ୍ର, ସିଷ୍ଟର ମିତା ପ୍ରଧାନ, ଧନୀ ସେଠୀ , ନିବେଦିତା ମହାପାତ୍ର, ଗାୟତ୍ରୀ ବେହେରା ଓ ସଂଜୁଲତା ମିଶ୍ର ପ୍ରମୁଖ ଯୋଗଦେଇ ଲୋକଙ୍କୁ ସେବା ଯୋଗାଇଥିଲେ। ୨୭୪ ଜଣ ବାସିନ୍ଦାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ଦିଆଯାଇଥିଲା। କାର୍ଯ୍ୟକ୍ରମକୁ ଏମ୍. କ୍ରିଷ୍ଣାରେଡ୍ଡୀ, ଶିବ ପ୍ରସାଦ ନାୟକ, ପି.ଭାନୁମତୀ, ଉର୍ମିଳା ରେଡ୍ଡୀ, ପ୍ରିୟଙ୍କା ଚକ୍ରବର୍ତ୍ତୀ, ପି.ପୁଷ୍ପା ଦେବୀ, ମମତା ମହାରଣା ପ୍ରମୁଖ ପରିଚାଳନା କରିଥିଲେ। ଗ୍ରାମ୍ୟ ପ୍ରଭା ତରଫରୁ ଲଭଲି ଦାସଗୁପ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ୩୦ ଗରିବଙ୍କ ମୁହଁରେ ହସ ଫୁଟାଉଛନ୍ତି ଚିତ୍ତରଞ୍ଜନ

**ଗୋପ,୨୩।୬(ଭାରତୀ ଭୂଷଣ ଉପାଧ୍ୟାୟ)**



**ଛତୁଚାଷ ଦେଇଛି ପରିଚୟ**

ଛତୁ ଚାଷ ହେଉଛି ଏକ ଲାଭଜନକ ଚାଷ। କିନ୍ତୁ ଅଧିକ ମାତ୍ରାରେ ପରିଶ୍ରମ ସହିତ ପ୍ରତ୍ୟେକ ସମୟରେ ଅନ୍ୟ ଉପରେ ନିର୍ଭର ହେବାକୁ ପଡ଼ିଥାଏ। ଗୋପ ବ୍ଲକ ବଡତରା ପଞ୍ଚାୟତ ମଲ୍ଲଗ୍ରାମ ଗ୍ରାମର ଚିତ୍ତରଞ୍ଜନ ପାଇକରାୟ ଦୀର୍ଘ ୮/୧୦ ବର୍ଷ ଏହି ଛତୁଚାଷ କରି ଦୈନନ୍ଦିନ ୩୦ ଜଣ ଗରିବ ଲୋକଙ୍କୁ କାମ ଯୋଗାଇ ସେମାନଙ୍କ ମୁହଁରେ ହସ ଫୁଟାଇ ପାରିଛନ୍ତି। ଲୋକଙ୍କ ମୁହଁରେ ଏପରି ଖୁସି ଆଣିପାରିବାରେ ସେ ଆନନ୍ଦ ଅନୁଭବ କରୁଥିବା କହିଛନ୍ତି। ଚିତ୍ତରଞ୍ଜନ ୧୦ ବର୍ଷ ତଳେ ଛତୁ ଚାଷ କରିବାକୁ ଚିନ୍ତା କରି ଗାଁ ନିକଟସ୍ଥ ଏକ ଜଙ୍ଗଲରେ ଅଳ୍ପ କିଛି ଜଙ୍ଗଲରେ ଛତୁଚାଷ ଆରମ୍ଭ କରିଥିଲେ। ଦୈନନ୍ଦିନ ଚିତ୍ତରଞ୍ଜନ ୫ ଗୁଣ୍ଠ ଜମିରେ ଛତୁ ବେଡ୍ ପକାଇ ଛତୁଚାଷ କରୁଥିବାବେଳେ ଏଥିପାଇଁ ସେ ୩୦ ଜଣ ଶ୍ରମିକଙ୍କୁ ନିୟୋଜିତ କରିଛନ୍ତି। ପ୍ରତ୍ୟେକ ଦିନ ରାଜ୍ୟର ପୁରୀ, ଭୁବନେଶ୍ୱର, କଟକ, ରାୟପୁର ସହିତ ଅନେକ ସ୍ଥାନକୁ ଛତୁ ପଠା ଯାଉଥିବାବେଳେ ଜିଲାର ବିଭିନ୍ନ ସ୍ଥାନରୁ ଛତୁ ବେପାରୀ ମଧ୍ୟ ସକାଳୁ ଏଠାରୁ ଛତୁ ନେଇଥାନ୍ତି। ଏହି ଛତୁ ଚାଷରେ ପ୍ରତ୍ୟେକ ଦିନ ୧୨ରୁ ୧୫ ହଜାର ଟଙ୍କା ଖର୍ଚ୍ଚ ହେଉଥିବାବେଳେ ଲାଭାଂଶ ବାବଦରେ ୨/୩ ହଜାର ଟଙ୍କା ମିଳିବା ସହ ପରିବାର ଚଳିଯାଏ ବୋଲି ଚିତ୍ତରଞ୍ଜନ କହିଛନ୍ତି।

## ରାସ୍ତାରେ ଜମୁଛି ପାଣି: ଗମନାଗମନ ବାଧାପ୍ରାପ୍ତ

**କୋଣାର୍କ,୨୩।୬(ଜ୍ୟୋତିରାଜ ମହାନ୍ତି)**



କୋଣାର୍କ ଗ୍ରାମ୍ୟ ଉନ୍ନୟନ ଉପଖଣ୍ଡ ଅଧୀନସ୍ଥ ମହଲପଡ଼ା ପଞ୍ଚାୟତର ଆମ୍ବିଲିଗାଁଠାରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ମାଧ୍ୟମରେ ରାସ୍ତା କାର୍ଯ୍ୟ ନିମ୍ନମାନର ହୋଇଥିବା ଅଭିଯୋଗ ହେଉଛି। ସମ୍ପ୍ରତି ମୌସୁମୀ ବର୍ଷା ଯୋଗୁ ଏହି ରାସ୍ତାରେ ପାଣି ଜମି ରହିଛି। ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେବା ସହ ଗମନାଗମନ ବାଧାପ୍ରାପ୍ତ ହୋଇଛି। ରାସ୍ତାରୁ ବର୍ଷାଜଳ ନିଷ୍କାସନ ପାଇଁ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଜନସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ନିଷ୍କାସନ ବ୍ୟବସ୍ଥା ନ ଥିବାରୁ ବର୍ଷାଜଳ ଜମିରହୁଛି। ସେଠାରେ ପେଭର ବ୍ଲକ ପକାଇ ରାସ୍ତା ନିର୍ମାଣ କାମ ଯୁଦ୍ଧକାଳୀନ ଭିତ୍ତିରେ କରାଇବାକୁ ପଦକ୍ଷେପ ନେବା ପାଇଁ ମୁଖ୍ୟମନ୍ତ୍ରୀ, ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ, ବିଭାଗୀୟ ସଚିବ ଓ ପୁରୀ ଜିଲାପାଳଙ୍କୁ ଆମ୍ବିଲିଗାଁ ଗ୍ରାମବାସୀ ନିବେଦନ କରିଛନ୍ତି।

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. MCSW-Scrap-Dis-24-25-14

**କାର୍ଯ୍ୟର ନାମ :** ରେଳ ଡ଼ବା ମରାମତି କାରଖାନା, ମଞ୍ଚେଶ୍ୱରଠାରେ ପଲିକ୍ରାକ୍ (Polycrack) ୟୁନିଟ୍ ପଛରେ ଥିବା ଅଂଚଳରେ ଶୂନ୍ୟ ମୂଲ୍ୟ / କମ୍ ମୂଲ୍ୟ ସ୍କ୍ରାପ୍‌କୁ ଅଲଗା କରିବା ତଥା ଏକ ଅନୁମୋଦିତ ପ୍ରାଧିକୃତ ଏଜେନ୍ସି ଦ୍ୱାରା ସ୍ଥାନୀୟ ସଂସ୍ଥାର ସ୍ୱୀକୃତ ଅଳିଆଗଦାସ୍ଥିତ ରେଳବାଇ ପରିସରରେ ସେଗୁଡ଼ିକର ଅପସାରଣ ।

**ବିଜ୍ଞାପିତ ମୂଲ୍ୟ (₹) :** 36,91,477.90, EMD (₹) : 73,800.00, ଶେଷ ହେବା ଅବଧି : 06 ମାସ ।

ବିଡ୍ ଆରମ୍ଭ ହେବା ତାରିଖ : ତା.25.06.2024 ରିଖ,

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.09.07.2015 ରିଖ 1500 ଘଟିକାରେ ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.in ରେ ଉପଲବ୍ଧ ଅଟେ ।

ଡେପୁଟି ଚିଫ୍ ମେକାନିକାଲ ଇଂଜିନିୟର(Prod), ରେଳ ଡବା ମରାମତି କାରଖାନା/ ମଞ୍ଚେଶ୍ୱର

PR-237/P/24-25


ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଯୁବ ଲେଖକ ଡ.ପ୍ରଦୀପ କୁମାର ସ୍ୱାଇଁ ତାଙ୍କ ଲିଖିତ ସାନ୍ତାଳୀ ଇତିହାସ, ପଶ୍ଚିମ ଓଡ଼ିଶାର ଲୋକଗୀତ, ଭଲ ଆଦିବାସୀ ଏବଂ ଓଡ଼ିଶା ଆଦିବାସୀଙ୍କ ଇତିହାସ ପୁସ୍ତକ ପ୍ରଦାନ କରୁଛନ୍ତି।

# ବିଦ୍ୟୁତ୍ କାଟକୁ ନେଇ ୫ ପଞ୍ଚାୟତବାସୀଙ୍କ ପ୍ରତିବାଦ

ବାରଙ୍ଗ,୨୩।୬(ଲିଙ୍ଗରାଜ ରାଉତ)





ଗତ କିଛିଦିନ ହେବ ରାଜଧାନୀ ଉପକଣ୍ଠ ଗ୍ରାମଗୁଡ଼ିକରେ ବାରମ୍ବାର ଅଘୋଷିତ ବିଦ୍ୟୁତ୍ କାଟରେ ଅଞ୍ଚଳବାସୀ ଅତିଷ୍ଠ ହୋଇ ରବିବାର ଏହାର ପ୍ରତିବାଦ କରିଛନ୍ତି। ବିଦ୍ୟୁତ୍ କାର୍ଯ୍ୟାଳୟର ଏକ ଗାଡ଼ି ଏବଂ କର୍ମଚାରୀଙ୍କୁ ଅଟକ ରଖିବା ସହ ବିଭିନ୍ନ ସ୍ଥାନରେ ମୁଖ୍ୟ ରାସ୍ତା ଅବରୋଧ କରି ଟାୟାର ଜାଳିଥିଲେ। ଫଳରେ ଯାତାୟାତରେ ବାଧା ସୃଷ୍ଟି ହୋଇଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ଠିକ୍ ବିଦ୍ୟୁତ୍ ଯୋଗାଣ ପାଇଁ ଅଧିକାରୀଙ୍କ ସହ ଆଲୋଚନା କରିବାକୁ ପ୍ରତିଶ୍ରୁତି ଦେବାରୁ ଅବରୋଧ ହଟିବା ସହ ଯାତାୟାତ ସ୍ୱାଭାବିକ ହୋଇଥିଲା।

ପ୍ରକାଶ ଯେ, ଗତ କିଛି ମାସ ଧରି ରଘୁନାଥପୁର, ଦାଢ଼ା, କଲ୍ୟାଣପୁର, ବରିମୁଣ୍ଡ ଓ ଇଞ୍ଜଣା ଆଦି ୫ ପଞ୍ଚାୟତରେ ଅଘୋଷିତ ବିଦ୍ୟୁତ୍ କାଟ ହେଉଛି। ଏଥିନେଇ ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କୁ ଯୋଗାଯୋଗ କଲେ ମଧ ଉପଯୁକ୍ତ ଉତ୍ତର ମିଳୁ ନ ଥିଲା। ଏଥିରେ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଧୀରେ ଧୀରେ ବୃଦ୍ଧି ପାଇବାରେ ଲାଗିଥିଲା। କିନ୍ତୁ ୧ ମାସ ହେବ କଲ୍ୟାଣପୁର, ଇଞ୍ଜଣା, ବରିମୁଣ୍ଡ ଆଦି ୩ ପଞ୍ଚାୟତରେ ବହୁ ସମୟ ଧରି ବିଦ୍ୟୁତ୍ କାଟ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ରବିବାର ପୂର୍ବାହ୍ନରେ କୌଣସି ତ୍ରୁଟିର ଆଳ ଦେଖାଇ କଳାରାହାଙ୍ଗଠାରୁ ଅନ୍ୟ ଗ୍ରାମଗୁଡ଼ିକୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରି ଦିଆଯାଇଥିଲା। ବିଦ୍ୟୁତ୍ ବିଭାଗର କର୍ମଚାରୀ ଏକ ଗାଡ଼ି ଯୋଗେ ଆସୁଥିବାବେଳେ ଟାଙ୍ଗିବନ୍ତ ଗ୍ରାମ ପାଖରେ ଗ୍ରାମବାସୀ ସେମାନଙ୍କୁ ରୋକି ଅଘୋଷିତ ବିଦ୍ୟୁତ୍ କାଟର କାରଣ ଜାଣିବାକୁ ଚାହିଁବା ସହ ଉପରିସ୍ଥ ଅଧିକାରୀଙ୍କୁ ଡାକିବାକୁ ଜିଦ୍ ଧରିଥିଲେ। ଖବର ଆଖପାଖ ଗ୍ରାମରେ ପ୍ରଘଟ ହେବା ପରେ ଏତେ ଦିନ ଧରି ଗରମ, ଗୁଳୁଗୁଳିରେ ଅତିଷ୍ଠ ହେଉଥିବା ଅସନ୍ତୁଷ୍ଟ ଜନସାଧାରଣ

## ଟାୟାର ଜାଳି ସାଢ଼େ ୩ ଘଣ୍ଟା ରାଜରାସ୍ତା ଅବରୋଧ

ରାଜରାସ୍ତାକୁ ଆସି ପ୍ରତିବାଦ କରିଥିଲେ। ଗଣ୍ଡରପୁର ଉଚ୍ଚ ବିଦ୍ୟାଳୟ ଛକରେ ଉତ୍ତ୍ୟକ୍ତ ଗ୍ରାମବାସୀ ମୁଖ୍ୟ ରାସ୍ତା ଉପରେ ବାଉଁଶ ବାନ୍ଧି ରାସ୍ତା ଅବରୋଧ କରିଥିଲେ। ଗଣ୍ଡରପୁରଠାରେ ଏକ ମୋ ବସ୍ ଫସି ରହିଥିଲା। ଫଳରେ ସେଥିରେ ଥିବା ଯାତ୍ରୀ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସେହିପରି ବରିମୁଣ୍ଡସ୍ଥିତ ବାଲିଯାତ୍ରା ପଡ଼ିଆଠାରେ ୫ ପଞ୍ଚାୟତର ଶତାଧିକ ଉତ୍ତ୍ୟକ୍ତ ଜନସାଧାରଣ ଜରିପାଟଣା ଗ୍ରାମ ରାସ୍ତା ଏବଂ ବାରଙ୍ଗକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତାକୁ ଟାୟାର ଜାଳି ଅବରୋଧ କରିଥିଲେ। ଫଳରେ ସାଢ଼େ ୩ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ପର୍ଯ୍ୟନ୍ତ ଯାତାୟାତରେ ସମସ୍ୟା ସୃଷ୍ଟି ହୋଇଥିଲା। ବାଲିଯାତ୍ରା ପଡ଼ିଆଠାରେ ନନ୍ଦନକାନନରୁ ଫେରୁଥିବା ବହୁ ପର୍ଯ୍ୟଟକଙ୍କ ଗାଡ଼ି ଦୀର୍ଘ ସମୟ ଧରି ଅଟକି ରହିଥିଲା। ବରିମୁଣ୍ଡ ଗ୍ରାମ ସଭାପତି ପବିତ୍ର ନାୟକ, ବୟୋଜ୍ୟେଷ୍ଠ ମୁରବି ଅନ୍ତର୍ଯାମୀ କୁଅଁରଙ୍କ ସମେତ ବହୁ ଲୋକ ପ୍ରତିନିଧି, ମୁରବି, ଯୁବକମାନେ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ। ଖବରପାଇ ନନ୍ଦନକାନନ ଥାନା ପୋଲିସ ଏବଂ ମଞ୍ଚେଶ୍ୱର ଥାନା ଅଧିକାରୀ ମାନସ ସ୍ୱାଇଁ ଏବଂ ଜୋନ୍ ଏସିପି କିଶନ ଗୌତମ ପ୍ରମୁଖ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ ମଧ ଅଞ୍ଚଳବାସୀ ନିଜ ଜିଦରେ ଅଟଳ ରହିଥିଲେ। ଯେ ପର୍ଯ୍ୟନ୍ତ ବିଦ୍ୟୁତ୍ ବିଭାଗୀୟ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥାୟୀ ପ୍ରତିକାର ପାଇଁ ପ୍ରତିଶ୍ରୁତି ଦେଇନାହାନ୍ତି, ସେ ପର୍ଯ୍ୟନ୍ତ ରାସ୍ତା ଅବରୋଧ ହଟିବ ନାହିଁ ବୋଲି ଆନ୍ଦୋଳନକାରୀ ରାସ୍ତା ଉପରେ ବସି ଧାରଣା ସହ ହୋହଲ୍ଲା କରିଥିଲେ। ପୋଲିସ ପକ୍ଷରୁ ବିଦ୍ୟୁତ୍ ବିଭାଗ ଯନ୍ତ୍ରୀଙ୍କ ସହ ଆଲୋଚନା ପରେ ତ୍ରୁଟି ସଂଶୋଧନ କରାଯାଇ ବିଦ୍ୟୁତ୍ ସରବରାହ ସ୍ୱାଭାବିକ ହେବାର ପ୍ରତିଶ୍ରୁତି ପରେ ରାସ୍ତା ଅବରୋଧ ହଟିଥିଲା।

# ସରକାରୀ ଜମି ଦୁର୍ନୀତିରେ ୪ ଆଇପିଏସ୍ ଅଧିକାରୀ

## କାର୍ଯ୍ୟାନୁଷ୍ଠାନ ଦାବି କଲା ସୂଚନା ଅଧିକାର ଅଭିଯାନ



ଖବରଦାତା ସମ୍ମିଳନୀରେ ସୂଚନା ଅଭିଯାନର ପ୍ରଦୀପ ପ୍ରଧାନ ଏବଂ ଅନ୍ୟମାନେ ଅଭିଯୋଗ କରୁଛନ୍ତି।

ଭୁବନେଶ୍ୱର,୨୩।୬(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ପାତ୍ରପଡ଼ା ଅଞ୍ଚଳରେ ୪ଜଣ ବରିଷ୍ଠ ଆଇପିଏସ୍ ଅଧିକାରୀ ଓ ଅନ୍ୟମାନେ ଜାଲ କାଗଜପତ୍ର କରି ସରକାରୀ ଜମି ହାତେଇଛନ୍ତି। ରବିବାର ଭୁବନେଶ୍ୱରସ୍ଥିତ ଗୋଦାବରୀଶ ସାହିତ୍ୟ ସଂସଦଠାରେ ଓଡ଼ିଶା ସୂଚନା ଅଧିକାର ଅଭିଯାନ (ଓଏସ୍ଏଏ) ପକ୍ଷରୁ ଖବରଦାତା ସମ୍ମିଳନୀ କରାଯାଇ ଏଭଳି ଅଭିଯୋଗ କରାଯାଇଛି। ଅଭିଯୋଗ ଅନୁଯାୟୀ, ପାତ୍ରପଡ଼ା ମୌଜା ଅନ୍ତର୍ଗତ ଜାତୀୟ ରାଜପଥ କଡ଼ରେ ସରକାରୀ ପ୍ଲଟ୍ ନଂ. ୩୨୧ରେ ଥିବା ୭.୫ ଏକର ଜମିକୁ ପ୍ରଭାବଶାଳୀ ଜମି ଦଲାଲମାନେ ଚଞ୍ଚକତା କରି ବରିଷ୍ଠ ଆଇପିଏସ୍ ଅଫିସରଙ୍କ ପରିବାର ସଦସ୍ୟଙ୍କ ସମେତ ଅନ୍ୟ କେତେଜଣଙ୍କୁ ବିକ୍ରି କରିଛନ୍ତି। ଏସବୁ ଜମି ୨୭ଥର କିଣାବିକା ହୋଇଛି। ୬ ଏକର ସରକାରୀ ଜମିକୁ ଚାଷ କାର୍ଯ୍ୟ ଉଦ୍ଦେଶ୍ୟରେ ଜାଲ କାଗଜପତ୍ର କରାଯାଇଥିବାବେଳେ ଜଙ୍ଗଲ ବିଭାଗ ଅଧୀନ ସ୍ମୃତି ବନ ପାଚେରୀକୁ ଲାଗି ରହିଥିବା ୧.୫ ଏକର ପରିମିତ ଏକ ସର୍ବସାଧାରଣ ରାସ୍ତାକୁ ମାଡିବସି କବାଡିଆ ଗୋଦାମ କରିଛନ୍ତି। ୨୫୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମୂଲ୍ୟର ଏହି ସରକାରୀ ଜମିକୁ ସମସ୍ତେ ମିଳି ମାଡି ବସିଛନ୍ତି। ଭଡାରେ ଲଗାଇ ଗତ ୧୦ ବର୍ଷ ହେବ ମାସିକ ୨୦ ଲକ୍ଷ ହିସାବରେ ପ୍ରାୟ ୨୫ କୋଟି ଟଙ୍କା ଆଦାୟ କରାଯାଇଥିବାବେଳେ ଭଡ଼ା ଟଙ୍କାକୁ ସମ୍ପୃକ୍ତ ୪ ଆଇପିଏସ ଅଫିସର ଏବଂ ଅନ୍ୟମାନେ ନିଜ ଭିତରେ ବାଣ୍ଟି ନେଉଛନ୍ତି। ଏନେଇ ସୂଚନା ଅଧିକାର କର୍ମୀ ହୃଦାନନ୍ଦ କୋଦମାସିଂହ ଭୁବନେଶ୍ୱର ତହସିଲଦାର ଓ ବିଡିଏକୁ ତଥ୍ୟ ମାଗିବା ସହ ଅଭିଯୋଗ କରିଥିଲେ। ଏହାପରେ ବିଡିଏ ୨୦୨୧ ସେପ୍ଟେମ୍ବରରେ ଷ୍ଟାଟସ୍ ରିପୋର୍ଟ ମାଗିଥିଲେ। ରିପୋର୍ଟ ପାଇବା ପରେ ସମସ୍ତଙ୍କ ପ୍ଲାନ୍ ଅନୁମୋଦନ ରଦ୍ଦ କରାଯାଇଛି। ଏହି ଜମି କେଲେଙ୍କାରୀ ଘଟଣାରେ ପ୍ରଭାବଶାଳୀ ଆଇପିଏସ୍ ଅଫିସର ଏବଂ ଏକ ରାଜନୈତିକ ଦଳର କର୍ପୋରେଟର ସାମିଲ ଥିବାରୁ ପ୍ରଶାସନିକ ଅଧିକାରୀ ଚୁପ୍ ବସିଛନ୍ତି। ଏହି ଘଟଣାର ଏକ ଉଚ୍ଚସ୍ତରୀୟ ତଦନ୍ତ ସହ ଜାଲିଆତି କରିଥିବା ଆଇପିଏସ୍ ଅଫିସରଙ୍କ ସମେତ ଅନ୍ୟମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବା ସହ ଉକ୍ତ ସରକାରୀ ଜମିକୁ ଜବରଦଖଲମୁକ୍ତ କରାଇ ସୁରକ୍ଷା ଦେବାକୁ ସୂଚନା ଅଭିଯାନ ପକ୍ଷରୁ ପ୍ରଦୀପ ପ୍ରଧାନ, ଶ୍ରୀକାନ୍ତ ପାକଳ, ସର୍ବେଶ୍ୱର ବେହୁରା, ହୃଦାନନ୍ଦ କୋଦମାସିଂ ପ୍ରମୁଖ ଦାବି କରିଛନ୍ତି। ତେବେ ଏନେଇ ବିଡିଏ କିମ୍ବା ବିଭାଗୀୟ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।


ଭୁବନେଶ୍ୱର ଭଞ୍ଜକଳା ମଣ୍ଡପଠାରେ ରବିବାର ଅନୁଷ୍ଠିତ ରୋଟାରୀ କଳିଙ୍ଗ ସମ୍ମାନ ପ୍ରଦାନ ଉତ୍ସବରେ କଳାକାରମାନେ ନୃତ୍ୟ ପ୍ରଦର୍ଶନ କରୁଛନ୍ତି।

# 'ଆଲାପ'ର ଓଡ଼ିଶୀ ସଙ୍ଗୀତ ମହୋତ୍ସବ ଉଦ୍‌ଯାପିତ

ଭୁବନେଶ୍ୱର,୨୩।୬(ଶର୍ମିଷ୍ଠା ପାଣିଗ୍ରାହୀ)

ଆଳାପ କଲଚରାଲ ଟ୍ରଷ୍ଟ ଓ ସଙ୍କେତ ଅନୁଷ୍ଠାନ ତରଫରୁ ଅନ୍ତର୍ଜାତୀୟ ଓଡ଼ିଶୀ ସଙ୍ଗୀତ ମହୋତ୍ସବ ଗୁରୁକେଳୁଚରଣ ମହାପାତ୍ର ଓଡିଶୀ ଗବେଷଣା କେନ୍ଦ୍ର ପରିସରରେ ରବିବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଦିଲ୍ଲୀପ ରାଉତରାଏ, ପ୍ରଶାସନିକ ଅଧିକାରୀ ହେମନ୍ତ କୁମାର ସ୍ୱାଇଁ, ଅତିରିକ୍ତ ଉପଜିଲାପାଳ ଶ୍ୟାମଳ ରାୟ, ପୂର୍ବତନ ନିର୍ଦ୍ଦେଶକ ଦୂରଦର୍ଶନ ଡ. ସାନ୍ତନୁ ରାୟ, ବିଶିଷ୍ଟ ଗୀତିକାର ରାଧାନାଥ ଦାସ, ବିଶିଷ୍ଟ ମର୍ଦ୍ଦଳ ବାଦକ ଡ. ଜଗନ୍ନାଥ କୁଅଁର, ଅନୁଷ୍ଠାନର ସଭାପତି ବଦ୍ରୀନାରାୟଣ ମହାନ୍ତି, ସମ୍ପାଦକ ନିମାକାନ୍ତ ରାଉତରାୟ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ପୂଜ୍ୟପୂଜା ପରମ୍ପରାକୁ ସମ୍ମାନ ଜଣାଇ ପଦ୍ମଶ୍ରୀ ଶ୍ୟାମାମଣି ପଟ୍ଟନାୟକଙ୍କୁ ସମସ୍ତ ସଙ୍ଗୀତ ଶିଳ୍ପୀ ପାଦପୂଜା କରିଥିଲେ। ଅନୁଷ୍ଠାନ ତରଫରୁ ତାଙ୍କୁ ପୂଜ୍ୟପୂଜା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଉତ୍ସବରେ ଗୁରୁ ନିମାକାନ୍ତ ରାଉତରାୟଙ୍କ ଶିଷ୍ୟ, ପ୍ରଶିଷ୍ୟଙ୍କ ଦ୍ୱାରା ଓଡିଶୀ, ସଙ୍ଗୀତ, ଛାନ୍ଦ, ଚମ୍ପୂ, ଭଜନ, ଜଣାଣ ଆଦି ପରିବେଷଣ ହୋଇଥିଲା। ସେହିପରି ଗୁରୁଶ୍ରୀ ଡ. ସୁଶାନ୍ତ କୁମାର ଦାଶ ଓ ଶରତ କୁମାର ମହାପାତ୍ରଙ୍କୁ 'ଆଳାପ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। କବି ମୋତିଲାଲ ପତିଙ୍କ ଦ୍ୱାରା ଶ୍ରୀ ସୀତେଶ ବିଳାସ ଚମ୍ପୂ ଅତିଥିଙ୍କ ଦ୍ୱାରା ଲୋକାର୍ପଣ ହୋଇଥିଲା। ପ୍ରଫେସର ଅଳକା ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲା ବେଳେ ମଞ୍ଚ ପରିଚାଳନା କରିଥିଲେ ଡ. ମୃତ୍ୟୁଞ୍ଜୟ ରଥ।

# ୩ ବ୍ୟକ୍ତିତ୍ୱଙ୍କୁ 'ରୋଟାରୀ କଳିଙ୍ଗ ସମ୍ମାନ'

ଭୁବନେଶ୍ୱର,୨୩।୬(ଶର୍ମିଷ୍ଠା ପାଣିଗ୍ରାହୀ)

ରୋଟାରୀ କ୍ଲବ୍ ଅଫ୍ ଭୁବନେଶ୍ୱର କଳିଙ୍ଗ ପକ୍ଷରୁ ଭଞ୍ଜକଳା ମଣ୍ଡପଠାରେ ରବିବାର ରୋଟାରୀ କଳିଙ୍ଗ ସମ୍ମାନ-୨୦୨୪ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସମାଜସେବା, ସ୍ୱାସ୍ଥ୍ୟ, କଳା ଓ ସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଓଡ଼ିଶାର ତିନିଜଣ ପ୍ରମୁଖ ବ୍ୟକ୍ତିତ୍ୱ ରାଇମତୀ ଘିଉରିଆ, ଦମୟନ୍ତୀ ରାଉତ ଏବଂ ବିନୋଦ ମହାରଣାଙ୍କୁ ସମ୍ମାନିତ କରାଯାଇଛି। ଏଥିସହ ଡିଜିଏନ୍‌ଡି ଅନିଲ କୁମାର ସାମଲଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡିଷ୍ଟ୍ରିକ୍ଟ ୩୨୬୨ ଗଭର୍ନର ରୋଟାରିଆନ ଜୟଶ୍ରୀ ମହାନ୍ତି, ସମ୍ମାନିତ ଅତିଥି ରୋଟାରିଆନ ଯଜ୍ଞାଶିଷ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ରୋଟାରୀ କ୍ଲବ ଭୁବନେଶ୍ୱର କଳିଙ୍ଗର ସଭାପତି ରୋଟାରିଆନ ତ୍ରିଲୋକ ରଞ୍ଜନ ଦାଶ କହିଛନ୍ତି, ସମାଜରେ ନିଜର ଅତୁଳନୀୟ ଅବଦାନ ପାଇଁ ପ୍ରେରଣାର ଉତ୍ସର୍ଗୀକୃତ ଥିବା ବ୍ୟକ୍ତିତ୍ୱଙ୍କୁ ଏହି ସମ୍ମାନ ପ୍ରତିବର୍ଷ ଦିଆଯାଉଛି। ପୂର୍ବତନ ସଭାପତି ତଥା ରୋଟାରୀ କଳିଙ୍ଗ ସମ୍ମାନ ୨୦୨୪ କମିଟିର ଚେୟାରମ୍ୟାନ ରୋଟାରିଆନ ରାଧା ମୋହନ ପଟ୍ଟନାୟକ ପୁରସ୍କାରର ବିଭିନ୍ନ ଦିଗ ବିଷୟରେ ସୂଚନା ଦେଇଥିଲେ। ରୋଟାରିଆନ ଶିବ ନାରାୟଣ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ବର୍ଦ୍ଧନା ସମାରୋହ ପରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଆଦୃତ ଚିଲ୍‌ଡ୍ରେନ ହୋମର କଳାକାରମାନେ ଏକ ଆକର୍ଷଣୀୟ ନୃତ୍ୟ ଉପସ୍ଥାପନ କରିଥିଲେ ଏବଂ ସୁର୍ ତରଙ୍ଗ ପକ୍ଷରୁ ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ଅତିଥିମାନେ ବିନୋଦ ମହାରଣାଙ୍କୁ ରୋଟାରୀ କଳିଙ୍ଗ ସମ୍ମାନ-୨୦୨୪ ପ୍ରଦାନ କରୁଛନ୍ତି।

# 'ନିଶାକୁ ନା, ଜୀବନକୁ ହଁ'

## ବାଇକ୍ ରାଲି ଜରିଆରେ ସଚେତନତା ବାର୍ତ୍ତା

ଭୁବନେଶ୍ୱର,୨୩।୬(ସତ୍ୟଜିତ୍ ରାଉତ)

ନିଶା ବା ଡ୍ରଗ୍‌ର ଅପବ୍ୟବହାର ଏବଂ ବେଆଇନ କାରବାର ବିରୋଧରେ ନାର୍କୋଟିକ୍ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ଜୁନ୍ ୧୨ରୁ ୨୬ ପର୍ଯ୍ୟନ୍ତ ଦେଶବ୍ୟାପୀ 'ନଶା ମୁଖ୍ ଭରତ ପଖୱାଡା' ଅଭିଯାନ ପାଳନ କରୁଛି। ଡ୍ରଗ୍‌ର ଖରାପ ପ୍ରଭାବ ବିଷୟରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏହି ଅଭିଯାନର ଉଦ୍ଦେଶ୍ୟ ରହିଛି। ଏହି ପରିପ୍ରେକ୍ଷୀରେ ରାଇଡ୍ ଫର୍ ପ୍ରାଇଡ୍ ଆସୋସିଏଶନ ଏବଂ କମିଶନରେଟ୍ ପୋଲିସ ପକ୍ଷରୁ ଏନ୍‌ସିବି ସହଭାଗିତାରେ ଭୁବନେଶ୍ୱରରେ ରବିବାର ଏକ ବାଇକ୍ ରାଲି ଜରିଆରେ ସଚେତନ ବାର୍ତ୍ତା ଦିଆଯାଇଛି। ଏହି ରାଲିର ଥିମ୍ ଥିଲା 'ଡ୍ରଗ୍‌କୁ ନା ଏବଂ ଜୀବନକୁ ହଁ'। ଏହି ରାଲି ସକାଳ ୯ରୁ ଭୁବନେଶ୍ୱରସ୍ଥିତ କମିଶନରେଟ୍ ପୋଲିସ କାର୍ଯ୍ୟାଳୟରୁ ବାହାରି ଧଉଳି ଶାନ୍ତିସ୍ତୂପ ଦେଇ ଏନ୍‌ସିବି ବିଲ୍ଡିଂ ପର୍ଯ୍ୟନ୍ତ ଯାଇଥିଲା। ରାଇଡର ଅମିତା ସିଂ ଏହି ରାଲିର ନେତୃତ୍ୱ ନେଇଥିଲେ। ପୋଲିସ କମିଶନର ସଞ୍ଜୀବ ପଣ୍ଡା ମୁଖ୍ୟ ଅତିଥି ଭାବେ ଭାବେ ଯୋଗ ଦେଇଥିଲେ। ଯୁବଗୋଷ୍ଠୀ ନିଶାଠାରୁ ଦୂରେଇ ରହିଲେ ସୁସ୍ଥ ସମାଜ ଗଠନ ହୋଇପାରିବ। ତେଣୁ ସୁସ୍ଥ ଏବଂ ସୁରକ୍ଷିତ ସମାଜ ଗଠନ ପାଇଁ ଏଭଳି ପ୍ରୟାସ ସବୁବେଳେ ଜାରି ରହିବ ବୋଲି କମିଶନର କହିଥିଲେ। ଏହି ରାଲିରେ ବହୁ ଯୁବଗୋଷ୍ଠୀ ସାମିଲ ହୋଇ ନିଶାକୁ ନା ଏବଂ ଜୀବନକୁ ହଁ ସ୍ଲୋଗାନ ଦେଇ ସମାଜକୁ ବାର୍ତ୍ତା ଦେଇଥିଲେ।


ବାଇକ୍ ରାଲିକୁ ପୋଲିସ କମିଶନର ସଞ୍ଜୀବ ପଣ୍ଡା ଏବଂ ଅନ୍ୟମାନେ ଉଦ୍‌ଘାଟନ କରୁଛନ୍ତି।

# ଟ୍ରାଫିକ୍ ନିୟମ ଭାଙ୍ଗିଥିବା ୨୨ ଗାଡ଼ି ଜବତ

କଟକ,୨୩।୬ (କାର୍ତ୍ତିକ ସାହୁ)

ଟ୍ରାଫିକ ପୋଲିସ ପକ୍ଷରୁ କଟକ ସହରାଞ୍ଚଳରେ କମିସନରେଟ ପୋଲିସର ସେଫ୍ଟି ସିଟି କାର୍ଯ୍ୟକ୍ରମ ଶନିବାର ରାତିରେ କରାଯାଇଛି। ଟ୍ରାଫିକ ନିୟମ ଭାଙ୍ଗୁଥିବା ଗାଡ଼ି ଚାଳକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏଭଳି ମୋଟ ୨୨ଟି ଗାଡ଼ି ଜବତ ହୋଇଛି। ମଧୁପାଟଣା ଟ୍ରାଫିକ ଥାନା ପକ୍ଷରୁ ୧୭ଟି ଓ ଫୁଲନଖରାସ୍ଥିତ ଏନଏଚ୍ ଟ୍ରାଫିକ ଥାନା ପକ୍ଷରୁ ୫ଟି ଗାଡ଼ି ଜବତ ହୋଇଛି। ଏହି କାର୍ଯ୍ୟକ୍ରମରେ ଗାଡ଼ି ଚାଳକମାନେ ମୋବାଇଲ ବ୍ୟବହାର, ମଦ ପିଇ ଗାଡ଼ି ଚଳାଇବା, ବିପରୀତ ଦିଗରେ ଗାଡ଼ି ଚଳାଇବା ଅଭିଯୋଗରେ ଗାଡ଼ି ଚାଳକଙ୍କୁ କାବୁ କରାଯାଇଥିଲ। ସେମାନଙ୍କୁ ଓୟୁପି ଆକ୍ଟରେ ଜରିମାନା ଆଦାୟ କରାଯାଇଥିବା କମିସନରେଟ ପୋଲିସ ପକ୍ଷରୁ ସୂଚନା ମିଳିଛି।



ସୂଚନା ଭବନଠାରେ ଇଟିକିଲି ମିଟିକିଲିର ପୁରସ୍କାର ପ୍ରଦାନ ସମାରୋହରେ ନୃତ୍ୟ ପରିବେଷଣ।

# 'ରାଜଧାନୀରେ ପିଲାଙ୍କ ପାଇଁ କୋଳିବଗିଚା, କଣ୍ଢେଇଘର ହେଉ'

## ୨ଶହ ଛାତ୍ରୀଛାତ୍ର ପାଇଲେ ଇଟିକିଲି ମିଟିକିଲି ପୁରସ୍କାର

ଭୁବନେଶ୍ୱର,୨୩।୬(ଶର୍ମିଷ୍ଠା ପାଣିଗ୍ରାହୀ)

ପ୍ରତ୍ୟେକ ଶିଶୁ ମଧ୍ୟରେ କିଛି ନା କିଛି ପ୍ରତିଭା ଲୁଚି ରହିଛି। ଏହି ପ୍ରତିଭା ପ୍ରଦର୍ଶନ ପାଇଁ ଉପଯୁକ୍ତ ମଞ୍ଚରେ ସୁଯୋଗ ମିଳିଲେ ପିଲାମାନେ ନିଜ ପ୍ରତିଭାକୁ ବିକଶିତ କରିବା ସହ ଭବିଷ୍ୟତରେ ଆମ ରାଜ୍ୟ ପାଇଁ ଗୌରବ ଆଣିଦେବେ। ରବିବାର ସୂଚନା ଭବନଠାରେ ଆୟୋଜିତ ଇଟିକିଲି ମିଟିକିଲିର ୨୯ତମ ପୁରସ୍କାର ପ୍ରଦାନ ସମାରୋହ ଅବସରରେ ଅତିଥିମାନେ ଏହି ମତ ପ୍ରକାଶ କରିଛନ୍ତି। ଅନୁଷ୍ଠାନର ସଭାପତି ଦାଶ ବେନହୁରଙ୍କ ପୌରୋହିତ୍ୟରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲୀପ ରାଉତରାଏ, ଅର୍ଥନୀତିଜ୍ଞ ରାଜୀବ ଶେଖର ସାହୁ, ସାହିତ୍ୟିକ ତଥା ପୂର୍ବତନ ଆୟକର ଆୟୁକ୍ତ ଶରତ କୁମାର ଦାଶ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ପ୍ରମୁଖ ଅତିଥି ଭାବରେ ଯୋଗଦେଇଥିଲେ। ଉପସଭାପତି ଚିତ୍ତ ମହାପାତ୍ର ସ୍ୱାଗତ ସୂଚନା ପ୍ରଦାନ କରିଥିଲେ। ଅନୁଷ୍ଠାନ ସଚିବ ଶରତ କୁମାର ନାୟକ ରାଜଧାନୀରେ ପିଲାଙ୍କ ପାଇଁ ଏକ କୋଳିବଗିଚା ଓ ଏକ କଣ୍ଢେଇ ଘର ପ୍ରତିଷ୍ଠା କରାଯାଉ କହିଥିଲେ। ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂ, ଗତ ମାସରେ ପିଲାଙ୍କ ପ୍ରତିଭାର ବିକାଶ ନିମନ୍ତେ ଏକ ଚାରିଦିନିଆ ପ୍ରତିଭା ପ୍ରତିଯୋଗିତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅବସରରେ କୃତିତ୍ୱ ହାସଲ କରିଥିବା ୨ଶହ ଶିଶୁ ପ୍ରତିଭାଙ୍କୁ ଉତ୍ସବରେ ପୁରସ୍କୃତ କରାଯାଇଥିଲା। ଏଥିସହିତ କେନ୍ଦ୍ର ସାହିତ୍ୟ ଏକାଡେମୀ ବାଲ ସାହିତ୍ୟ ପୁରସ୍କାରପ୍ରାପ୍ତ ଶିଶୁ ସାହିତ୍ୟିକ ମାନସ ରଞ୍ଜନ ସାମଲଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ଶିଶୁ ସାହିତ୍ୟିକ ଶରତ କୁମାର ବିଶ୍ୱାଳଙ୍କୁ କ୍ୟାପିଟାଲ ଷ୍ଟୁଡେଣ୍ଟ ଷ୍ଟୋର ପ୍ରଦତ୍ତ ମନବିପ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା। ଶିଶୁ ନୃତ୍ୟଶିଳ୍ପୀଙ୍କ ଦ୍ୱାରା ଦଳଗତ ନୃତ୍ୟ-ନୈବେଦ୍ୟ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିଶୁ କଣ୍ଠଶିଳ୍ପୀ ଶାଶ୍ୱତୀ ନାରାୟଣୀ ଆଚାର୍ଯ୍ୟ ଓ ସୋହାଗୀ ସମଦର୍ଶୀ ସଂଯୋଜନା କରିଥିଲେ। ସଚିବ ଶରତ ନାୟକ ପରିଚାଳନା କରିଥିବାବେଳେ ସାଂସ୍କୃତିକ ସମ୍ପାଦିକା ଅନିତା ରଥ, ସଂଗଠନ ସମ୍ପାଦକ ପ୍ରିୟଦର୍ଶୀ ଶୁଭକାନ୍ତଙ୍କ ସମେତ ସଦସ୍ୟ ହରିହର ଶୁକ୍ଳ, ରଜନୀକାନ୍ତ ରାଉତ, ପ୍ରବୀଣା ପରିଡ଼ା, ନିୟୁମ ମହାନ୍ତି, ଶିଳ୍ପୀତା ବିଶ୍ୱାଳ, ପ୍ରିୟଦର୍ଶୀ ସୌମ୍ୟକାନ୍ତ ପ୍ରମୁଖ ସହଯୋଗ କରିଥିଲେ।

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. MCSW-Scrap-Dis-24-25-14

**କାର୍ଯ୍ୟର ନାମ :** ରେଳ ଡ୍ୱବା ମରାମତି କାରଖାନା, ମଞ୍ଚେଶ୍ୱରଠାରେ ପଲିକ୍ରାକ୍ (Polycrack) ୟୁନିଟ୍ ପଛରେ ଥିବା ଅଂଚଳରେ ଶୂନ୍ୟ ମୂଲ୍ୟ / କମ୍ ମୂଲ୍ୟ ସ୍କ୍ରାପ୍‌କୁ ଅଲଗା କରିବା ତଥା ଏକ ଅନୁମୋଦିତ ପ୍ରାଧିକୃତ ଏଜେନ୍ସି ଦ୍ୱାରା ସ୍ଥାନୀୟ ସଂସ୍କାର ସ୍ୱୀକୃତ ଅଳିଆଗଦାସ୍ଥିତ ରେଳବାଇ ପରିସରରେ ସେଗୁଡ଼ିକର ଅପସାରଣ।

**ବିଜ୍ଞାପିତ ମୂଲ୍ୟ (₹) :** 36,91,477.90, EMD (₹) : 73,800.00, ଶେଷ ହେବା ଅବଧି : 06 ମାସ।

ବିଡ୍ ଆରମ୍ଭ ହେବା ତାରିଖ : ତା.25.06.2024 ରିଖ,

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :**
ତା.09.07.2015 ରିଖ 1500 ଘଟିକାରେ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.in ରେ ଉପଲବ୍ଧ ଅଟେ।

ଡେପୁଟି ଚିଫ୍ ମେକାନିକାଲ ଇଂଜିନିୟର(Prod), ରେଳ ଡବା ମରାମତି କାରଖାନା/ ମଞ୍ଚେଶ୍ୱର

PR-237/P/24-25

## ସଂକ୍ଷେପରେ

### ଟ୍ରାଫିକ୍ ନିୟମ ଭାଙ୍ଗିଥିବା ୨୨ ଗାଡ଼ି ଜବତ

କଟକ,୨୩।୬ (କାର୍ତ୍ତିକ ସାହୁ)

ଟ୍ରାଫିକ ପୋଲିସ ପକ୍ଷରୁ କଟକ ସହରାଞ୍ଚଳରେ କମିସନରେଟ ପୋଲିସର ସେଫ୍ଟି ସିଟି କାର୍ଯ୍ୟକ୍ରମ ଶନିବାର ରାତିରେ କରାଯାଇଛି। ଟ୍ରାଫିକ ନିୟମ ଭାଙ୍ଗୁଥିବା ଗାଡ଼ି ଚାଳକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏଭଳି ମୋଟ ୨୨ଟି ଗାଡ଼ି ଜବତ ହୋଇଛି। ମଧୁପାଟଣା ଟ୍ରାଫିକଥାନା ପକ୍ଷରୁ ୧୭ଟି ଓ ଫୁଲନଖରାସ୍ଥିତ ଏନଏଚ୍ ଟ୍ରାଫିକ ଥାନା ପକ୍ଷରୁ ୫ଟି ଗାଡ଼ି ଜବତ ହୋଇଛି। ଏହି କାର୍ଯ୍ୟକ୍ରମରେ ଗାଡ଼ି ଚାଳକମାନେ ମୋବାଇଲ ବ୍ୟବହାର, ମଦ ପିଇ ଗାଡ଼ି ଚଳାଇବା, ବିପରୀତ ଦିଗରେ ଗାଡ଼ି ଚଳାଇବା ଅଭିଯୋଗରେ ଗାଡ଼ି ଚାଳକଙ୍କୁ କାବୁ କରାଯାଇଥିଲା। ସେମାନଙ୍କୁ ଓୟୁପି ଆକ୍ଟରେ ଜରିମାନା ଆଦାୟ କରାଯାଇଥିବା କମିସନରେଟ ପୋଲିସ ପକ୍ଷରୁ ସୂଚନା ମିଳିଛି।

### ଚିତ୍ରକଳା ପ୍ରଦର୍ଶନୀରେ ହେପାଟାଇଟିସ୍-ବି

କଟକ,୨୩।୬ (କାର୍ତ୍ତିକ ସାହୁ)

ହେପାଟାଇଟିସ୍-ବି ରୋଗର ଭୟାବହତା ମଣିଷକୁ ଆତଙ୍କିତ କରୁଛି। ତଥାପି ସ୍ୱାସ୍ଥ୍ୟବିଜ୍ଞାନର ଅଗ୍ରଗତି ସହିତ ସଚେତନତା ଦ୍ୱାରା ଏହି ରୋଗକୁ ରୋକାଯାଇପାରିବ। ଏଭଳି ଏକ ଯୁଗୋପଯୋଗୀ ବାର୍ତ୍ତା ନେଇ ଚିତ୍ରଶିଳ୍ପୀଙ୍କ କ୍ୟାନ୍‌ଭାସରେ ହୋଇଥିଲା ରଙ୍ଗାୟିତ। କଳିଙ୍ଗ ଗ୍ୟାଷ୍ଟ୍ରୋଏଣ୍ଟ୍ରୋଲୋଜି ଫାଉଣ୍ଡେସନ ଓ କଟକ ଆର୍ଟିଷ୍ଟ ସଂଗଠନର ମିଳିତ ବାଖରାବାଦସ୍ଥିତ ଗାନ୍ଧୀଭବନଠାରେ ରବିବାର ଆୟୋଜିତ ହୋଇଥିଲା ଏହି ଅଭିନବ କାର୍ଯ୍ୟକ୍ରମ। ଫାଉଣ୍ଡେସନର ଚେୟାରମ୍ୟାନ୍ ଡ. ଶିବରାମ ପ୍ରସାଦ ସିଂ ଚିତ୍ରଶିଳ୍ପୀ ଶିବିରକୁ ଉଦ୍‌ଘାଟନ କରି ଏଭଳି ଉଦ୍ୟମର ପ୍ରଶଂସା କରିଥିଲେ। ବିଭିନ୍ନ ପ୍ରାନ୍ତରୁ ଆସିଥିବା ଚିତ୍ରଶିଳ୍ପୀମାନେ ରଙ୍ଗତୂଳୀରେ ସଜେଇଥିଲେ ନିଜ ଭାବନାକୁ। ଫାଉଣ୍ଡେସନର ସମ୍ପାଦ ତୁହିନ୍‌କାନ୍ତ ଘୋଷ, ସୁଧା ସିଂ ଚିତ୍ରକଳା ପ୍ରଦର୍ଶନୀର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଶିବିରରେ ଭାଗ ନେଇଥିବା ଚିତ୍ରଶିଳ୍ପୀମାନେ ହେଲେ ଜିତେନ୍ଦ୍ର କୁମାର ସାହୁ, ସଂଜୀବ ବିଶ୍ୱାଳ, ବିଜୟ କୁମାର ସାହୁ, ଜସ୍ମୀନ୍ ସାହୁ, ମନୀଷା କର, ବିମ୍ବାଧର କୁଅଁର, ଲକ୍ଷ୍ମୀଧର ରଣା, ସ୍ମିତା ମୂଳିଆ ପ୍ରମୁଖ।

### ପଲ୍ଲିସାହି, ହଳଦିଆ କଲେଜର ସମସ୍ୟା ଶୁଣିଲେ ବିଧାୟକ

ମାହାଙ୍ଗା, ୨୩।୬(ଯଯାତି ସିଂହ)

ମାହାଙ୍ଗାର ନବନିର୍ବାଚିତ ବିଧାୟକ ସାରଦା ପ୍ରଧାନ ବ୍ଲକର ଦୁର୍ଗାଚରଣ ନାୟକ ମେମୋରିଆଲ କଲେଜ, ପଲ୍ଲିସାହି ମହିଳା ମହାବିଦ୍ୟାଳୟର ସମସ୍ୟା ଶୁଣିବା ସହ ଉନ୍ନୟନମୂଳକ କାର୍ଯ୍ୟ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଉଭୟ କଲେଜର ଅଧ୍ୟାପକ, କର୍ମଚାରୀ ଶନିବାର ପୋଡ଼ାମରାଇସ୍ଥିତ ସେବା ପ୍ରକୋଷ୍ଠରେ ପହଞ୍ଚି ବିଧାୟକଙ୍କୁ ଦେଖା କରି ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏଥିସହ ସେମାନଙ୍କ ସମସ୍ୟା ଜଣାଇଥିଲେ। ସେମାନଙ୍କୁ କିପରି ସାମୂହିକ ଭାବେ ସହଯୋଗ କରାଯାଇପାରିବ ସେ ଉପରେ ବିଧାୟକ ଧ୍ୟାନ ଦେବା ସହ ଛାତ୍ରୀଛାତ୍ରଙ୍କ ପାଠପଢ଼ାକୁ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ହଳଦିଆ କଲେଜ ଅଧ୍ୟକ୍ଷ ପ୍ରହ୍ଲାଦ ଜେନା, ଅଧ୍ୟାପକ ବିଶ୍ୱନାଥ ସେଠୀ, ଅଭୟ ଦାସ, ବିପଦ ଭଞ୍ଜନ ନାୟକ, ପଲ୍ଲିସାହି କଲେଜ ଅଧ୍ୟକ୍ଷ ପ୍ରତାପଚନ୍ଦ୍ର ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

# ଏସ୍‌ସିବିରେ ଅପେକ୍ଷା ଦେଉଛି ଯନ୍ତ୍ରଣା

## ଚିକିତ୍ସା ପାଇଁ ୪ ଦିନ ହେବ ଧାଡ଼ିରେ ଠିଆହେଉଛନ୍ତି ରୋଗୀ

କଟକ,୨୩।୬(ଶିଳ୍ପା ପ୍ରିୟଦର୍ଶିନୀ)



ଏସ୍‌ସିବି ମେଡିକାଲରେ ଚିକିତ୍ସା ଓ ପରୀକ୍ଷା ନିରୀକ୍ଷା କରାଇବା ପାଇଁ ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ହନ୍ତସନ୍ତ ହେଉଛନ୍ତି। ମେଡିକାଲରେ ରୋଗୀମାନେ ଡାକ୍ତରଙ୍କ ପରାମର୍ଶ କରି ପରୀକ୍ଷା କରାଇବାକୁ ଯାଉଥିବା ବେଳେ ପରୀକ୍ଷା ନ କରାଇ ଫେରାଇ ଦେଉଛନ୍ତି ନିୟୋଜିତ ଥିବା କର୍ମଚାରୀ। ଅଲଟ୍ରା ସାଉଣ୍ଡ କରିବା ପାଇଁ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କୁ ହଇରାଣ ହେବାକୁ ପଡୁଛି। ଅଲଟ୍ରାସାଉଣ୍ଡ ପାଇଁ ଗତ ୪ଦିନ ହେବ ମେଡିକାଲର ରଞ୍ଜନରଶ୍ମି ବିଭାଗକୁ ଧାଉଁଥିବା ନେଇ ଏଠାକୁ ଆସିଥିବା ଜଗତ୍‌ସିଂହପୁର ଅଞ୍ଚଳର ପ୍ରଭାତୀ ଦାସ ଅଭିଯୋଗ କରିଛନ୍ତି। ପ୍ରଭାତୀ କହିଛନ୍ତି ଯେ, ମୋ' ସମ୍ପର୍କୀୟ ପ୍ରେମଲତା ଦାସଙ୍କୁ ୫ଦିନ ହେବ ମେଡିକାଲରେ ଭର୍ତ୍ତି କରାଇଛି। ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ସମସ୍ତ ପରୀକ୍ଷା ନିରୀକ୍ଷା କରାଯାଇଛି। କିନ୍ତୁ ଅଲଟ୍ରାସାଉଣ୍ଡ ପାଇଁ ୪ଦିନ ହେବ ରଞ୍ଜନରଶ୍ମି ବିଭାଗକୁ ଆସୁଥିବାବେଳେ ପ୍ରଥମ ଦିନ ମେଶିନ ଅଚଳ ଥିବାରୁ କର୍ମଚାରୀ ଟୋକନ ନେଇ ଫେରାଇ ଦେଇ ପରଦିନ ଆସିବାକୁ କହିଥିଲେ। ପରଦିନ ଆସି ଦୀର୍ଘ ସମୟ ଧାଡ଼ିରେ ଛିଡ଼ା ହେବା ପରେ ଅଲଟ୍ରାସାଉଣ୍ଡ ହୋଇପାରିବନି କହି ଫେରାଇ ଦେଉଛନ୍ତି। ଏପରି ୩ଦିନ ହେବ ଅଲଟ୍ରାସାଉଣ୍ଡ କରାଇବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛୁ। ଫଳରେ ରୋଗୀର ଚିକିତ୍ସା ଅଧାରେ ରହିଛି। କାରଣ ଅଲଟ୍ରାସାଉଣ୍ଡ ରିପୋର୍ଟ ଅନୁଯାୟୀ ଡାକ୍ତର ପରବର୍ତ୍ତୀ ଔଷଧ ଲେଖିବେ ଓ ଚିକିତ୍ସା କରାଇବେ। ହେଲେ ଏସ୍‌ସିବିରେ ଏଭଳି ଅବ୍ୟବସ୍ଥା ଯୋଗୁ ରୋଗୀ ସୁସ୍ଥ ହେବା ପରିବର୍ତ୍ତେ ମୃତ୍ୟୁମୁଖରେ ପଡୁଛନ୍ତି। ଅନ୍ୟପକ୍ଷରେ ଏନେଇ ଏସ୍‌ସିବି ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡା. ସୁଧାଂଶୁ ଶେଖର ମିଶ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ମେଡିକାଲରେ ରୋଗୀ ସଂଖ୍ୟା ଦିନକୁ ଦିନ ବଢିବାରେ ଲାଗିଛି। ରୋଗୀଙ୍କୁ ଯେଉଁ ଚିକିତ୍ସା ଓ ପରୀକ୍ଷା ଆବଶ୍ୟକ ତାହା କରାଯାଉଛି। ଏଭଳି ଅଭିଯୋଗ ସମ୍ପର୍କରେ ଗଣମାଧ୍ୟମରୁ ଜାଣିବାକୁ ପାଇଛି। ସମ୍ପୃକ୍ତ ରୋଗୀଙ୍କର କାହିଁକି ଅଲଟ୍ରାସାଉଣ୍ଡ କରାଯାଇନାହିଁ ସେ ସମ୍ପର୍କରେ ଗୁରୁତ୍ୱ ଦିଆଯାଇ ପଦକ୍ଷେପ ନିଆଯିବ ବୋଲି ଡା. ମିଶ୍ର ପ୍ରକାଶ କରିଛନ୍ତି। ମେଡିକାଲରୁ ମିଳିଥିବା ସୂଚନା ମୁତାବକ, ରଞ୍ଜନରଶ୍ମି ବିଭାଗରେ ଏସ୍‌ସିବିର ନିଜସ୍ୱ ୪ଟି ଅଲଟ୍ରାସାଉଣ୍ଡ ମେଶିନ କାର୍ଯ୍ୟ କରୁଛି। କିଛିବର୍ଷ ହେବ ଏକ ଘରୋଇ ସଂସ୍ଥାକୁ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ଦିଆଯାଇଛି। ରଞ୍ଜନରଶ୍ମି ବିଭାଗକୁ ନିତିଦିନ ୩ଶହରୁ ଅଧିକ ରୋଗୀଙ୍କୁ ଅଲଟ୍ରାସାଉଣ୍ଡ କରିବାକୁ ବିଭିନ୍ନ ବିଭାଗର ଡାକ୍ତର ପ୍ରେସ୍‌କ୍ରାଇବ୍ କରିଥାନ୍ତି। ସେହିପରି ଗତ ୫ ଦିନ ହେବ ପ୍ରଭାତୀ ତାଙ୍କ ସମ୍ପର୍କୀୟ ପ୍ରେମଲତା ଦାସଙ୍କ ଶରୀରରେ ରକ୍ତ ସମସ୍ୟା ଓ ପେଟ ଯନ୍ତ୍ରଣା ହେବାରୁ ଏସ୍‌ସିବି ମେଡିକାଲର ମେଡିସିନ୍ ବିଭାଗରେ ଭର୍ତ୍ତି କରାଇଛନ୍ତି। ପରେ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ, ଅଲଟ୍ରାସାଉଣ୍ଡ ରଞ୍ଜନରଶ୍ମି ବିଭାଗକୁ ଯାଇ ୪ଦିନ ହେବ ଲମ୍ବାଧାଡ଼ିରେ ଛିଡ଼ାହୋଇ ନିରାଶ ହୋଇ ଫେରୁଛନ୍ତି।



ବକ୍ସିବଜାର ସତ୍‌ସଙ୍ଗ ବିହାରର ୪୯ତମ ପ୍ରତିଷ୍ଠା ଦିବସ ଅବସରରେ ରବିବାର ଅନୁଷ୍ଠିତ ସତ୍‌ସଙ୍ଗରେ ଉପସ୍ଥିତ ଶ୍ରଦ୍ଧାଳୁ।

### କଟକ ସତ୍‌ସଙ୍ଗ ବିହାରର ୪୯ତମ ପ୍ରତିଷ୍ଠା ଦିବସ

କଟକ,୨୩।୬ (କାର୍ତ୍ତିକ ସାହୁ)

କଟକ ସତ୍‌ସଙ୍ଗ ବିହାରର ୪୯ତମ ପ୍ରତିଷ୍ଠା ଦିବସ ରବିବାର ପାଳିତ ହୋଇଯାଇଛି। ପ୍ରତ୍ୟୁଷରୁ ବେଦ ମାଙ୍ଗଳିକୀ, ପ୍ରାତଃ ବିନତୀ ପରେ ଶ୍ରୀଶ୍ରୀବଡ଼ଦାଙ୍କ ପ୍ରତିକୃତି ସହ ନଗର ପରିକ୍ରମା କରାଯାଇଥିଲା। ଡା. ନଗେନ୍ଦ୍ର ନାଥ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସତ୍‌ସଙ୍ଗରେ କେନ୍ଦ୍ରୀୟ ସହସମ୍ପାଦକ ତଥା ପ୍ରତିଋତ୍ୱିକ ଡା. ବିନାୟକ ମହାପାତ୍ର, ଶ୍ରୀଧରସୁନ୍ଦର ମିଶ୍ର, ଓୟୁଏଟିର ପ୍ରାକ୍ତନ ଡିନ୍ ଡ. ହୃଷିକେଶ ସେନାପତି ପ୍ରମୁଖ ଠାକୁର ଅନୁକୂଳଚନ୍ଦ୍ରଙ୍କ ସଦ୍‌ବାଣୀ ଓ ଆଚାର୍ଯ୍ୟ ପରମ୍ପରାର ବିଶେଷତ୍ୱ ଉପରେ ଆଲୋଚନା କରିଥିଲେ। ପ୍ରମୋଦ କୁମାର ଦାସ ସ୍ୱାଗତ ଭାଷଣ ଓ ସତ୍‌ସଙ୍ଗବିହାରର ସମ୍ପାଦକ ଡମ୍ବରୁଧର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଡ. ପବିତ୍ର କୁମାର ମେର୍କାପ ସତ୍‌ସଙ୍ଗ ବିହାରର ଇତିବୃତ୍ତି ପାଠ କରିଥିଲେ। ଅପରାହ୍ଣରେ ମାତୃ ସମ୍ମିଳନୀ ଓ ସନ୍ଧ୍ୟାରେ ବିନତୀ ପରେ ଭଜନକୀର୍ତ୍ତନ ପରିବେଷଣ ହୋଇଥିଲା।

## ୟୁବିଓଏଓର ୧୫ତମ ବାଇନେଆଲ କନ୍‌ଫରେନ୍ସ




କଟକ,୨୩।୬: (ଅଭୟ ଦାଶ)

ୟୁକୋ ବ୍ୟାଙ୍କ୍ ଅଫିସର୍ସ ଆସୋସିଏଶନ୍ ଓଡ଼ିଶା ବା ୟୁବିଓଏଓର ୧୫ତମ ବାଇନେଆଲ କନ୍‌ଫରେନ୍ସ ରବିବାର କଟକସ୍ଥିତ ଶାରଳା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏପରିକି ଶରତ ଚନ୍ଦ୍ର ସିଂହଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ମିଳନୀରେ ୟୁକୋ ବ୍ୟାଙ୍କ ଭୁବନେଶ୍ୱରର ଜେନେରାଲ ମ୍ୟାନେଜର ଏସ୍‌ଏଲ୍‌ବିସି ମୁଖ୍ୟ ଗୌତମ ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହି ସମ୍ମିଳନୀକୁ ଉଦଘାଟନ କରିଥିଲେ। ଏହି ପରିପ୍ରେକ୍ଷୀରେ ପାତ୍ର କହିଥିଲେ, ବ୍ୟାଙ୍କ ସର୍ବସାଧାରଣଙ୍କୁ ଉତ୍ତମମାନର ସେବା ଯୋଗାଇବା ସହିତ ଏକ ଅଗ୍ରଣୀ ବ୍ୟାଙ୍କ ଭାବେ ପରିଚାଳିତ ହୋଇପାରୁଛି। ଅପରପକ୍ଷରେ ୟୁକୋ ବ୍ୟାଙ୍କର ସର୍ବଭାରତୀୟ ଅଫିସର ଆସୋସିଏଶନ୍‌ର ଚେୟାରମ୍ୟାନ ଦୀପଙ୍କର ମିତ୍ର ବ୍ୟାଙ୍କର ବିଭିନ୍ନ ସମସ୍ୟା ଉପରେ ବିସ୍ତୃତ ଆଲୋକପାତ କରିଥିଲେ। ସେହିପରି ମହାସଂଘର ସାଧାରଣ ସମ୍ପାଦକ ସନ୍ଦୀପ ଚୌବେ ବ୍ୟାଙ୍କ ସମ୍ପର୍କରେ ଏକ ସନ୍ଦର୍ଭ ଉପସ୍ଥାପନ କରିଥିଲେ। ବ୍ୟାଙ୍କ ଅଧିକାରୀ ମହାସଂଘର ଉପାଧ୍ୟକ୍ଷ ଅଜୟ କୁମାର ରାଉତରାଏ ବ୍ୟାଙ୍କର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଅଧିକାରୀ ସଂଘର ସମ୍ପାଦକ ସୁକାନ୍ତ ଛାଟୋଇ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ୟୁକୋ ବ୍ୟାଙ୍କ ଅଫିସର୍ସ ଆସୋସିଏଶନ୍‌ର ସଦସ୍ୟମାନେ ଯୋଗ ଦେଇଥିଲେ। ପରିଶେଷରେ ଶେଷଦେବ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

### ରାମାରାଓ ପାତ୍ରଙ୍କୁ 'ଓଡ଼ିଶୀ ନୃତ୍ୟ ସଙ୍ଗୀତ ସମ୍ମାନ'

ଭୁବନେଶ୍ୱର,୨୩।୬(ଶର୍ମିଷ୍ଠା ପାଣିଗ୍ରାହୀ)

ନୃତ୍ୟାଙ୍ଗନା ପକ୍ଷରୁ ୧୩ତମ ଓଡ଼ିଶୀ ନୃତ୍ୟ ସଙ୍ଗୀତ ସମ୍ମାନ ୨୦୨୩-୨୪ ରବିବାର ରବୀନ୍ଦ୍ରମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧାରୀ ଗମାଙ୍ଗ, ଲେଖିକା ଇନ୍ଦିରା ଦତ୍ତ, ଓଡ଼ିଶୀ ନୃତ୍ୟଶିଳ୍ପୀ ପ୍ରଣତି ମହାନ୍ତି, ଇତିଶ୍ରୀ ଦିବେଦୀ, ମହେନ୍ଦ୍ର କୁମାର ସାହୁ, ଓଡ଼ିଶା ରାଜ୍ୟ ବାର୍ କାଉନସିଲର ଅକ୍ଷୟ ସାମନ୍ତରାୟ, ଆପିଜେ ସୁରେନ୍ଦ୍ର ଗ୍ରୁପ୍‌ର ସିନିୟର ମ୍ୟାନେଜର ଶାନ୍ତନୁ ତ୍ରିପାଠୀ, ନୃତ୍ୟଗୁରୁ କସ୍ତୁରୀ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ବରିଷ୍ଠ ବୀଣୀବାଦକ ରାମାରାଓ ପାତ୍ରଙ୍କୁ 'ଓଡ଼ିଶୀ ନୃତ୍ୟ ସଙ୍ଗୀତ ସମ୍ମାନ ୨୦୨୩-୨୪' ପ୍ରଦାନ କରାଯାଇଥିଲା।

## 'ଉତ୍କଳ ଭୂମିକୁ ପବିତ୍ର କରିଛନ୍ତି ଯୋଗାଚାର୍ଯ୍ୟ ମଧୁସୂଦନ'



### ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ତୈଳଚିତ୍ର ଉନ୍ମୋଚିତ

କଟକ,୨୩।୬ (କାର୍ତ୍ତିକ ସାହୁ)

ଓଡ଼ିଶାର ସନ୍ଥ ପରମ୍ପରାରେ ପ୍ରେମାଚାର୍ଯ୍ୟ ମଧୁସୂଦନ ଥିଲେ ଆଦର୍ଶ ଶ୍ରେଣୀୟ ସାଧକ। ତାଙ୍କ ଜୀବନ, ଦର୍ଶନ ଏବଂ ସୃଷ୍ଟି ସମ୍ଭାର ପରବର୍ତ୍ତୀ ପିଢ଼ିକୁ ଦିଗ୍‌ଦର୍ଶନ ଓ ପ୍ରେରଣା ଦେଇଛି ବୋଲି ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ବାବାଜୀ ପ୍ରେମାଚାର୍ଯ୍ୟ ମଧୁସୂଦନଙ୍କ ତୈଳଚିତ୍ର ଉନ୍ମୋଚନ ଉତ୍ସବରେ ଅତିଥିମାନେ ମତପ୍ରକାଶ କରିଛନ୍ତି।

ଉତ୍କଳ ସାହିତ୍ୟ ସମାଜର ଶ୍ରୀରାମଚନ୍ଦ୍ର ଭବନଠାରେ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଅନ୍ତର୍ଜାତୀୟ କ୍ରିୟାଯୋଗୀ ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜ କହିଲେ, ପ୍ରେମାଚାର୍ଯ୍ୟ ବାବା ମଧୁସୂଦନଙ୍କ ଜୀବନ ଓ ସାଧନା ଥିଲା ଅନୁକରଣୀୟ। ସେ ପିଲାଟି ଦିନରୁ ଆଧ୍ୟାତ୍ମିକତାର ସ୍ପର୍ଶ ପାଇଥିଲେ। ଏହି ମହାନ ସନ୍ଥ ଦେବଦେବୀ ଓ ସାଧୁସନ୍ଥଙ୍କ ଆଶୀର୍ବାଦ ଲାଭକରି ଉତ୍କଳ ଭୂମିକୁ ପବିତ୍ର କରିଛନ୍ତି। ତାଙ୍କ ସଂଗୀତରେ ଭକ୍ତି ରସ ଓ ଆଧ୍ୟାତ୍ମିକ ଦର୍ଶନର ପ୍ରଭାବ ରହିଛି। ସମ୍ମାନିତ ଅତିଥି ବାବାଜୀ ଦାମୋଦର ଦାସ ବକ୍ତବ୍ୟରେ ବାବା ମଧୁସୂଦନଙ୍କ ଜୀବନ ଓ ଦର୍ଶନ ସଂପର୍କରେ ଆଲୋଚନା କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ବାବାଜୀ ସତ୍ୟାନନ୍ଦ ଦାସ ପ୍ରେମାଚାର୍ଯ୍ୟ ମଧୁସୂଦନ ରଚନାର ବିଶେଷତ୍ୱ ଓ ତହିଁରେ ତାଙ୍କ ଜୀବନର ଗତିଧାରା ସଂପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜଙ୍କ ଦ୍ୱାରା ଲିଖିତ ପ୍ରେମ ସିନ୍ଧ ପୁସ୍ତକ ଉନ୍ମୋଚିତ ହୋଇଥିଲା।

ଅନୁଷ୍ଠାନର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଉପସ୍ଥିତ ସନ୍ଥମାନଙ୍କ ସଂପର୍କରେ ହେମନ୍ତ କୁମାର ପରିଡ଼ା ସୂଚନା ପ୍ରଦାନ ଦେଇଥିଲେ। ସ୍ୱାମୀ ନିତ୍ୟପ୍ରେମାନନ୍ଦ ଗିରି ପ୍ରେମ ସିନ୍ଧ ପୁସ୍ତକ ସଂପର୍କରେ ସୂଚନା ଦେଇଥିଲେ। ସାଧାରଣ ସଂପାଦକ ଆଦିତ୍ୟ ପ୍ରତାପ ଧଳ ପ୍ରାରମ୍ଭିକ ସୂଚନା ଓ ସ୍ୱାଗତ ଭାଷଣ ଦେଇଥିଲେ। ପାଠାଗାର ସଂପାଦକ ବ୍ରହ୍ମାନନ୍ଦ ବିଶ୍ୱାଳ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ସଂଗଠନ ସଂପାଦକ ଡକ୍ଟର ସୁନାମଣି ରାଉତ ଧନ୍ୟବାଦ ଦେଇଥିଲେ।

## ବରିଷ୍ଠ ନାଗରିକ ମଞ୍ଚର ମୌସୁମୀ ବନ୍ଧୁମିଳନ, ଚକ୍ଷୁ ଚିକିତ୍ସା ଶିବିର



ଖୁଣ୍ଟୁଣୀ,୨୩।୬(ସଚ୍ଚିଦାନନ୍ଦ ପଣ୍ଡା)

ଆଠଗଡ଼ ନବେଢ଼ା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଏକ ଚକ୍ଷୁ ଚିକିତ୍ସା ଶିବିର ଓ ମୌସୁମୀ ବନ୍ଧୁ ମିଳନ ଉତ୍ସବ ଗୁରୁଡ଼ିଝାଟିଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଚକ୍ଷୁ ଚିକିତ୍ସା ଶିବିରକୁ ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରତାପ ଚନ୍ଦ୍ର ସାମଲ ଉଦ୍‌ଘାଟନ କରିଥିଲେ। ଖବରଦାତା ସଚ୍ଚିଦାନନ୍ଦ ପଣ୍ଡା ଓ ଶ୍ୱେତକାନ୍ତ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିବିରକୁ ଶିକ୍ଷାବିତ୍ ରମ୍ଭାବତୀ ସାହୁ, ଗୁରୁଚରଣ ପ୍ରଧାନ, ମାଗୁଣି ଚରଣ ରାଉତ, ନରେନ୍ଦ୍ର ସେଠୀ, ଅମରେନ୍ଦ୍ର ରାଉତ, ତ୍ରିଲୋକ ଦାସ, ବିଚିତ୍ରା ନନ୍ଦ ସାମଲ ପ୍ରମୁଖ ପରିଦର୍ଶନ କରି ପରିଚାଳନା କରିଥିଲେ। ପରେ ଉତ୍ସବରେ ମଞ୍ଚ କାର୍ଯ୍ୟକାରୀ ସଭାପତି ବିମ୍ବାଧର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବରିଷ୍ଠ ନାଗରିକଙ୍କ ବିଭିନ୍ନ ପାରିବାରିକ, ବ୍ୟକ୍ତିଗତ ତଥା ସାମାଜିକ ସ୍ତରରେ ହେଉଥିବା ବିଭିନ୍ନ ସୁବିଧା ଅସୁବିଧା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ସାଧାରଣ ସମ୍ପାଦକ ଶରତ କୁମାର ଖୁଣ୍ଟିଆ ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ। କୋଷାଧ୍ୟକ୍ଷ ରଞ୍ଜନ ମହାରଣା ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥି ଇଂ. ସାମଲ ଓ ମୁଖ୍ୟବକ୍ତା କବି ଶ୍ରୀନିବାସ ବେହେରା ସମାଜରେ ଅବହେଳିତ ଅବସ୍ଥାରେ ଥିବା ବରିଷ୍ଠ ନାଗରିକଙ୍କୁ ଖୋଜି ମୁଖ୍ୟ ସ୍ରୋତରେ ସାମିଲ କରି ସରକାରଙ୍କ ବିଭିନ୍ନ ସୁବିଧା ସୁଯୋଗ ସେମାନଙ୍କ ପାଖରେ ପହଞ୍ଚାଇବାକୁ ମଞ୍ଚ ଉଦ୍ୟମ କରିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଗନ୍ନାଥ ଧଳ, ପ୍ରେମାନନ୍ଦ ପରିଡ଼ା, ରମାକାନ୍ତ ନାୟକ, ସୁଦର୍ଶନ ବିଶ୍ୱାଳ, ଗଣେଶ୍ୱର ବରାଳ, ଅନିରୁଦ୍ଧ ନନ୍ଦ, ବିଷ୍ଣୁ ସ୍ୱାଇଁ, କୃଷ୍ଣଚନ୍ଦ୍ର ବେହେରା ପ୍ରମୁଖ ଶତାଧିକ ବରିଷ୍ଠ ନାଗରିକ ଯୋଗଦେଇ ନିଜ ମତ ରଖିଥିଲେ। ପ୍ରାୟ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ହେବାକୁ ଥିବା ମଞ୍ଚର ଅର୍ଦ୍ଧନିର୍ମିତ ସ୍ଥାୟୀ ଗୃହକୁ ତୁରନ୍ତ କାର୍ଯ୍ୟାରମ୍ଭ କରିବାକୁ ସମ୍ପାଦକ ଖୁଣ୍ଟିଆ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଅମିୟ ସାହୁ ଧନ୍ୟବାଦ ଦେଇଥିଲେ।

## ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ତିରୋଧାନ ଦିବସ



ଚୌଦ୍ୱାର,୨୩।୬(ଆଶୁତୋଷ ଦାସ)

ଭାଜପା ଚୌଦ୍ୱାର ମଣ୍ଡଳ ଆନୁକୂଲ୍ୟରେ ମହାନ ରାଷ୍ଟ୍ରଭକ୍ତ ତଥା ଭାରତୀୟ ଜନସଂଘ ସଂସ୍ଥାପକ ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ ରବିବାର ପାଳିତ ହୋଇଯାଇଛି। ମଣ୍ଡଳ ସଭାପତି ସନ୍ତୋଷ କୁମାର ସାହୁଙ୍କ ପୌରୋହିତ୍ୟରେ ମଣ୍ଡଳ କାର୍ଯ୍ୟାଳୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜିଲା ଉପସଭାପତି ପ୍ରଶାନ୍ତ ହୋତା ଅତିଥି ଭାବେ ଯୋଗଦେଇ ଶ୍ୟାମା ପ୍ରସାଦଙ୍କ ତ୍ୟାଗପୂତ ଜୀବନୀ ସମ୍ପର୍କରେ ଆଲୋଚନା କରିଥିଲେ। ଜିଲା ସମ୍ପାଦକ ବୈରାଗୀ ଚରଣ ପ୍ରଧାନ, ଗୌତମ ସାହୁ, ସୌମେନ୍ଦ୍ର ଲେଙ୍କା, ଚିନ୍ମୟ ବେହେରା, ଭାବଗ୍ରାହୀ ପଟ୍ଟନାୟକ, ଶରତ ନାୟକ, ହଂସଚରଣ ସାହୁ, ସଚ୍ଚିକାନ୍ତ ନାୟକ, କ୍ରୀଷ୍ଣା ରାଓ, ଦେବାଶିଷ ପୃଷ୍ଟି, ହରିହର ସାହୁ, ସୁମିତ୍ରା ମହାନ୍ତି, ଜ୍ଞାନ ରଞ୍ଜନ କୁଅଁର, କ୍ଷୀରୋଦ ନାୟକ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଜ୍ଞାନେନ୍ଦ୍ର ପରିଡ଼ା ଧନ୍ୟବାଦ ଦେଇଥିଲେ। ଅନୁରୂପ ଭାବେ ଭାଜପା ଓବିସି ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ଇଂ. ଜ୍ଞାନେନ୍ଦ୍ର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଡ. ମୁଖାର୍ଜୀଙ୍କ ବଳିଦାନ ଦିବସ ପାଳିତ ହୋଇଯାଇଛି।

# ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ବଦଳରେ ବିଡିଓ କଲେ ତଦନ୍ତ

## କଟକ ସଦର ବ୍ଲକ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଦୁର୍ନୀତି ପ୍ରସଙ୍ଗ

କଟକ ସଦର,୨୩।୬(ସୁଶାନ୍ତ କୁମାର ଜେନା)

୨୦୨୦-୨୦୨୩ ମସିହା ଅବଧି ମଧ୍ୟରେ କଟକ ସଦର ବ୍ଲକରେ ହୋଇଥିବା ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଦୁର୍ନୀତିର ତଦନ୍ତ ପାଇଁ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ କଟକ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଥିଲା। ସରକାରୀ ନିର୍ଦ୍ଦେଶନାମା ପାଇବାର ୮ ମାସ ପରେ ସମ୍ପୃକ୍ତ ଅଧିକାରୀ ନିଜେ ତଦନ୍ତ ନ କରି ଏହାର ଦାୟିତ୍ୱ କଟକ ସଦର ବିଡିଓ ରୁମାନା ଜାଫ୍ରିଙ୍କୁ ଦିଆଯାଇଥିବା ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟରୁ ଜଣାପଡିଛି। ସାଧାରଣ ନିର୍ବାଚନ ପାଇଁ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିବାବେଳେ ଯେଉଁ ବ୍ଲକ କାର୍ଯ୍ୟାଳୟ ନାମରେ ଅଭିଯୋଗ ଆସିଥିଲା, ସେହି କାର୍ଯ୍ୟାଳୟ ଅଧିକାରୀଙ୍କୁ ଦେବା ଘଟଣା ସାଧାରଣରେ ଆଲୋଚନାର ବିଷୟ ହୋଇଛି। ସୂଚନା ଅଧିକାର ଆଇନ ବଳରେ ମିଳିଥିବା ସୂଚନା ପତ୍ରସଂଖ୍ୟା ୨୦୩୦/୧୫।୨୦୨୪ ଅନୁଯାୟୀ, ଉକ୍ତ ବ୍ଲକରେ ବହୁ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଆକାଉଣ୍ଟକୁ ମାଟି କାମ କରିଥିବା ଦର୍ଶାଯାଇ ମଜୁରି ବାବଦରେ ଅର୍ଥ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଯାଇଥିଲା। କେନ୍ଦ୍ର ସରକାରଙ୍କ ନିୟମ ଅନୁଯାୟୀ, ଜଣେ ବ୍ୟକ୍ତି ଏହି ଯୋଜନାରେ କାର୍ଯ୍ୟ କଲେ ସମ୍ପୃକ୍ତ ବ୍ୟକ୍ତିଙ୍କ କାମ କରିବା ବେଳର ଫଟୋ ଅନ୍‌ଲାଇନରେ ଅପ୍‌ଲୋଡ କରାଯିବ, ଯାହାକୁ ସମସ୍ତେ ଦେଖି ପାରିବେ। ପ୍ରଥମେ ସମ୍ପୃକ୍ତ ବ୍ୟକ୍ତି କାମ ପାଇଁ ଆବେଦନ କଲେ ତାଙ୍କୁ ୭ ଦିନ ଭିତରେ କାର୍ଯ୍ୟ ଯୋଗାଇ ଦେବାର ପ୍ରତିଶ୍ରୁତି ପତ୍ର ସ୍ଥାନୀୟ ସରପଞ୍ଚ ପ୍ରଦାନ କରିବା କଥା। କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ମୁତାବକ କୌଣସି କାର୍ଯ୍ୟ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଅନ୍ତର୍ଭୁକ୍ତ କରାଗଲେ ଏହାକୁ ସଫଳ ରୂପାୟନ ପାଇଁ ୨୪ଟି ନିୟମ ପାଳନ କରାଯିବ। ଏହାପରେ ଯାଇ ଗ୍ରାମ ରୋଜଗାର ସେବକ ଜଣକ ଏହି ପ୍ରକଳ୍ପରେ କାର୍ଯ୍ୟ କରିଥିବା ଶ୍ରମିକଙ୍କୁ ମଜୁରି ଦେବାକୁ ବିଡିଓଙ୍କୁ ସୁପାରିସ କରିବେ। ମାତ୍ର କଟକ ସଦର ବ୍ଲକରେ ଏହି ନିୟମ ପାଳନ ହୋଇ ନ ଥିବା ଜଣାପଡ଼ିଛି। ସେଥିପାଇଁ ସରକାରଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଅଭିଯୋଗର ଗୁରୁତ୍ୱକୁ ବିଚାର କରି ଏହାର ସରଜମିନ ତଦନ୍ତ ପାଇଁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଯୁଗ୍ମ ଶାସନ ସଚିବ ପତ୍ର ସଂଖ୍ୟା ୧୨୧୮୪/୭।୬।୨୦୨୩ରେ କଟକ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅମ୍ବର କୁମାର କରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବର୍ଷା ଦିନ ଆସିବା ପରେ ମଧ୍ୟ ଏହିସବୁ ମାଟି କାମ ସମ୍ପର୍କରେ ତଦନ୍ତ କରାଯାଇ ନ ଥିଲା। ୪ ମାସ ପରେ କରଙ୍କ ବଦଳି ହେବାରୁ ଏହି ପଦବୀରେ ସୁବାସ ଚନ୍ଦ୍ର ରାୟ ଯୋଗଦେଇଥିଲେ ମଧ୍ୟ ତଦନ୍ତ ହୋଇପାରିନାହିଁ। ଶେଷରେ ସଚିବାଳୟରୁ ଚାପ ପଡ଼ିବା ପରେ ୮ ମାସ ପରେ ମୁଖ୍ୟ ଉନ୍ନୟନ ଅଧିକାରୀ ନିଜ ଆଡୁ ତଦନ୍ତ ନ କରି ଏହାର ଦାୟିତ୍ୱ ଯେଉଁ ବ୍ଲକ କାର୍ଯ୍ୟାଳୟ ଦୁର୍ନୀତି ହୋଇଥିଲା ସେହି କାର୍ଯ୍ୟାଳୟ ମୁଖ୍ୟ ବିଡିଓଙ୍କୁ ପତ୍ରସଂଖ୍ୟା ୮୫୮/୧୨।୨।୨୦୨୪ରେ ଦେଇଥିଲେ। ଏହାର ତଦନ୍ତକରୀ ବିଡିଓ ଜାଫ୍ରୀ ଭିତ୍ତିହୀନ ଅଭିଯୋଗ ବୋଲି ଦର୍ଶାଇ ପତ୍ରସଂଖ୍ୟା ୧୨୮୫/୨୯।୨।୨୦୨୪ରେ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟକୁ ରିପୋର୍ଟ ପଠାଇଥିଲେ। ଏହି ରିପୋର୍ଟକୁ ଉନ୍ନୟନ ଅଧିକାରୀ ପତ୍ରସଂଖ୍ୟା ୧୯୫୪/୨୦।୪।୨୦୨୪ରେ ବିଭାଗୀୟ ଯୁଗ୍ମ ସଚିବଙ୍କ ନିକଟକୁ ପଠାଇ ଦେଇଛନ୍ତି। ଏନେଇ ରାୟଙ୍କ ସହ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା ସେ ଏହା ଉପରେ କୌଣସି ମତାମତ ଦେଇ ନ ଥିଲେ। ଅବଶ୍ୟ ଏହି ଅଭିଯୋଗର ତଦନ୍ତ ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ ଦ୍ୱାରା ତଦନ୍ତ କରିବାକୁ ସୁପାରିସ କରିବେ ବୋଲି କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଗଣମାଧ୍ୟମକୁ କହିଛନ୍ତି।

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. MCSW-Scrap-Dis-24-25-14

**କାର୍ଯ୍ୟର ନାମ :** ରେଳ ଡ଼ବା ମରାମତି କାରଖାନା, ମଞ୍ଚେଶ୍ୱରଠାରେ ପଲିକ୍ରାକ୍ (Polycrack) ୟୁନିଟ୍ ପଛରେ ଥିବା ଅଂଚଳରେ ଶୂନ୍ୟ ମୂଲ୍ୟ / କମ୍ ମୂଲ୍ୟ ସ୍କ୍ରାପ୍‌କୁ ଅଲଗା କରିବା ତଥା ଏକ ଅନୁମୋଦିତ ପ୍ରାଧିକୃତ ଏଜେନ୍ସି ଦ୍ୱାରା ସ୍ଥାନୀୟ ସଂସ୍କାର ସ୍ୱୀକୃତ ଅଳିଆଗଦାସ୍ଥିତ ରେଳବାଇ ପରିସରରେ ସେଗୁଡ଼ିକର ଅପସାରଣ।

**ବିଜ୍ଞାପିତ ମୂଲ୍ୟ (₹) :** 36,91,477.90, EMD (₹) : 73,800.00, ଶେଷ ହେବା ଅବଧି : 06 ମାସ।

ବିଡ୍ ଆରମ୍ଭ ହେବା ତାରିଖ : ତା.25.06.2024 ରିଖ,

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.09.07.2015 ରିଖ 1500 ଘଟିକାରେ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.in ରେ ଉପଲବ୍ଧ ଅଟେ।

ଡେପୁଟି ଚିଫ୍ ମେକାନିକାଲ ଇଂଜିନିୟର(Prod), ରେଳ ଡବା ମରାମତି କାରଖାନା/ ମଞ୍ଚେଶ୍ୱର

PR-237/P/24-25

# ନିଶା କାରବାର ଟଙ୍କାକୁ ନେଇ ହୋଇଥିଲା ହତ୍ୟା

**ମନୋଜ ସେଠୀ ହତ୍ୟାକାଣ୍ଡ ଘଟଣା**

- ୨ ଭାଇଙ୍କ ସମେତ ୪ ଗିରଫ
- ମୁଖ୍ୟ ଅଭିଯୁକ୍ତ ଫେରାର
- ୨ ବାଇକ୍, ୫ ମୋବାଇଲ ଜବତ

**ଖୋର୍ଦ୍ଧା,୨୩।୬(ପ୍ରଭାତ ପାଣିଗ୍ରାହୀ)**



ଗିରଫ ଅଭିଯୁକ୍ତମାନେ।

ନିଶା କାରବାରକୁ ନେଇ ଗତ ୧୮ତାରିଖରେ ଖୋର୍ଦ୍ଧା ଟାଉନ୍ ଥାନା ଅନ୍ତର୍ଗତ ସାମନ୍ତରାପୁର ଅଞ୍ଚଳର ମନୋଜ ସେଠୀ ଓରଫ ଗୁଲୁ(୨୪)ଙ୍କୁ ଘରୁ ଡାକିନେଇ ପିଟିପିଟି ହତ୍ୟା କରାଯାଇଥିଲା। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ଫେରାର ଥିବା ବେଳେ ପୋଲିସ ରବିବାର ଦୁଇ ଭାଇଙ୍କ ସମେତ ୪ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଗଡ଼ଦ୍ୱାର ସାହିରେ ରହୁଥିବା ଉପରସାହିର ପ୍ରସନ୍ନଜିତ ରାଉତରାୟ ଓରଫ ସାଗର (୨୪), ସାମନ୍ତରାପୁର ଅଞ୍ଚଳର ଦୁଇ ଭାଇ ସୁନୀଲ ସେଠୀ ଓରଫ ସୋନୁ (୨୭) ଓ ସୁଶିଲ ସେଠୀ ଓରଫ କାହ୍ନୁ (୧୯) ଏବଂ ସାମନ୍ତରାପୁର ମଙ୍ଗଳାସାହିର ଜ୍ଞାନରଞ୍ଜନ ସାହୁ ଓରଫ ରାକା (୨୬)। ଏମାନଙ୍କଠାରୁ ଦୁଇଟି ବାଇକ୍ (ଓଆର ୦୭ଜି ୩୮୭୪, ଓଆର୨୫ବି ୨୧୯୨), ୫ଟି ଦାମୀ ମୋବାଇଲ ଫୋନ ଏବଂ ହତ୍ୟାକାଣ୍ଡରେ ବ୍ୟବହୃତ ସାମଗ୍ରୀ ଜବତ ହୋଇଛି। ନିଶା କାରବାର ଟଙ୍କାକୁ ନେଇ ମନୋଜଙ୍କୁ ହତ୍ୟା କରାଯାଇଥିଲା ବୋଲି ପୋଲିସ କହିଛି। କୋରେକ୍ସ ବିକ୍ରି ବାବଦ ଟଙ୍କା ମନୋଜ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ସହଯୋଗୀଙ୍କୁ ଦେଇ ନ ଥିଲେ। ଏନେଇ ସେମାନଙ୍କ ମଧ୍ୟରେ ତିକ୍ତତା ବଢ଼ିଥିଲା। ଏହାପରେ ମନୋଜଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରିଥିଲେ ବୋଲି ପୋଲିସ ସୂଚନା ଦେଇଛି। ସୂଚନାଥାଉ କି, ଗତ ୧୮ ତାରିଖରେ ଆଦର୍ଶ ଥାନା ଅଧୀନ ସାମନ୍ତରାପୁର ଅଞ୍ଚଳର ମନୋଜଙ୍କୁ ଅଭିଯୁକ୍ତମାନେ ଘରୁ ଡାକିନେଇ ଟିଏଲ୍‌ସି ରୋଡ ପମ୍ପ ହାଉସ ନିକଟ କାଜୁ ଜଙ୍ଗଲକୁ ନେଇଥିଲେ। ସେଠାରେ ତାଙ୍କୁ ନିଶା ଖୁଆଇ ଗଛରେ ବାନ୍ଧି ପିଟିଥିଲେ। ପରେ ଘୋଷାରି, ଗୋଇଠା ମାରିବା ସହ ପାଦର ନଖ ଉପାଡି ଦେଇଥିଲେ। ଗୁରୁତର ଅବସ୍ଥାରେ ମନୋଜଙ୍କୁ ମେଡିକାଲରେ ଭର୍ତ୍ତି କରି ତାଙ୍କ ପରିବାର ଲୋକଙ୍କୁ ଜଣାଇ ଅଭିଯୁକ୍ତମାନେ ମେଡିକାଲରୁ ଫେରାର ହୋଇଯାଇଥିଲେ। ଏନେଇ ମୃତକଙ୍କ ମା' ସୁକାନ୍ତି ସେଠୀଙ୍କ ଅଭିଯୋଗକ୍ରମେ ପୋଲିସ ଏକ ହତ୍ୟା ମାମଲା(ନଂ.୨୨୮/୨୪) ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଉପରୋକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ତେବେ ଉକ୍ତ ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି।



ଜବତ ମୋବାଇଲ ଓ ବାଇକ୍।

# ସୁସ୍ଥ, ନିରାମୟ ଜୀବନ ଯାପନ ପାଇଁ ଯୋଗ ଜରୁରୀ

**ଝାଁଳା,୨୩।୬(ବୁଲା ବାରିକ)**

ଝାଁଳା ଅଞ୍ଚଳର ବିଭିନ୍ନ ସ୍ଥାନରେ ଗତ ଶୁକ୍ରବାର ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଓଗାଳପଡ଼ା ଗଡ଼ସାହି ଖେଳପଡ଼ିଆରେ ଝାଁଳାର ପୂର୍ବତନ ସରପଞ୍ଚ ପ୍ରଦୋଷ କୁମାର ଜେନାଙ୍କ ନେତୃତ୍ୱରେ ଯୋଗ ଦିବସ ପାଳିତ ହୋଇଥିଲା। ଯୋଗ ଦ୍ୱାରା ଶରୀରର ରୋଗ ନିରାକରଣ ଶକ୍ତି ବୃଦ୍ଧି ପାଇଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଦିନକୁ ପ୍ରାୟ ଏକ ଘଣ୍ଟା ଯୋଗାଭ୍ୟାସ କରିବାକୁ ପରାମର୍ଶ ଦେଇଥିଲେ। ଏହି ଯୋଗ ଶିବିରରେ ସ୍ଥାନୀୟ ଅଞ୍ଚଳର ୫୦ ଜଣ ଯୋଗଦେଇଥିଲେ। ସେହିପରି ମଦନପୁର, ଖଣ୍ଡଗିରି ଜୟଦେବ ବାଟିକା ପରିସରରେ ମଧ୍ୟ ଯୋଗ ଦିବସ ପାଳିତ ହୋଇଯାଇଛି।

**କୃଷ୍ଣପ୍ରସାଦ,୨୩।୬(କୈଳାସ ଚନ୍ଦ୍ର ପଟ୍ଟନାୟକ):** ଚିଲିକା ନୂଆପଡ଼ା ନାରାୟଣ ବିଦ୍ୟାପୀଠ ପରିସରରେ ବ୍ଲକ ପ୍ରଶାସନ ପକ୍ଷରୁ ଗତ ଶୁକ୍ରବାର ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ବିଡିଓ ଅମିୟ କୁମାର ପଣ୍ଡା ଶିବିରକୁ ଉଦ୍‌ଘାଟନ କରି କହିଥିଲେ, ଯୋଗାଭ୍ୟାସ କଲେ ଶତାୟୁ ହୋଇପାରିବେ। ସୁସ୍ଥ ରାଷ୍ଟ୍ର ଗଠନରେ ଯୋଗ ଶିକ୍ଷାର ଗୁରୁଦାୟିତ୍ୱ ରହିଛି। ପ୍ରଭାତ ଜେନା, ଅଭିନ୍ନ ପଲେଇ, ସହକାରୀ ନିର୍ବାହୀ ଯନ୍ତ୍ରୀ ତୀର୍ଥ ତଥାଗତ ଆଇଚ, ପ୍ରାଧ୍ୟାପକ ପ୍ରଦୀପ୍ତ କୁମାର ବେହେରା, କନିଷ୍ଠ ଯନ୍ତ୍ରୀ କମଳାକାନ୍ତ ବାସ୍କେ, ପଙ୍କଜରାଜ ମିଞ୍ଜ, ବିଓ ଅଧିକାରୀ ମହେନ୍ଦ୍ର ରଞ୍ଜନ ସାହୁ, ବିଜୟ ତରେଇ, ଚିଲିକା ନୂଆପଡ଼ା ସରପଞ୍ଚ କବିତା ଜେନା, ବ୍ଲକ ମୁଖ୍ୟ ଚିକିତ୍ସା ଅଧିକାରୀ ସନ୍ତୋଷ ବେହେରା, କାଶିମ ମହମ୍ମଦ, ସୌଭାଗ୍ୟ ବଳିୟାରସିଂହ, ଆଲୋକ ଖୁଣ୍ଟିଆଙ୍କ ସମେତ ଶତାଧିକ ବ୍ୟକ୍ତି ଯୋଗ ଦେଇଥିଲେ। ଏହି ଅବସରରେ ଯୋଗ ପ୍ରଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଆମ୍ବ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର, ବଜ୍ରକୋଟ ଅନ୍ତର୍ଗତ ଉଦୟଗିରି ବାତ୍ୟା ଆଶ୍ରୟସ୍ଥଳୀଠାରେ ସୁନିତା ଖେସଙ୍କ ନେତୃତ୍ୱରେ ଯୋଗ ଦିବସ ପାଳନ ହୋଇଥିଲା।

**ବାଣପୁର,୨୩।୬(ଦିଲୀପ ସ୍ୱାଇଁ):** ବାଣପୁର ଅଞ୍ଚଳର ବିଭିନ୍ନ ସ୍ଥାନରେ ଗତ ଶୁକ୍ରବାର ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ଗୋଦାବରୀଶ ମହାବିଦ୍ୟାଳୟ ପରିସରରେ ଥିବା ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଆୟୋଜିତ ଯୋଗ ଦିବସରେ ମୁଖ୍ୟ ଅତିଥିଭାବେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ କହିଥିଲେ, ଯୋଗାଭ୍ୟାସ ଦ୍ୱାରା ଶରୀର ସୁସ୍ଥ ରହିବା ସହ ସାମାଜିକ ପରିବର୍ତ୍ତନ ଆଣିବାରେ ମଧ୍ୟ ସହାୟକ ହୋଇଥାଏ। ଏଥିସହ ମନ୍ତ୍ରୀ ଛାତ୍ରୀଛାତ୍ର, ବୁଦ୍ଧିଜୀବୀ ଓ ମହାବିଦ୍ୟାଳୟ କର୍ମଚାରୀଙ୍କ ସହ ଯୋଗ କରିଥିଲେ। ସେହିପରି ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ନଗରପାଳ ମିଟୁ ନାୟକ ଓ କାର୍ଯ୍ୟନିର୍ବାହୀ ଅଧିକାରିଣୀ କାଦମ୍ବିନୀ ଜେନାଙ୍କ ତତ୍ତ୍ୱାବଧାନରେ ପଲଟଣ ପଡିଆର କୃତ୍ତିବାସ ଭବନ ପରିସରରେ ଯୋଗ ଶିବିର ହୋଇଥିଲା। ପ୍ରସନ୍ନ କୁମାର ଯୋଗ ଓ ପ୍ରାଣାୟମର ବିଭିନ୍ନ କୌଶଳ ଶିଖାଇବା ସହ ନିୟମିତ ଯୋଗ କରିବାର ଉପକାରିତା ସମ୍ପର୍କରେ ପ୍ରଶିକ୍ଷାର୍ଥୀମାନଙ୍କୁ ସଚେତନ କରିଥିଲେ। ଅନୁରୂପଭାବେ ବାଣପୁର ଗ୍ରାମୀଣ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧକ୍ଷ ସର୍ବେଶ୍ୱର ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଯୋଗ ଦିବସ ପାଳନ ହୋଇଥିଲା।

**କଳାପଥର,୨୩।୬(ଗଙ୍ଗାଧର ସାହୁ):** ସ୍ଥାନୀୟ କଳାପଥର ଧଳାପଥର ଆଞ୍ଚଳିକ ସ୍ନାତକ ମହାବିଦ୍ୟାଳୟରେ ଗତ ଶୁକ୍ରବାର ଅନ୍ତର୍ଜାତୀୟ ଯୋଗ ଦିବସ ଅଧକ୍ଷ ରମେଶ ଚନ୍ଦ୍ର ଜେନାଙ୍କ ତତ୍ତ୍ୱାବଧାନରେ ପାଳିତ ହୋଇଯାଇଛି। ଶିକ୍ଷାବିତ୍ ବଳରାମ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ବିଭିନ୍ନ ଯୋଗ ସହ ପ୍ରାଣାୟାମ କରାଯାଇଥିଲା। ଅଧ୍ୟାପକ ଜୟକୃଷ୍ଣ ପ୍ରଧାନ, ହେମନ୍ତ କୁମାର ସୁବୁଦ୍ଧି, କିଶୋର କୁମାର ସାହୁ, ଅଧ୍ୟାପିକା ଈର୍ଷାରାଣୀ ମହାନ୍ତି, ଚିନ୍ମୟୀ ବାରିକ, ଶ୍ରୀମା ଦିବ୍ୟଶ୍ରୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ବିଏଚ୍‌ପି, ବଜରଙ୍ଗ ଦଳର ନୂତନ କାର୍ଯ୍ୟକର୍ତ୍ତା ଚୟନ

**ଖୋର୍ଦ୍ଧା,୨୩।୬(ପ୍ରଭାତ ପାଣିଗ୍ରାହୀ)**

ବିଶ୍ୱ ହିନ୍ଦୁ ପରିଷଦ(ବିଏଚ୍‌ପି) ଖୋର୍ଦ୍ଧା ପ୍ରଖଣ୍ଡ ବୈଠକ ଖୋର୍ଦ୍ଧା ନଗରସ୍ଥିତ ପାର୍ବତୀ କଲ୍ୟାଣ ମଣ୍ଡପଠାରେ ପ୍ରଖଣ୍ଡ ସଭାପତି ପଞ୍ଚାନନ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଖଣ୍ଡରୁ ୫୦ଜଣ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ। ଜିଲା ଓ ପ୍ରଖଣ୍ଡ କାର୍ଯ୍ୟ ବୃଦ୍ଧି ଦୃଷ୍ଟିରୁ କାର୍ଯ୍ୟକର୍ତ୍ତା ଚୟନ କରାଯାଇଥିଲା। ଜିଲା ବଜରଙ୍ଗ ଦଳ ସଂଯୋଜକଭାବେ ଉଦିତ୍ ନାରାୟଣ ପ୍ରହରାଜ, ସହ ସଂଯୋଜକ ଏସ୍.ଏମ୍. ଦିବ୍ୟପ୍ରକାଶ, ପ୍ରଚାର ପ୍ରସାର ପ୍ରମୁଖ ସାପ୍ତାଦି ସମ୍ବର ଦାସ, ପ୍ରଖଣ୍ଡ କର୍ଯ୍ୟକାରୀ ସଭାପତି ସୁଦର୍ଶନ ରଥ, ସହ ସମ୍ପାଦକ ଅଜୟ କୁମାର ମାଝୀ, ବଜରଙ୍ଗ ଦଳ ସଂଯୋଜକ ସ୍ୱାଗତ ରଞ୍ଜନ ପାତ୍ର, ସହ ସଂଯୋଜକ ଜ୍ୟୋତି ପ୍ରକାଶ ବାରିକ, ବୈଠକ ପ୍ରମୁଖ କାବୁନା ବେହେରା, ବିଦ୍ୟାର୍ଥୀ ପ୍ରମୁଖ ବିଶ୍ୱ ରଞ୍ଜନ ରାଉତ, ବଳ ଉପାସନା ପ୍ରମୁଖ ଭାରତ ଜେନା, ଗୋ ସୁରକ୍ଷା ପ୍ରମୁଖ ସୌମ୍ୟ ରଞ୍ଜନ ସାଇଁ, ସହ ପ୍ରମୁଖ ଚିନ୍ମୟ ନାୟକ, ସୁରକ୍ଷା ପ୍ରମୁଖ ଅନିଲ କୁମାର ସାହୁଙ୍କୁ ମନୋନୀତ କରାଯାଇଛି। ଏହି ବୈଠକରେ ବିଭାଗ ସମ୍ପାଦକ ବିଭୁଧେନ୍ଦ୍ର ବିଦ୍ୟାଧର, ବଜରଙ୍ଗ ଦଳ ବିଭାଗ ସଂଯୋଜକ ନିତ୍ୟଜିତ୍ ଚମ୍ପତି, ଜିଲା ଉପସଭାପତି ନରେନ୍ଦ୍ର ସାହୁ, ଜିଲା ସମ୍ପାଦକ ସନ୍ତୋଷ କୁମାର ଶ୍ରୀଚନ୍ଦନ, ସେବା ପ୍ରମୁଖ ଶରତ ସୁନ୍ଦରରାୟ ଉପସ୍ଥିତ ଥିଲେ।


ଜାଗୁଳିପାଟଣାସ୍ଥିତ ଶ୍ରୀଅନନ୍ତ ପୁରୁଷୋତ୍ତମ ଦେବ (ପୂର୍ଣ୍ଣବିଗ୍ରହ)ଙ୍କ ରଥଯାତ୍ରା ଉପଲକ୍ଷେ ରଥ ନିର୍ମାଣ ଚାଲିଛି।

## ଘର ତାଲା ଭାଙ୍ଗି ୧୨ ଲକ୍ଷ ଟଙ୍କା, ସୁନାଗହଣା ଚୋରି

ଗୋପ,୨୩।୬(ଭାରତୀ ଭୂଷଣ ଉପାଧ୍ୟାୟ): ଗୋପ ବ୍ଲକ ଛକ ନିକଟସ୍ଥ ଜଣେ ଫଳ ବ୍ୟବସାୟୀଙ୍କ ଘରୁ ଶନିବାର ବିଳମ୍ବିତ ରାତିରେ ୧୨ ଲକ୍ଷ ଟଙ୍କା ସହିତ ୩ ଲକ୍ଷ ଟଙ୍କାର ସୁନା ଅଳଙ୍କାର ଚୋରି ହୋଇଥିବା ଅଭିଯୋଗ ହୋଇଛି। ପୋଲିସ ଏ ସମ୍ପର୍କରେ ୧୯୫/୨୪ରେ ଏକ ମାମଲା ରୁଜୁ କରି ପ୍ରାଥମିକ ପର୍ଯ୍ୟାୟରେ ସନ୍ଧାନୀ କୁକୁର ସାହାଯ୍ୟରେ ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଯେ, ଫଳ ବ୍ୟବସାୟୀ ରବୀନ୍ଦ୍ର ସାହୁ ଶନିବାର ବିଳମ୍ବିତ ରାତିରେ ଘରକୁ ଫେରିବା ବେଳକୁ ଘର ତାଲା ଭଙ୍ଗା ଯାଇଥିବା ଦେଖିଥିଲେ। ଘରେ ରଖିଥିବା ୧୨ ଲକ୍ଷ ଟଙ୍କା ଓ ଟ୍ରଙ୍କରେ ଥିବା ସୁନା ଗହଣାକୁ କେହ ନେଇଯାଇଥିବା ଜାଣି ରବିବାର ଥାନାରେ ଅଭିଯୋଗ କରିଥିଲେ।

# ଉଠିଲା ଚାରି ନାହାକା

**ଖୋର୍ଦ୍ଧା,୨୩।୬(ପ୍ରଭାତ ପାଣିଗ୍ରାହୀ)**

**ଶ୍ରୀଅନନ୍ତ ପୁରୁଷୋତ୍ତମ ଦେବଙ୍କ ଚାଲିଛି ରଥ ନିର୍ମାଣ**

ଆସନ୍ତା ଜୁଲାଇ ୭ ତାରିଖରେ ପବିତ୍ର ରଥଯାତ୍ରା। ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧା-ନୟାଗଡ଼ ଜାତୀୟ ରାଜପଥ ଜାଗୁଳିପାଟଣାସ୍ଥିତ ଶ୍ରୀଅନନ୍ତ ପୁରୁଷୋତ୍ତମ ଦେବ (ପୂର୍ଣ୍ଣବିଗ୍ରହ)ଙ୍କ ରଥଯାତ୍ରା ପାଇଁ ପ୍ରସ୍ତୁତି ଆଗେଇ ଚାଲିଛି। ଦେବସ୍ନାନ ପୂର୍ଣ୍ଣମୀରେ ୧୦୮ ଗରା ଜଳ ସ୍ନାନ ପରେ ଅସୁସ୍ଥ ହୋଇପଡିଛନ୍ତି ଶ୍ରୀଜୀଉ। ଅଣସର ଗୃହରେ ଠାକୁରଙ୍କ ଗୁପ୍ତନୀତି ଚାଲିଛି। ସେପଟେ ଠାକୁରଙ୍କ ରଥଯାତ୍ରା ପାଇଁ ରଥ ନିର୍ମାଣ ମଧ୍ୟ ଜୋରସୋରରେ ଚାଲିଛି। ଦେବସ୍ନାନ ପୂର୍ଣ୍ଣମୀରେ ଚାରି ନାହାକା ଉଠିବା ସହ ରଥର ପାର୍ଶ୍ୱ କାମ ଚାଲିଛି। ରଥ ବିଶ୍ୱକର୍ମା ଅର୍ଜୁନ ମହାରଣାଙ୍କ ତତ୍ତ୍ୱାବଧାନରେ ଚାଲିଛି ରଥ ନିର୍ମାଣ। ନେତ୍ର ଉତ୍ସବ ପୂର୍ବରୁ ରଥ ନିର୍ମାଣ କାମ ସରିବ ବୋଲି ସେ ସୂଚନା ଦେଇଛନ୍ତି। ଅର୍ଜୁନ କହିଛନ୍ତି, ରଥର ଉଚ୍ଚତା ୪୦ ଫୁଟ ଏବଂ ଚଉଡା ୨୨ ଫୁଟ ରହିଛି। ୪ଟି ଚକ, ୨ଟି ଘୋଡ଼ା ଯୋଚାଯାଇଥାଏ। ଚକର ଉଚ୍ଚତା ୬ ଫୁଟ ଏବଂ ମୋଟେଇ ୮ଇଞ୍ଚ ଏବଂ ତୁମ୍ବ ୧୬ ଇଞ୍ଚ ରହିଛି। ସେ ଆହୁରି କହିଛନ୍ତି, ୨୨ବର୍ଷ ବୟସରେ ରଥ ନିର୍ମାଣ ଆରମ୍ଭ କରିଥିଲି। ଏବେ ବୟସ ୬୮ରେ ପହଞ୍ଚିଲାଣି। ଏଠାରେ ୧୯୮୦ ମସିହାରେ ରଥଯାତ୍ରା ଆୟୋଜିତ ହୋଇଥିଲା। ସେବେଠାରୁ ସେ ରଥ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଅଛନ୍ତି। ସେହି ସମୟରେ ୫ଟଙ୍କା ଦେଢା ମଜୁରିରେ କାମ ଆରମ୍ଭ କରିଥିଲି। ମହାପ୍ରଭୁଙ୍କ ସେବାରେ ଅପୂର୍ବ ଆନନ୍ଦ ମିଳେ। ଜୀବନର ଶେଷବିନ୍ଦୁ ଥିବା ପର୍ଯ୍ୟନ୍ତ ରଥ ନିର୍ମାଣ କରୁଥିବି। ରଥ କାମରେ ୭ରୁ ୮ଜଣ ଲାଗିଛନ୍ତି। ରଥ ନିର୍ମାଣ ସମୟରେ ନିଷ୍ଠା ପୂର୍ବକ କାର୍ଯ୍ୟ କରିଥାଉ।

## 'ନାଟକ ସମସ୍ତଙ୍କୁ ଏକାଠି କରିବାର ସୁଯୋଗ ଦିଏ'


ମୁକ୍ତମଞ୍ଚ ନାଟକ ପରିବେଷଣ ପୂର୍ବରୁ ଯୋଗଦେଇଥିବା ଅତିଥିମାନେ।

**ବେଗୁନିଆ,୨୩।୬(ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ନିକଟ କୁଶପଲା ଗ୍ରାମର ବିଶ୍ୱ ଭାରତୀ ନାଟ୍ୟ ସଂସଦ ପକ୍ଷରୁ ମୁକ୍ତମଞ୍ଚ ନାଟକ ଅନୁଷ୍ଠିତ ହୋଇଯାଇଛି। ଗ୍ରାମ୍ୟ କମିଟି ସଭାପତି ମହମ୍ମଦ ମୋହିଉଦ୍ଦିନ ଅହମ୍ମଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି, ସାମାଜିକ କର୍ମୀ ନିବାସ ରାୟ ମୁଖ୍ୟବକ୍ତା, ସ୍ଥାନୀୟ ସରପଞ୍ଚ ସତ୍ୟ ନାରାୟଣ ପ୍ରଧାନ, ସମିତିସଭ୍ୟ ପ୍ରକାଶ ଚନ୍ଦ୍ର ବଳିୟାରସିଂହ, ଆଇନଜୀବୀ ମନିରା ବେଗମ୍ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ନାଟକ ସମସ୍ତଙ୍କୁ ଏକାଠି କରିବାର ସୁଯୋଗ ଦେଇଥାଏ ବୋଲି ମତପ୍ରକାଶ କରିଥିଲେ। ପରେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା 'କାହାଣୀ କାନ୍ଦୁଛି ଆଖି ଲୁହରେ' ନାଟକ ପରିବେଷଣ ହୋଇଥିଲା।

## ରାସ୍ତାରେ ଗୋରୁ, ଯାତାୟାତ ବାଧାପ୍ରାପ୍ତ

**ଟାଙ୍ଗୀ,୨୩।୬(ରଘୁନାଥ ସାହୁ)**

ଟାଙ୍ଗୀ ଚାନ୍ଦପୁର ପୁରୁଣା ଜାତୀୟ ରାଜପଥରେ ଗାଇଗୋରୁ ଛିଡ଼ା ହୋଇ ରହୁଥିବାରୁ ଯାନବାହନ ଚଳାଚଳରେ ବାଧାପ୍ରାପ୍ତ ହେଉଛି। ଏପରିକି ଛୋଟବଡ଼ ଦୁର୍ଘଟଣା ଘଟୁଥିବା ସମ୍ଭାବନା ରହିଛି। ଅନେକ ସମୟରେ ଚାଳକମାନେ ଗାଡ଼ିରୁ ଓହ୍ଲାଇ ଗାଇଗୋରୁଙ୍କୁ ଘଉଡ଼ାଉଥିବା ଦେଖିବାକୁ ମିଳୁଛି। ଗୋରୁଙ୍କୁ ସେମାନଙ୍କର ମାଲିକମାନେ ନେଉ ନ ଥିବାରୁ ଏଭଳି ଅସୁବିଧା ଉପୁଜୁଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି। ସ୍ଥାନୀୟ ପୋଲିସ ଏଥିପ୍ରତି ଦୃଷ୍ଟି ଦେବା ସହ ଗୋରୁ ମାଲିକମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।


ରାସ୍ତା ଉପରେ ଗୋରୁ ଛିଡ଼ା ହୋଇ ରହିଛନ୍ତି।

# ସହରରେ ମୁକୁଳାପଡ଼ିଛି ଏକାଧିକ ଡ୍ରେନ୍

**ଖୋର୍ଦ୍ଧା,୨୩।୬(ପ୍ରଭାତ ପାଣିଗ୍ରାହୀ)**

- ଡ୍ରେନ୍ ଉପରେ ଗଢ଼ିଉଠିଛି ଦୋକାନ
- ଏକାଧିକ ଅଧାପନ୍ତରିଆ, ପୁନରୁଦ୍ଧାର ଦାବି



ଖୋର୍ଦ୍ଧା ସହରରେ ଏକାଧିକ ଡ୍ରେନ୍ ମୁକୁଳା ରହିଛି। ସହରର ମୁଖ୍ୟ ରାସ୍ତାକୁ ବାଦ୍ ଦେଲେ ଅନ୍ୟ ସମସ୍ତ ଗଳିରେ ରହିଥିବା ଡ୍ରେନ୍ ମୁକୁଳା ପଡ଼ିଛି। ଫଳରେ ଅନେକ ସମୟରେ ଛୋଟବଡ଼ ଦୁର୍ଘଟଣା ଘଟୁଛି। ସଫେଇ ହେଉ ନ ଥିବାରୁ ବହୁ ସ୍ଥାନରେ ଡ୍ରେନ୍ ପୋତି ହୋଇଗଲାଣି। ଏପରିକି ସହରରେ ଡ୍ରେନ୍ କେଉଁଠି ଆରମ୍ଭ ହୋଇଛି ତ କେଉଁଠି ସରିଛି, ଏ ସମ୍ପର୍କରେ ପୌର ପ୍ରଶାସନ ପାଖରେ ସୂଚନା ନ ଥିବା ଜଣାପଡ଼ିଛି। ତେବେ ବର୍ଷ ବର୍ଷ ଧରି ଡ୍ରେନ୍‌ଗୁଡିକ ମୁକୁଳା ପଡିଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ।

ପୌର ପ୍ରଶାସନର ୧୦୦ ମିଟର ପରଧି ମଧ୍ୟରେ ରହିଥିବା କୌଣସି ଗୋଟିଏ ଡ୍ରେନରେ ସ୍ଲାବ୍ ପଡିନାହିଁ। ଖ୍ରୀଷ୍ଟିଆନ ସାହି, ଚର୍ଚ୍ଚ, ମସଜିଦ୍ ଏବଂ ପୂର୍ତ୍ତ ବଙ୍ଗଳା ସମ୍ମୁଖ ଡ୍ରେନ ମୁକୁଳା ପଡିଛି। ଏଥିସହିତ ବରୁଣେଇ ସାହି, ଉପର ସାହି, ତଳସାହି, ବାସେଳି ସାହି, ଗୁରୁଜଙ୍ଗ, ଡାକ୍ତରସ୍ ଲେନ, ବକ୍ସିଲେନ, ସାମନ୍ତରାପୁର, ଠେଙ୍ଗାହାଟ, ମୁକୁନ୍ଦପ୍ରସାଦ, ଗୋପାଳବଲ୍ଲଭ ସାହି, ଶ୍ରୀରାମ ନଗର ସମେତ ୨୨ଟି ୱାର୍ଡର ସମସ୍ତ ଡ୍ରେନ ମୁକୁଳା ପଡିଛି। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଅନେକ ସ୍ଥାନରେ ସ୍କୁଲ ନିକଟରେ ରହିଥିବା ଡ୍ରେନ୍ ମଧ୍ୟ ମୁକୁଳା ପଡିଛି। ପୌର ପ୍ରଶାସନ ପକ୍ଷରୁ ପ୍ରତିବର୍ଷ ବିଭିନ୍ନ ବାବଦରେ ଟିକସ ଆଦାୟ କରାଯାଉଛି। ହେଲେ ଡ୍ରେନ୍‌ଗୁଡିକର ରକ୍ଷଣାବେକ୍ଷଣ ଏବଂ ସାହିଗଳିରେ ଥିବା ଡ୍ରେନ ଉପରେ ସ୍ଲାବ୍ ପକାଯାଉନାହିଁ ବୋଲି ସାଧାରଣରେ ଅଭିଯୋଗ ହୋଇଛି।

ବରୁଣେଇ ସାହିର ଶୁଭ୍ରରଞ୍ଜନ ଦାସ କହିଛନ୍ତି, କାମନାବର ମନ୍ଦିରଠାରୁ ଉପରସାହି, ଏଠାରୁ ବରୁଣେଇ ସାହି ହୋଇ ପୁରୁଣା ଦମକଳ ଛକ, ବାସେଳି ମନ୍ଦିରଠାରୁ ହତା ଛକ, ପଟାଦାର ଦୋକାନଠାରୁ ମାଛ ମାର୍କେଟ, ଖ୍ରୀଷ୍ଟିଆନ ସାହି, ପୁରୁଣା ଦମକଳ ଛକଠାରୁ ତଳସାହି ଦେଇ ଫାର୍ମ ଛକ, ଡାକ୍ତରସ୍ ଲେନ ଅଞ୍ଚଳରେ ଡ୍ରେନ୍ ମୁକୁଳା ପଡ଼ିଛି। ଷ୍ଟେଟବ୍ୟାଙ୍କଠାରୁ କୋର୍ଟ ପଛପଟକୁ ସଂଯୋଗ କରୁଥିବା ଏକ ଡ୍ରେନ୍ ଅଧାପନ୍ତରିଆ ରହିଛି। ସେହିପରି କଂଗ୍ରେସ ନେତା ରଣଜିତ ମହାପାତ୍ର କହିଛନ୍ତି, ଖୋର୍ଦ୍ଧା ସହର ଡ୍ରେନ୍‌ରେ ଭାସିଯିବା ଭଳି ସମସ୍ୟା ନ ଥିଲେ ମଧ୍ୟ ଅନେକ ସମୟରେ ଯାତାୟାତ ବେଳେ ଦୁର୍ଘଟଣା ଘଟୁଛି। ଶ୍ରୀରାମନଗର ହାଉସିଂ ବୋର୍ଡ ଅଞ୍ଚଳର ଗୋପାଳ ଦାସ କହିଛନ୍ତି, ଡ୍ରେନ ପୋତି ହୋଇ ଅନାବନା ଗଛଲତା ମାଡିଗଲାଣି। ବାରମ୍ବାର ଦାବି ସତ୍ତ୍ୱେ ଏଥିପ୍ରତି କୌଣସି ଗୁରୁତ୍ୱ ଦିଆଯାଉନାହିଁ। ନିକଟ ବସ୍ତିରେ ବଡ଼ ଖୋଲା ଡ୍ରେନ୍ ରହିଛି। ବସ୍ତିର ପିଲାମାନେ ଏଠାରେ ଖେଳୁଛନ୍ତି। କେତେବେଳେ ଅଘଟଣ ଘଟିବ କେହି କହିପାରିବେନି। ଅଭିଯୋଗ ସତ୍ତ୍ୱେ ପ୍ରଶାସନ ଦିନ ଗଡ଼ାଇ ଚାଲିଛି। ବିଡିଏ କଲୋନୀର ସାମାଜିକ କର୍ମୀ ଶୋଭନ ଘୋଷ କହିଛନ୍ତି, ଖୋର୍ଦ୍ଧା ସହରର ଡ୍ରେନେଜ ଅବସ୍ଥା ନ କହିଲେ ଭଲ। ଦୀର୍ଘ ବର୍ଷ ହେବ ଡ୍ରେନ ମରାମତି କରାଯାଇନାହିଁ। ବିଡିଏ କଲୋନୀରେ ଅନେକ ଡ୍ରେନ୍ ପୋତି ହୋଇଗଲାଣି। ବର୍ଷା ହେଲେ ପାଣି ରାସ୍ତାରେ ଜମୁଛି। ଡ୍ରେନଗୁଡିକ ଭାଙ୍ଗିରୁଜି ଗଲାଣି। ବହୁ ସ୍ଥାନରେ ଡ୍ରେନ ଜବରଦଖଲ କରାଯାଇ ଏହା ଉପରେ ଦୋକାନ ହୋଇଥିବା ନଜିର ରହିଛି। ତେବେ ଏ ସମ୍ପର୍କରେ ଜିଲାପାଳ ଚଞ୍ଚଳ ରାଣା କହିଛନ୍ତି, ବର୍ଷାଦିନ ପୂର୍ବରୁ ଡ୍ରେନ ମରାମତି ପାଇଁ ପୌର ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି।

## ପଶୁପ୍ରେମୀ ମହିଳାଙ୍କ ପରଲୋକ

ଟାଙ୍ଗୀ,୨୩।୬(ରଘୁନାଥ ସାହୁ): ଟାଙ୍ଗୀ ସାନପାଇକ ସାହି ଅଞ୍ଚଳର ଅବସରପ୍ରାପ୍ତ ସ୍କୁଲ ଏସ୍‌ଆଇ ରାଜ କିଶୋର ରଣସିଂହଙ୍କ ସ୍ତ୍ରୀ ସୌଦାମିନୀଙ୍କ ଶନିବାର ରାତିରେ ପରଲୋକ ହୋଇଯାଇଛି। ତାଙ୍କୁ ୬୫ବର୍ଷ ବୟସ ହୋଇଥିଲା। ସେ ଜଣେ ପଶୁପ୍ରେମୀ ଥିଲେ। ସେ ଘରେ ୪୦ଟି ବିଲେଇ, କୁକୁର ଓ ପକ୍ଷୀ ରଖିଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ସାନପୁଅ ସୁଧାଂଶୁ ମୋହନ ମୁଖାଗ୍ନି ଦେଇଥିଲେ।

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. MCSW-Scrap-Dis-24-25-14

**କାର୍ଯ୍ୟର ନାମ :** ରେଳ ଡ଼ବା ମରାମତି କାରଖାନା, ମଞ୍ଚେଶ୍ୱରଠାରେ ପଲିକ୍ରାକ୍ (Polycrack) ୟୁନିଟ୍ ପଛରେ ଥିବା ଅଂଚଳରେ ଶୂନ୍ୟ ମୂଲ୍ୟ / କମ୍ ମୂଲ୍ୟ ସ୍କ୍ରାପ୍‌କୁ ଅଲଗା କରିବା ତଥା ଏକ ଅନୁମୋଦିତ ପ୍ରାଧିକୃତ ଏଜେନ୍ସି ଦ୍ୱାରା ସ୍ଥାନୀୟ ସଂସ୍ଥାର ସ୍ୱୀକୃତ ଅଳିଆଗଦାସ୍ଥିତ ରେଳବାଇ ପରିସରରେ ସେଗୁଡ଼ିକର ଅପସାରଣ।

**ବିଜ୍ଞାପିତ ମୂଲ୍ୟ (₹) :** 36,91,477.90, EMD (₹) : 73,800.00, ଶେଷ ହେବା ଅବଧି : 06 ମାସ।

ବିଡ୍ ଆରମ୍ଭ ହେବା ତାରିଖ : ତା.25.06.2024 ରିଖ,

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.09.07.2015 ରିଖ 1500 ଘଟିକାରେ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.in ରେ ଉପଲବ୍ଧ ଅଟେ।

ଡେପୁଟି ଚିଫ୍ ମେକାନିକାଲ ଇଂଜିନିୟର(Prod), ରେଳ ଡବା ମରାମତି କାରଖାନା/ ମଞ୍ଚେଶ୍ୱର

PR-237/P/24-25

**ସଂକ୍ଷେପରେ**

## ୧୦୮ ଆମ୍ବୁଲାନ୍ସରେ ଏସି ଅଚଳ, ରୋଗୀ ହନ୍ତସନ୍ତ




ଗୋପ,୨୩।୬(ଭାରତୀ ଭୂଷଣ ଉପାଧ୍ୟାୟ)

ରାଜ୍ୟ ଓ କେନ୍ଦ୍ର ସରକାର ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି। ଏହି ଯୋଜନା ମଧ୍ୟରେ ୧୦୮ ଆମ୍ବୁଲାନ୍ସ ଏକ ରୋଗୀଙ୍କ ପାଇଁ ଭଲ ଯୋଜନା। ହେଲେ ଏହି ୧୦୮ ଯୋଜନା ଗୋପ ବ୍ଲକ ଅଞ୍ଚଳରେ ଅଚଳ ହୋଇ ପଡ଼ିଥିବା ଅଭିଯୋଗ ହୋଇଛି। କେତେବେଳେ ୧୦୮ ଆମ୍ବୁଲାନ୍ସ ଠେଲା ହେଉଛି ତ କେତେବେଳେ ଆମ୍ବୁଲାନ୍ସ କର୍ମଚାରୀ ରହିବା ଲାଗି ବାରଦୁଆର ଶୁଙ୍ଘି ପିଣ୍ଡା ହେଉଛନ୍ତି। ଗୋପ ଡାକ୍ତରଖାନା ଅଧୀନ ନାଗପୁରରେ ଥିବା ୧୦୮ ଆମ୍ବୁଲାନ୍ସରେ ଏସି ଦୀର୍ଘ ୩/୪ ମାସ ଧରି ଅଚଳ ହୋଇ ପଡ଼ିଥିବାରୁ ଯା' ଆସ କରୁଥିବା ରୋଗୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ କୌଣସି ଅଧିକାରୀ ଦୃଷ୍ଟି ଦେଉ ନ ଥିବା କର୍ମଚାରୀମାନେ ଅଭିଯୋଗ କରିଥିବା ସମୟରେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଯୋଗୁ ରୋଗୀମାନେ ନାନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

## କ୍ଲଷ୍ଟରସ୍ତରୀୟ ମାସିକ ସମୀକ୍ଷା ବୈଠକ

ପିପିଲି,୨୩।୬(ଦୁର୍ଗାମାଧବ ମିଶ୍ର)

ଚଳିତ ଶିକ୍ଷାବର୍ଷର ପ୍ରଧାନ ଶିକ୍ଷକଙ୍କ ପ୍ରଥମ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ ଗୋବିନ୍ଦପୁର କ୍ଲଷ୍ଟରର ଗୋବିନ୍ଦପୁର ନୋଡାଲ ସ୍କୁଲରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସିଆର୍‌ସିସି ଚିନ୍ତାମଣି ଓଝା ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ପୁରୀ ଜିଲା ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟର ବାଳିକା ଶିକ୍ଷା ସଂଯୋଜକ କମଳାକାନ୍ତ ରଥ, ପେଡ଼ାଗୋଜି ସଂଯୋଜକ ରମେଶ ସାହୁ ମନିଟରିଂ ଅଧିକାରୀ ଭାବେ ଯୋଗଦେଇ ବୈଠକ ତଦାରଖ କରିଥିଲେ। ଏଥିରେ ପ୍ରଧାନ ଶିକ୍ଷକ ରବୀନ୍ଦ୍ରନାଥ ସାହୁ, ମଧୁଛନ୍ଦା ମିଶ୍ର, ଜୟନ୍ତୀ ଦାସ, ଜୟଲକ୍ଷ୍ମୀ ସ୍ୱାଇଁ, ଶକ୍ତି ପ୍ରସନ୍ନ ମହାନ୍ତି, ଲକ୍ଷ୍ମୀଧର ପ୍ରଧାନ, ଚିନ୍ମୟୀ ସାହୁ, ସନ୍ଧ୍ୟାରାଣୀ ନାୟକ, ସ୍ନିଗ୍ଧା ପ୍ରଧାନ ଏବଂ ମୌଳିକ ସଂଖ୍ୟା ଜ୍ଞାନ ଓ ସାକ୍ଷରତା ଶ୍ରେଣୀର ଶିକ୍ଷକ କବିତା ମହାପାତ୍ର, ଗିତାଞ୍ଜଳି ସାହୁ, ସନ୍ଧ୍ୟାରାଣୀ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ସରକାରଙ୍କ ଦ୍ୱାରା ପ୍ରଦତ୍ତ ମୋବାଇଲ ଟାବଲେଟ ବ୍ୟବହାର, ଶିକ୍ଷାରେ ସୃଜନାତ୍ମକ କାର୍ଯ୍ୟକ୍ରମ, ଜାତୀୟ ଉପଲବ୍ଧି ସର୍ବେକ୍ଷଣ ୨୦୨୪ ପାଇଁ ପ୍ରସ୍ତୁତି, ମୋ ସ୍କୁଲ ପୋର୍ଟାଲର ଅନ୍‌ଲାଇନ ରେଜିଷ୍ଟ୍ରେଶନ, ମାସିକ ପାଠ୍ୟ ଯୋଜନା ଆଦି ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା।

# ରୂପଦେଈପୁର ନାଗା ଯାତ୍ରା ଆରମ୍ଭ

ପିପିଲି,୨୩।୬(ଦୁର୍ଗା ମାଧବ ମିଶ୍ର)

ପିପିଲି ବ୍ଲକ ଅଧୀନ ରୂପଦେଈପୁରର ଓଡ଼ିଶା ପ୍ରସିଦ୍ଧ ନାଗା ଯାତ୍ରା ରବିବାରଠାରୁ ଆରମ୍ଭ ହୋଇଯାଇଛି। ଏହି ପାରମ୍ପରିକ ଯାତ୍ରାରେ ଡେମ୍ଫ, ମହୁରୀ, ନାଗରା ଆଦି ବୀର ବାଦ୍ୟରେ ନାଗାଧାରୀମାନେ ନୃତ୍ୟ ପରିବେଷଣ କରିଥିଲେ। ନାଗା ନୃତ୍ୟ ଉଦ୍‌ଘାଟନ ଦିବସରେ ବହୁ ଦର୍ଶକଙ୍କ ସମାଗମ ହୋଇଥିଲା। ପରମ୍ପରା ଅନୁଯାୟୀ, ରବିବାର ପୂର୍ବାହ୍ନ ୧୧ଟାରେ ଶ୍ରୀଜିଉମାନେ ସ୍ନାନବେଦିରୁ ଅଣସର ଘରକୁ ବିଜେ କରିଥିଲେ। ରବିବାର ରାତି ଓ ସୋମବାର ରାତି ସାରା ନାଗା ନୃତ୍ୟ ପରିବେଷଣ କରାଯାଏ। ବିଶେଷତଃ ଗ୍ରାମର ବଲ୍ଲଭ ଜାଗା, ସାଇଲେଣ୍ଟ ବଏଜ, ବ୍ରହ୍ମାଜାଗା, ଗୋପାଳିଜାଗା, ବାଲି ଜାଗା, ମାତା କୁଣ୍ଡି ଜାଗା, ବାଜେଣି ଜାଗା, ଖାକି ଜାଗା ଓ ତାରେଣୀ ଜାଗା ପକ୍ଷରୁ ନାଗା ସହିତ ଅନେକ ସାହିଯାତ ପ୍ରଦର୍ଶନ କରାଯାଇଥିଲା। ସୋମବାର ହଳଦୀ ପାଣି ଯାତ୍ରା ହେବ। ଚଳିତବର୍ଷ ୨୩ଟି ରୁପା ନାଗା ସହିତ ଅନେକ ଛୋଟ ଛୋଟ ନାଗା କରାଯାଇ ବଡ଼ ବଡ଼ ମେଢର ମରୀଚିକା ସହିତ ଦର୍ଶକଙ୍କୁ ବିମୋହିତ କରୁଛି। ଗତ ଉଦ୍‌ଘାଟନୀ ଦିବସରେ ଦି ସାଇଲେଣ୍ଟ ବୟଜ ପକ୍ଷରୁ ନାଗାଧାରୀ ଜଗନ୍ନାଥ ପ୍ରସାଦ ମିଶ୍ର ଏକ ଭିନ୍ନ ଶୈଳୀରେ ନୃତ୍ୟ ପରିବେଷଣ କରିଥିଲେ। ପ୍ରତିବର୍ଷ ଅପେକ୍ଷା ପାଗ ଅନୁକୂଳ ହେତୁ ଚଳିତବର୍ଷ ଅନେକ ମହିଳା ଦର୍ଶକ ନାଗାକୁ ଉପଭୋଗ କରୁଥିବା ଗ୍ରାମର କନ୍ୟା ଚିନ୍ମୟୀ ମିଶ୍ର କହିଛନ୍ତି। ଗ୍ରାମବାସୀଙ୍କ ସହଯୋଗ ଯୋଗୁ ନାଗା ଯାତ୍ରା ଶୃଙ୍ଖଳିତ ସହ ଅନୁଷ୍ଠିତ ହୋଇଥିବା ମନ୍ଦିର ମୁଖପାତ୍ର ଆଇନଜୀବୀ ସତ୍ୟ ପ୍ରକାଶ ମିଶ୍ର କହିଛନ୍ତି।



## ଘର ତାଲା ଭାଙ୍ଗି ୧୨ ଲକ୍ଷ ଟଙ୍କା, ସୁନାଗହଣା ଲୁଟ୍

ଗୋପ,୨୩।୬(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ବ୍ଲକ ଛକ ନିକଟସ୍ଥ ଜଣେ ଫଳ ବ୍ୟବସାୟୀଙ୍କ ଘରୁ ଶନିବାର ବିଳମ୍ବିତ ରାତ୍ରରେ ୧୨ ଲକ୍ଷ ଟଙ୍କା ସହିତ ୩ ଲକ୍ଷ ଟଙ୍କାର ସୁନା ଅଳଙ୍କାର ଲୁଟ୍ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏ ସମ୍ପର୍କରେ ୧୯୫/୨୪ରେ ଏକ ମାମଲା ରୁଜୁ କରି ପ୍ରାଥମିକ ପର୍ଯ୍ୟାୟରେ ସନ୍ଧାନୀ କୁକୁର ସାହାଯ୍ୟରେ ତଦନ୍ତ ଆରମ୍ଭ କରିଛି।

ପ୍ରକାଶ ଯେ, ଫଳ ବ୍ୟବସାୟୀ ରବୀନ୍ଦ୍ର ସାହୁ ଶନିବାର ବିଳମ୍ବିତ ରାତିରେ ଘରକୁ ଫେରିବା ବେଳକୁ ଘର ତାଲା ଭଙ୍ଗା ଯାଇଥିବା ଦେଖିଥିଲେ। ଘରେ ରଖିଥିବା ୧୨ ଲକ୍ଷ ଟଙ୍କା ଓ ଗୋଟିଏ ଟ୍ରଙ୍କ ମଧ୍ୟରେ ଥିବା ସୁନା ଗହଣାକୁ କେହି ଦୁର୍ବୃତ୍ତ ନେଇଯାଇଥିବା ଜାଣି ନିକଟ ସମ୍ପର୍କୀୟଙ୍କୁ ଜଣାଇବା ସହ ରବିବାର ସକାଳେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ ଆରମ୍ଭ କରିଥିବାବେଳେ କାହାରିକୁ ଗିରଫ କରିନାହିଁ। ସୂଚନାଯୋଗ୍ୟ, ଗୋପ ଥାନା ଏକ ବ୍ରିଟିଶ ଅମଳର ଥାନା ହେବା ସହ ଏକ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ ହୋଇ ଥିବାବେଳେ ଥାନାରେ ଆବଶ୍ୟକତା ଅନୁସାରେ କର୍ମଚାରୀ ଓ ଅଫିସର ନାହାନ୍ତି। ଫଳରେ ଦୈନନ୍ଦିନ ଚୋରି, ଡକାୟତି, ହିଂସା ଓ ରାହାଜାନି ଭଳି ଘଟଣା ଘଟୁଛି। ରାତିରେ ପୋଲିସ ଥାନାରେ ଥିବା ଭଙ୍ଗାଗାଡ଼ିକୁ ନେଇ କେବଳ ଲୋକଦେଖାଣିଆ ପାଟ୍ରୋଲିଂ କରୁଛି। କୌଣସି ଘଟଣାରେ ମଧ୍ୟ ପୋଲିସ କୌଣସି ଅଭିଯୁକ୍ତଙ୍କୁ ଗିରଫ କରିପାରୁନାହିଁ। କୌଣସି ଘଟଣାରେ ପୋଲିସକୁ ଅଭିଯୋଗ କଲେ ପୋଲିସ କର୍ମଚାରୀ ସହିତ ଅଫିସର ନାହାନ୍ତି ଆମେ କ'ଣ କରିବୁ ବୋଲି ଉତ୍ତର ମିଳୁଛି। ଏହି ଡକାୟତି ହୋଇଥିବା ସମ୍ପର୍କରେ ତଦନ୍ତକାରୀ ଅଧିକାରୀ ବିନ୍ଧ୍ୟବାସିନୀ ସେଠୀଙ୍କୁ ପଚାରିବାରେ ତଦନ୍ତ ଚାଲିଛି ବୋଲି କହିଥିଲେ।

## ବିଲିପଡ଼ା ଗ୍ରାମରେ ବୁଦ୍ଧମୂର୍ତ୍ତି ସ୍ଥାପନ



ବୁଦ୍ଧମୂର୍ତ୍ତି ସ୍ଥାପନ ଅବସରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ ।

ପିପିଲି,୨୩।୬(ଦୁର୍ଗାମାଧବ ମିଶ୍ର)

ପିପିଲି ବ୍ଲକ୍ ଅଧୀନ ବିଲିପଡ଼ା ଗ୍ରାମରେ ବୁଦ୍ଧମୂର୍ତ୍ତି ସ୍ଥାପନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଗଙ୍ଗାଧର ସେଠୀ ଏଥିରେ ସଭାପତିତ୍ୱ କରିଥିଲେ। ସତୀଶ ଗଜଭିଆ (ଆଇପିଏସ୍) ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ମୁଖ୍ୟବକ୍ତା ଭାବେ ବୌଦ୍ଧ ସନ୍ନ୍ୟାସୀ ଭନ୍ତେ ମେତାନନ୍ଦଜୀ ଏବଂ ସମ୍ମାନିତ ଅତିଥି ଭାବେ ଲକ୍ଷ୍ମୀପ୍ରିୟା ଉପାଧ୍ୟାୟ (ଆଇଏଏସ୍), ଗାର୍ଗୀ ଶତପଥୀ (ସାମ୍ବାଦିକା), ଅଭିରାମ ମଲିକ୍ (ଲେଖକ), ଜନ୍ମେଜୟ ସାହୁ (ଓଏଏସ୍), ମନୋଜ ପାତ୍ର (ବ୍ୟାଙ୍କ୍ ଅଧିକାରୀ) ପ୍ରମୁଖ ଯୋଗଦେଇଥିଲେ। ବୃକ୍ଷର ଚାରାରୋପଣ କରିବା ସହ ବୁଦ୍ଧମୂର୍ତ୍ତି ଉନ୍ମୋଚନ କରି ଅତିଥିମାନେ ସେମାନଙ୍କ ବକ୍ତବ୍ୟରେ ସନ୍ଥ ବୁଦ୍ଧଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ। ଏଥି ସହିତ ଉକ୍ତ ଅଞ୍ଚଳଟି ଓଡ଼ିଶା ମାନଚିତ୍ରରେ କିପରି ଏକ ଦାର୍ଶନିକ ସ୍ଥାନ ଭାବେ ପରିଚିତ ହେବ, ସେ ଦିଗରେ ଚେଷ୍ଟା କରିବାକୁ ସମସ୍ତେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗାଁ କମିଟି ସଭାପତି ଗୋପୀନାଥ ମାଝୀ, ସମ୍ପାଦକ କାହ୍ନୁଚରଣ ବେହେରା, ରମେଶଚନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିବାବେଳେ ଗାଁ କମିଟି ଉପଦେଷ୍ଟା ସର୍ବେଶ୍ୱର ଭାରତୀ ମଞ୍ଚ ପରିଚାଳନା କରିଥିଲେ ଏବଂ ଶିକ୍ଷାବିତ୍ ବାମଦେବ ବେହେରା ଧନ୍ୟବାଦ ଦେଇଥିଲେ।

## ୧୬ ଜଣ ଏ୧ ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

ପିପିଲି,୨୩।୬(ପ୍ରଭାତ କୁମାର ମହାପାତ୍ର)



ପିପିଲି ଅବସରପ୍ରାପ୍ତ ମାଧ୍ୟମିକ ଶିକ୍ଷକ ଓ କର୍ମଚାରୀ ସଂଘର ପ୍ରଥମ ବାର୍ଷିକ ମେଧା ସମ୍ମାନ -୨୦୨୪ ସ୍ଥାନୀୟ ପିପିଲି ଜବାହାର ବିଦ୍ୟାପୀଠ ସମ୍ମିଳନୀ ଗୃହରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପିପିଲି ବ୍ଲକର ୯ଟି ବିଦ୍ୟାଳୟର ୧୬ ଜଣ ଏ୧ ମେଧାବୀ ଛାତ୍ରୀଛାତ୍ରଙ୍କୁ ପୁଷ୍ପଗୁଚ୍ଛ ସହିତ ପ୍ରଶଂସା ପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘ ସଭାପତି ଶିକ୍ଷାବିତ୍ ରାମଚନ୍ଦ୍ର ଦାଶ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ପିପିଲି ଶିକ୍ଷା ଜିଲା ଅଧିକାରୀ ରବୀନ୍ଦ୍ରନାଥ ନନ୍ଦ, ସମ୍ମାନିତ ଅତିଥି ଭାବେ ଜବାହାର ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ପୀତବାସ ସେଠୀ, ଜି.ଏମ୍. ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିଭା ଷଡ଼ଙ୍ଗୀ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ସହ ସମ୍ପାଦକ ରଘୁନାଥ ଜେନା ଅତିଥି ପରିଚୟ ପ୍ରଦାନ କରିବା ସହିତ ସ୍ୱାଗତ ଭାଷଣ ଦେଇଥିଲେ। ସଂଘ ସମ୍ପାଦକ ସୁଲେଖକ ଅର୍ଜୁନ ଘଡେଇ ବିବରଣୀ ପ୍ରଦାନ କରି ସଂଘର ଉଦ୍ଦେଶ୍ୟ ଓ କାର୍ଯ୍ୟଧାରା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଉପସଭାପତି ସଚ୍ଚିଦାନନ୍ଦ ନାୟକ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସଭାପତି ରାମଚନ୍ଦ୍ର ଦାଶ ନିଜ ଅନୁଭୂତି ଆଧାରରେ ଚରିତ୍ରବାନ ଓ ରାଷ୍ଟ୍ର ପ୍ରେମୀ ହେବାକୁ ବିଦ୍ୟାର୍ଥୀଙ୍କୁ ଆଶୀର୍ବଚନ ପ୍ରଦାନ କରିଥିଲେ। ଶିକ୍ଷା ଜିଲା ଅଧିକାରୀ ନନ୍ଦ ଏପରି ପ୍ରୟାସର ଭୂରିଭୂରି ପ୍ରଶଂସା କରିଥିଲେ। ଜାଗୃତି ସଂଗଠନ ସଭାପତି ପ୍ରଭାତ କୁମାର ମହାପାତ୍ର ଯୋଗଦେଇ ପ୍ରାଚୀନ ଗୁରୁ- ଶିଷ୍ୟ ପରମ୍ପରା ଉପରେ ଆଲୋକପାତ କରିଥିଲେ। ପରେ ସଂଘ ସଭ୍ୟ ଲକ୍ଷ୍ମୀଧର ପରିଡ଼ା ଧନ୍ୟବାଦ ଦେଇଥିଲେ। ପ୍ରସନ୍ନ ଦାସ, ସତ୍ୟାନନ୍ଦ ଦାଶ, ପ୍ରମୋଦ ଶତପଥୀ, ଧୀରେନ୍ଦ୍ର ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବେଆଇନ କାଠ ଚାଲାଣ, ବନବିଭାଗ ନୀରବ

ଯୋଗେଶ୍ୱରପୁର,୨୩।୬(ରଶ୍ମିରଞ୍ଜନ ସାହୁ)

ଗ୍ରାମାଞ୍ଚଳରୁ ବେଆଇନ ଭାବେ କେତେଜଣ କାଠ ବ୍ୟବସାୟୀ ଗ୍ରାମାଞ୍ଚଳରୁ ପୁରାତନ ବୃକ୍ଷ ଯଥା: ଚାକୁଣ୍ଡା, ଆମ୍ବ, ପଣସ, ଗମ୍ଭାରୀ, ଆକାଶୀ, ଶାଗୁଆନ ପ୍ରମୁଖ ଗଛଗୁଡ଼ିକ ଦିବାଲୋକରେ କାଟି ନେଇ ତୁଳସୀପୁର ସ-ମିଲ୍‌କୁ ରାତିରେ ନେଉଛନ୍ତି। ତୁଳସୀପୁର ଅଞ୍ଚଳରେ ୧୫ରୁ ଅଧିକ ସ-ମିଲ୍ ରହିଥିବାବେଳେ କାହାର ଲାଇସେନ୍ସ ନ ଥିବା ଜଣାପଡ଼ିଛି। ସେହି କରତ କଳ ବନ ବିଭାଗ ସହିତ ସୁସମ୍ପର୍କ



ରଖି ନିର୍ଭୟରେ କାମ ଚଳେଇଛନ୍ତି। ଯେଉଁ ସବୁ ଟ୍ରାକ୍ଟରରେ କାଠ ବୁହାଯାଉଛି, ସେହି ସବୁ ଟ୍ରାକ୍ଟରର କାଗଜ ପତ୍ର ମଧ୍ୟ ଠିକ୍ ନାହିଁ। ଏହି ଟ୍ରାକ୍ଟରଗୁଡ଼ିକ ୧୦୦ ଘନ ଫୁଟ କାଠ ନବାର ନିୟମ ଥିବାବେଳେ ଏମାନେ ୫୦୦ରୁ ଊର୍ଦ୍ଧ୍ୱ ଘନଫୁଟ କାଠ ବୋହି କରତ କଳକୁ ଚିରିବାକୁ ନେଉଛନ୍ତି। ଯିବା ବାଟରେ ଥାନା, ଫାଣ୍ଡି ଓ ଫରେଷ୍ଟ ଅଫିସ ପଡୁଥିଲେ ମଧ୍ୟ ସେମାନଙ୍କ ପକ୍ଷରୁ ଧରପଗଡ କରାଯାଉନାହିଁ। ଏ କଞ୍ଚା ଗଛଗୁଡ଼ିକ କାଟିବାକୁ ବନ ବିଭାଗର ନିର୍ଦ୍ଦେଶ ନ ଥିବାବେଳେ କାଠ ବ୍ୟବସାୟୀମାନେ ବେପରୁଆ ମନୋଭାବ ନେଇ ଗାଁ ଗହଳିରୁ ଗଛ କାଟୁଥିଲେ ମଧ୍ୟ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଫଳରେ ଗ୍ରାମାଞ୍ଚଳରୁ ବହୁ ପୁରାତନ ବୃକ୍ଷ ଲୋପ ପାଇବାକୁ ବସିଲାଣି।

## ବାଇଁଶିବାଡ଼ି ମା' କ୍ଷେତ୍ରପାଳୀ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

ସାକ୍ଷୀଗୋପାଳ,୨୩।୬(ପ୍ରଶାନ୍ତ କୁମାର ବାରିକ୍/ କିଶୋର ମହାପାତ୍ର/ଭରତ ରାଉତ)

ସତ୍ୟବାଦୀ ବ୍ଲକ ସାରଙ୍ଗଯୋଡ଼ି ପଞ୍ଚାୟତ ବାଇଁଶିବାଡ଼ି ଗ୍ରାମରେ ପ୍ରସିଦ୍ଧ ଶକ୍ତିପୀଠ ମା' କ୍ଷେତ୍ରପାଳୀଙ୍କ ମନ୍ଦିର ପରିସରରେ ଆରମ୍ଭ ହୋଇଯାଇଛି ବିଶ୍ୱଶାନ୍ତି ମହାଯଜ୍ଞ। ଆଷାଢ଼ ମାସର ପ୍ରଥମ ପକ୍ଷ ୧୩ ଦିନିଆ ପଡୁଥିବାରୁ ପୂର୍ବରୁ ପ୍ରଚଳିତ ପରମ୍ପରା ଅନୁଯାୟୀ ଏହି ଯଜ୍ଞ ଅନୁଷ୍ଠିତ ହେଉଛି। ମା' କ୍ଷେତ୍ରପାଳୀ ସତ୍‌ସଙ୍ଗ ପରିଚାଳନା ସଂସଦ ପକ୍ଷରୁ ଆୟୋଜିତ ଏହି ମହାଯଜ୍ଞ ପାଇଁ ଢୋଲ, ମହୁରୀ, ପାରମ୍ପରିକ ବାଦ୍ୟ ଓ ବାଇଁଶିବାଡ଼ି ଗାଦିବ୍ରହ୍ମ ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ସଂକୀର୍ତ୍ତନ ଓ ହରିନାମ ପରିବେଷଣ କରାଯାଇଥିଲା। ସ୍ଥାନୀୟ ୧୦୮ ମହିଳା ଓ ପୁରୁଷ ଏକ ଶୋଭାଯାତ୍ରାରେ ଶୁଦ୍ଧପୂତ ଭାବେ ଭାର୍ଗବୀ ନଦୀ ସାରଙ୍ଗଯୋଡ଼ି ଘାଟରୁ କଳସରେ ଜଳ ଉତ୍ତୋଳନ କରିଥିଲେ। ପରେ ପରେ ୯ ଜଣ ବରିଷ୍ଠ ଶ୍ରୋତ୍ରିୟ ବ୍ରାହ୍ମଣଙ୍କ ଦ୍ୱାରା ଅଧିବାସ ଓ ଅଙ୍କୁରାରୋପଣ ଆଦି କାର୍ଯ୍ୟ କରାଯାଇଥିଲା। ଶିବବ୍ରତ ଦାସ ଓ ତାଙ୍କ ସହଧର୍ମିଣୀଙ୍କୁ କର୍ତ୍ତା ଓ କର୍ତ୍ତ୍ରୀ ଭାବେ ବରଣ କରାଯାଇଥିଲା। ପଣ୍ଡିତ ନିତ୍ୟାନନ୍ଦ ଦାଶ, ପଣ୍ଡିତ ନିରଞ୍ଜନ ଦାଶ, ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ପୂଜାପଣ୍ଡା, ପଣ୍ଡିତ ସୋମନାଥ ମିଶ୍ରଙ୍କ ସହ ଅନ୍ୟମାନେ ଯଜ୍ଞ ପରିଚାଳନା ସହଯୋଗ କରିଥିଲେ। ଜୁଲାଇ ୭ରେ ଏହି ମହାଯଜ୍ଞର ପୂର୍ଣ୍ଣାହୁତି ହେବ।

## ସେତୁରେ ବୁଲା ଗୋରୁଙ୍କ ଯୋଗୁ ଘଟୁଛି ଦୁର୍ଘଟଣା

କଣାସ,୨୩।୬(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକର ଦୟା, ରାଜୁଆ, ମକରା ନଦୀ ଉପରେ ଥିବା ବ୍ରିଜ୍‌ଗୁଡ଼ିକରେ ଶହଶହ ସଂଖ୍ୟାରେ ଗୋରୁ ଶୋଇରହୁଥିବା ଦେଖିବାକୁ ମିଳୁଛି। ଫଳରେ ବାଇକ୍, କାର୍ ଆରୋହୀ ବାରମ୍ବାର ଦୁର୍ଘଟଣାର ଶିକାର ହେବା ସହ ଯାତାୟାତରେ ମଧ୍ୟ ଅସୁବିଧା ଭୋଗୁଛନ୍ତି। ଦୋକନ୍ଦାଠାରେ ଥିବା ବ୍ରିଜ୍, ରାଜୁଆନଦୀର କଖାରବସ୍ତଠାରେ ଥିବା ବ୍ରିଜ୍, ଜଙ୍କିଆଠାରେ ଦୟାନଦୀ ଉପରେ ଥିବା ବ୍ରିଜ୍, ଚୁପୁରିଙ୍କିଠାରେ ମକରାନଦୀ ଉପରେ ଥିବା ବ୍ରିଜ୍, ଦୟାନଦୀର ନୂଆଗାଁଠାରେ ଥିବା ବ୍ରିଜ୍, ଆଡାଲଠାରେ ମକରାନଦୀରେ ଥିବା ବ୍ରିଜ୍, କଉଡିଖଣିଠାରେ ଥିବା ମକରାନଦୀ ବ୍ରିଜ୍ ଉପରେ ବୁଲା ଗୋରୁ ଶୋଇ ରହୁଛନ୍ତି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି । ପ୍ରକାଶଥାଉକି, ଗାଁ ଗହଳିରେ ଅନେକ ପରିବାର ଗୋରୁ ରଖିଥିଲେ ମଧ୍ୟ ସେମାନେ ଗୋରୁଙ୍କୁ ବାହାରେ ଛାଡ଼ି ଦେଉଥିବାରୁ ସେମାନେ ବ୍ରିଜ୍ ଉପରେ ଆଶ୍ରୟ ନେଉଛନ୍ତି।

## ଓଡ଼ିଶା ରାଜ୍ୟ ଶ୍ରମିକ ସମବାୟ ସମିତିର ତାଲିମ ପ୍ରଦାନ

ଅସ୍ତରଙ୍ଗ,୨୩।୬(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ବ୍ଲକ ଅଧୀନ ମା' ଉଜ୍ଜ୍ୱଳେଇ ମନ୍ଦିର ନିକଟରେ ରବିବାର ଓଡ଼ିଶା ରାଜ୍ୟ ଶ୍ରମିକ ସମବାୟ ସମିତି ଲିମିଟେଡ୍ ପକ୍ଷରୁ କର୍ମକର୍ତ୍ତା ଚୟନ ବୈଠକ ଓ ତାଲିମ ରବିବାର ଅନୁଷ୍ଠିତ ହୋଇଯାଇଛି। ତାଲିମଟି ଅସ୍ତରଙ୍ଗ ଶାଖା ପ୍ରବନ୍ଧକ ଜୟନ୍ତ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିବାବେଳେ ଆଡିସିନାଲ ସେକ୍ରେଟାରି ପ୍ରଶାନ୍ତ ପାଳ, ଡି. ଏମ୍ ଚିନ୍ମୟୀ, ଜି. ଏମ୍ ପ୍ରଶାନ୍ତ ସ୍ୱାଇଁ, କାକଟପୁର ଶାଖା ପ୍ରବନ୍ଧକ ମାନସ ଓଝା, ଅତିରିକ୍ତ ଶାଖା ପ୍ରବନ୍ଧକ ମନୋଜ ପଣ୍ଡା ଯୋଗଦେଇଥିଲେ। ଓଡ଼ିଶା ରାଜ୍ୟ ଶ୍ରମିକ ସମବାୟ ସମିତି ଲିମିଟେଡ୍ ପକ୍ଷରୁ ଗରିବ ଲୋକଙ୍କ ପାଇଁ ଦୋକାନ ବଜାରଠାରୁ କମ୍ ମୂଲ୍ୟରେ ୧୫ରୁ ୫୦ ପ୍ରତିଶତ ରିହାତିରେ ଖାଦ୍ୟ ସାମଗ୍ରୀଠାରୁ ଆରମ୍ଭ କରି ବିଭିନ୍ନ ବ୍ୟବହୃତ ସାମଗ୍ରୀ ଯୋଗାଇ ଦିଆଯିବ ବୋଲି ଉପସ୍ଥିତ କର୍ମୀଙ୍କୁ ତାଲିମ ଦେଇଥିଲେ। ଏହାର ସଦସ୍ୟ ହେବାକୁ ୨୫୦ ଟଙ୍କା ଦେଇ ପଞ୍ଜୀକୃତ କରିବାକୁ ପଡ଼ିଥିବାବେଳେ ମାତ୍ର ୨୫୦ ଟଙ୍କାରେ ଯେଉଁ ପରିବାର ପଞ୍ଜୀକୃତ କରିଥିବେ, ସେହି ପ୍ରତ୍ୟେକ ଗରିବ ପରିବାର ପାଇଁ ଦୁର୍ଘଟଣା ଜନିତ ୫ ହଜାରରୁ ୧ ଲକ୍ଷ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବୀମା ଯୋଗାଇ ଦିଆଯିବା ସହିତ ବିଭିନ୍ନ ସୁବିଧା ଯୋଗାଇ ଦିଆଯିବ ବୋଲି ଉପସ୍ଥିତ ଅତିଥି ଶତାଧିକ ବ୍ୟକ୍ତି ବିଶେଷଙ୍କୁ ବୁଝାଇଥିଲେ। ଏହି ତାଲିମଟି ଅସ୍ତରଙ୍ଗ ବ୍ଲକର ନଈଗୁଆଁ, ଆଳଙ୍ଗପୁର ସମେତ ବିଭିନ୍ନ ଗ୍ରାମରେ ହୋଇଥିବାବେଳେ କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳର ଶତାଧିକ ଲୋକ ଏଥିରେ ଅଂଶଗ୍ରହଣ କରିଥିଲେ।



ତାଲିମ ପ୍ରଦାନ କାର୍ଯ୍ୟକ୍ରମରେ ଅତିଥି ଏବଂ ମହିଳାମାନେ ।

# ମୌସୁମୀ ବର୍ଷାରେ ନିମାପଡ଼ା ସହର ବେହାଲ

ନିମାପଡ଼ା,୨୩।୬(ବିଚିତ୍ରାନନ୍ଦ ସାହୁ)

ମୌସୁମୀର ତୁହାକୁ ତୁହା ବର୍ଷାରେ ଏବେ ନିମାପଡ଼ା ସହର ବଜାର ବେହାଲ ହୋଇପଡ଼ିଛି। ନିମାପଡ଼ା ବଜାର ରାସ୍ତା, ଅମଲାପଡ଼ା ରାସ୍ତା, ଦୋଳବେଦୀ ଛକଠାରୁ ଅଣ୍ଡିଆ ସାହି ରାସ୍ତା, ଜୟଶ୍ରୀ ଛକଠାରୁ ନୂଆ ବସ୍‌ଷ୍ଟାଣ୍ଡ ରାସ୍ତା, ଅମଲାପଡ଼ା ଆଦି ମୁଖ୍ୟ ରାସ୍ତାରେ ବର୍ଷା ପାଣିର ସୁଅ ଛୁଟୁଛି। ଶୀବଶକ୍ତି କଲୋନୀ, ନିଉ କଲୋନୀ, ମହାବୀର କଲୋନୀ, ଶ୍ରୀକୃଷ୍ଣ ନଗର, ଶ୍ରୀରାମ ନଗର ରାସ୍ତା ସମେତ ଏନ୍‌ଏସି ଅଞ୍ଚଳର ବହୁ କଲୋନୀ ରାସ୍ତାରେ ଆଣ୍ଠୁଏ ବର୍ଷା ପାଣିର ସୁଅ ଛୁଟୁଥିବାରୁ ସେମାନଙ୍କ ଘରେ ବର୍ଷା ପାଣି ପଶିଛି। ଏଭଳି ଅବସ୍ଥା ଯୋଗୁ ପୌରବାସୀଙ୍କ ଯାତାୟାତ ଠପ୍ ହୋଇପଡ଼ିଥିବାବେଳେ ଚଳଣି ଦୁର୍ବିସହ ହୋଇପଡ଼ିଛି। ବିଭିନ୍ନ ୱାର୍ଡର ସାହି, ବସ୍ତି, କଲୋନୀ ରାସ୍ତାରୁ ଉଦ୍‌ବୃତ୍ତ ବର୍ଷା ଜଳ ନିଷ୍କାସନ ହୋଇ ନ ପାରିବା ଯୋଗୁ ଏଭଳି ଅବସ୍ଥା ସୃଷ୍ଟି ହୋଇଥିବା ପୌରବାସୀ ପୂର୍ଣ୍ଣଚନ୍ଦ୍ର ସାହୁ, ଅକ୍ଷୟ ସାହୁ, ରବୀନ୍ଦ୍ର ବେହେରା, ମନୋରମା ବେହେରା, ଝୁଲଣା ନାୟକ ପ୍ରମୁଖ ଅଭିଯୋଗ କରିଛନ୍ତି। ଏନ୍‌ଏସିର ବିଭିନ୍ନ ୱାର୍ଡରେ ଗଢି ଉଠିଥିବା ଅନେକ କଲୋନୀ, ନଗର, ସାହି, ବସ୍ତି ରାସ୍ତାରେ ବର୍ଷା ଜଳ ନିଷ୍କାସନ ପାଇଁ

### ମୁଖ୍ୟ ରାସ୍ତାରେ ବର୍ଷା ପାଣି ସୁଅ

ଡ୍ରେନେଜ୍ ବ୍ୟବସ୍ଥା ନ ଥିବାରୁ ବହୁ ସମସ୍ୟା ଦେଖାଦେଇଛି। ବର୍ଷା ଦିନ ପୂର୍ବରୁ ପୁରୁଣା ଡ୍ରେନଗୁଡ଼ିକୁ ଏନ୍‌ଏସି ପକ୍ଷରୁ ସଫେଇ କରାଯାଉ ନ ଥିବାରୁ ଡ୍ରେନଗୁଡ଼ିକରେ ବର୍ଷା ଜଳ ନିଷ୍କାସନ ହୋଇପାରୁ ନାହିଁ। ଅନ୍ୟପକ୍ଷରେ ନିମାପଡ଼ା ସହରର ସୌନ୍ଦର୍ଯ୍ୟକରଣ ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ପ୍ରାୟ ୧୧ କୋଟି ଟଙ୍କା ବ୍ୟୟ ଅଟକଳରେ ଏନ୍‌ଏସିର ତଳଅଣ୍ଡିଆ ଛକଠାରୁ ଦୋଳବେଦୀ ଛକ ମୋହନ ଦାଶ ମାର୍ଗ ପର୍ଯ୍ୟନ୍ତ ସାଢେ ୩ କି.ମି. ବିଶିଷ୍ଟ ପକ୍କା ଚଉଡ଼ା ଫୋର୍‌ଲେନ ରାସ୍ତା ଓ ରାସ୍ତାର ଉଭୟ ପାର୍ଶ୍ୱ ଡ୍ରେନ ନିର୍ମାଣ କାର୍ଯ୍ୟରେ ଅହେତୁକ ବିଳମ୍ବ ଯୋଗୁ ପୁରୁଣା ବସ୍ ଷ୍ଟାଣ୍ଡଠାରୁ ନୂଆ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାରୁ ବର୍ଷା ଜଳ ନିଷ୍କାସନ ହୋଇ ନ ପାରି ରାସ୍ତାରେ ଲହଡ଼ି ଭାଙ୍ଗୁଛି। ଫଳରେ ଯାନବାହାନ ଚଳାଚଳ, ସାଧାରଣ ଯାତାୟାତରେ ଘୋର ଅନ୍ତରାୟ ସୃଷ୍ଟି ହୋଇଛି। ସରକାରଙ୍କ ମୁକ୍ତା ଯୋଜନାରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଏନ୍‌ଏସି ପକ୍ଷରୁ ବିଭିନ୍ନ ୱାର୍ଡରେ ନୂତନ ଡ୍ରେନ ନିର୍ମାଣ କାର୍ଯ୍ୟ ହାତକୁ ନିଆଯାଇଥିବାବେଳେ ଏହି ଡ୍ରେନଗୁଡ଼ିକର ସୁଫଳ ଅଦ୍ୟାବଧି ପାଇପାରି ନାହିଁ। ଏ ସମ୍ପର୍କରେ ଏନ୍‌ଏସି ଉପାଧ୍ୟକ୍ଷ ସନ୍ତୋଷ ଦାଶଙ୍କୁ ପଚାରିବାରେ, ଏନ୍‌ଏସି ପକ୍ଷରୁ ମୋଟର ପମ୍ପ ଲଗାଯାଇ ବିଭିନ୍ନ ୱାର୍ଡରୁ ବର୍ଷା ଜଳର ନିଷ୍କାସନ ବ୍ୟବସ୍ଥା କରାଯାଉଛି। ବିଭିନ୍ନ ୱାର୍ଡର ଅସମ୍ପୂର୍ଣ୍ଣ ରହିଥିବା ସ୍ଥାନରେ ନୂତନ ଡ୍ରେନ ନିର୍ମାଣ ପାଇଁ ବ୍ୟବସ୍ଥା ଚାଲିଛି। ଖୁବ୍‌ଶୀଘ୍ର ଏହି ନୂତନ ଡ୍ରେନ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହେବା ସହ ନିର୍ମାଣାଧୀନ ମୁଖ୍ୟ ଡ୍ରେନ ସହ ବର୍ଷା ଜଳ ନିଷ୍କାସନ ପାଇଁ ଅନେକ ଡ୍ରେନର ସଂଯୋଗ କରାଯିବ ବୋଲି ଉପାଧ୍ୟକ୍ଷ ସନ୍ତୋଷ ଦାଶ କହିଛନ୍ତି।




ଜୟଶ୍ରୀ ଛକଠାରୁ ନୂତନ ବସ୍‌ଷ୍ଟାଣ୍ଡ ମୁଖ୍ୟ ରାସ୍ତାରେ ବର୍ଷାପାଣି ଜମି ରହିଛି।

# ବିଦ୍ୟୁତ୍ କାଟକୁ ନେଇ ୫ ପଞ୍ଚାୟତବାସୀଙ୍କ ପ୍ରତିବାଦ



ବରିମୁଣ୍ଡସ୍ଥିତ ବାଲିଯାତ୍ରା ପଡ଼ିଆ ରାସ୍ତାରେ ଉତ୍ତ୍ୟକ୍ତ ଲୋକେ ଟାୟାର ଜାଳୁଛନ୍ତି।



ଲୋକେ ରାସ୍ତା ଅବରୋଧ କରି ବିକ୍ଷୋଭ କରୁଛନ୍ତି।

ବାରଙ୍ଗ,୨୩।୬(ଲିଙ୍ଗରାଜ ରାଉତ)

ଗତ କିଛିଦିନ ହେବ ରାଜଧାନୀ ଉପକଣ୍ଠ ଗ୍ରାମଗୁଡ଼ିକରେ ବାରମ୍ବାର ଅଘୋଷିତ ବିଦ୍ୟୁତ୍ କାଟରେ ଅଞ୍ଚଳବାସୀ ଅତିଷ୍ଠ ହୋଇ ରବିବାର ଏହାର ପ୍ରତିବାଦ କରିଛନ୍ତି। ବିଦ୍ୟୁତ୍ କାର୍ଯ୍ୟାଳୟର ଏକ ଗାଡ଼ି ଏବଂ କର୍ମଚାରୀଙ୍କୁ ଅଟକ ରଖିବା ସହ ବିଭିନ୍ନ ସ୍ଥାନରେ ମୁଖ୍ୟ ରାସ୍ତା ଅବରୋଧ କରି ଟାୟାର ଜାଳିଥିଲେ। ଫଳରେ ଯାତାୟାତରେ ବାଧା ସୃଷ୍ଟି ହୋଇଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ଠିକ୍ ବିଦ୍ୟୁତ୍ ଯୋଗାଣ ପାଇଁ ଅଧିକାରୀଙ୍କ ସହ ଆଲୋଚନା କରିବାକୁ ପ୍ରତିଶ୍ରୁତି ଦେବାରୁ ଅବରୋଧ ହଟିବା ସହ ଯାତାୟାତ ସ୍ୱାଭାବିକ ହୋଇଥିଲା।

ପ୍ରକାଶ ଯେ, ଗତ କିଛି ମାସ ଧରି ରଘୁନାଥପୁର, ଦାଢା, କଲ୍ୟାଣପୁର, ବରିମୁଣ୍ଡ ଓ ଇଞ୍ଜଣା ଆଦି ୫ ପଞ୍ଚାୟତରେ ଅଘୋଷିତ ବିଦ୍ୟୁତ୍ କାଟ ହେଉଛି। ଏଥିନେଇ ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କୁ ଯୋଗାଯୋଗ କଲେ ମଧ୍ୟ ଉପଯୁକ୍ତ ଉତ୍ତର ମିଳୁ ନ ଥିଲା। ଏଥିରେ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଧୀରେ ଧୀରେ ବୃଦ୍ଧି ପାଇବାରେ ଲାଗିଥିଲା। କିନ୍ତୁ ୧ ମାସ ହେବ କଲ୍ୟାଣପୁର, ଇଞ୍ଜଣା, ବରିମୁଣ୍ଡ ଆଦି ୩ ପଞ୍ଚାୟତରେ ବହୁ ସମୟ ଧରି ବିଦ୍ୟୁତ୍ କାଟ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ରବିବାର ପୂର୍ବାହ୍ନରେ କୌଣସି ତ୍ରୁଟିର ଆଳ ଦେଖାଇ କଳାରାହାଙ୍ଗଠାରୁ ଅନ୍ୟ ଗ୍ରାମଗୁଡ଼ିକୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରି ଦିଆଯାଇଥିଲା। ବିଦ୍ୟୁତ୍ ବିଭାଗର କର୍ମଚାରୀ ଏକ ଗାଡ଼ି ଯୋଗେ ଆସୁଥିବାବେଳେ ଟାଙ୍ଗିବନ୍ତ ଗ୍ରାମ ପାଖରେ ଗ୍ରାମବାସୀ ସେମାନଙ୍କୁ ରୋକି ଅଘୋଷିତ ବିଦ୍ୟୁତ୍ କାଟର କାରଣ ଜାଣିବାକୁ ଚାହିଁବା ସହ ଉପରିସ୍ଥ ଅଧିକାରୀଙ୍କୁ ଡାକିବାକୁ ଜିଦ୍ ଧରିଥିଲେ। ଖବର ଆଖପାଖ ଗ୍ରାମରେ ପ୍ରଘଟ ହେବା ପରେ ଏତେ ଦିନ ଧରି ଗରମ, ଗୁଳୁଗୁଳିରେ ଅତିଷ୍ଠ ହେଉଥିବା ଅସନ୍ତୁଷ୍ଟ ଜନସାଧାରଣ ରାଜରାସ୍ତାକୁ ଆସି ପ୍ରତିବାଦ କରିଥିଲେ। ଗଣ୍ଡରପୁର ଉଚ୍ଚ ବିଦ୍ୟାଳୟ ଛକରେ ଉତ୍ତ୍ୟକ୍ତ ଗ୍ରାମବାସୀ ମୁଖ୍ୟ ରାସ୍ତା ଉପରେ ବାଉଁଶ ବାନ୍ଧି ରାସ୍ତା ଅବରୋଧ କରିଥିଲେ। ଗଣ୍ଡରପୁରଠାରେ ଏକ ମୋ ବସ୍ ଫସି ରହିଥିଲା। ଫଳରେ ସେଥିରେ ଥିବା ଯାତ୍ରୀ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସେହିପରି ବରିମୁଣ୍ଡସ୍ଥିତ ବାଲିଯାତ୍ରା ପଡ଼ିଆଠାରେ ୫ ପଞ୍ଚାୟତର ଶତାଧିକ ଉତ୍ତ୍ୟକ୍ତ ଜନସାଧାରଣ ଜରିପାଟଣା ଗ୍ରାମ ରାସ୍ତା ଏବଂ ବାରଙ୍ଗକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତାକୁ ଟାୟାର ଜାଳି ଅବରୋଧ କରିଥିଲେ। ଫଳରେ ସାଢ଼େ ୩ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ପର୍ଯ୍ୟନ୍ତ ଯାତାୟାତରେ ସମସ୍ୟା ସୃଷ୍ଟି ହୋଇଥିଲା। ବାଲିଯାତ୍ରା ପଡ଼ିଆଠାରେ ନନ୍ଦନକାନନରୁ ଫେରୁଥିବା ବହୁ ପର୍ଯ୍ୟଟକଙ୍କ ଗାଡ଼ି ଦୀର୍ଘ ସମୟ ଧରି ଅଟକି ରହିଥିଲା। ବରିମୁଣ୍ଡ ଗ୍ରାମ ସଭାପତି ପବିତ୍ର ନାୟକ, ବୟୋଜ୍ୟେଷ୍ଠ ମୁରବି ଅନ୍ତର୍ଯାମୀ କୁଅଁରଙ୍କ ସମେତ ବହୁ ଲୋକ ପ୍ରତିନିଧି, ମୁରବି, ଯୁବକମାନେ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ। ଖବରପାଇ ନନ୍ଦନକାନନ ଥାନା ପୋଲିସ ଏବଂ ମଞ୍ଚେଶ୍ୱର ଥାନା ଅଧିକାରୀ ମାନସ ସ୍ୱାଇଁ ଏବଂ ଜୋନ୍ ଏସିପି କିଶନ ଗୌତମ ପ୍ରମୁଖ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ଅଞ୍ଚଳବାସୀ ନିଜ ଜିଦରେ ଅଟଳ ରହିଥିଲେ। ଯେ ପର୍ଯ୍ୟନ୍ତ ବିଦ୍ୟୁତ୍ ବିଭାଗୀୟ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥାୟୀ ପ୍ରତିକାର ପାଇଁ ପ୍ରତିଶ୍ରୁତି ଦେଇନାହାନ୍ତି, ସେ ପର୍ଯ୍ୟନ୍ତ ରାସ୍ତା ଅବରୋଧ ହଟିବ ନାହିଁ ବୋଲି ଆନ୍ଦୋଳନକାରୀ ରାସ୍ତା ଉପରେ ବସି ଧାରଣା ସହ ହୋହଲ୍ଲା କରିଥିଲେ। ପୋଲିସ ପକ୍ଷରୁ ବିଦ୍ୟୁତ୍ ବିଭାଗ ଯନ୍ତ୍ରୀଙ୍କ ସହ ଆଲୋଚନା ପରେ ତ୍ରୁଟି ସଂଶୋଧନ କରାଯାଇ ବିଦ୍ୟୁତ୍ ସରବରାହ ସ୍ୱାଭାବିକ ହେବାର ପ୍ରତିଶ୍ରୁତି ପରେ ରାସ୍ତା ଅବରୋଧ ହଟିଥିଲା।

### ଟାୟାର ଜାଳି ସାଢ଼େ ୩ ଘଣ୍ଟା ରାଜରାସ୍ତା ଅବରୋଧ

# ପାଟନାଳୀ ପୋଲରୁ ଖସି ଜଣେ ମୃତ

ମାହାଙ୍ଗା/ସାଲେପୁର,୨୩।୬
(ଯଯାତି ସିଂହ/ଅରବିନ୍ଦ ଭୂୟାଁ)

ମାହାଙ୍ଗା ଥାନା ଚାହାପଡା ପଞ୍ଚାୟତ ଅନ୍ତର୍ଗତ ବରିଦିଆ ମା'ତାରିଣୀ ଛକର ପାଟନାଳୀ ପୋଲରେ ରବିବାର ଏକ ଦୁର୍ଘଟଣା ହୋଇଛି। ଏକ ବାଇକ୍ ଭାରସାମ୍ୟ ହରାଇ ପୋଲ ତଳକୁ ଖସିପଡିଛି। ଫଳରେ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଏହି ଥାନା ଅନ୍ତର୍ଗତ ନୃତାଙ୍ଗ ଗ୍ରାମର ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ ଦାମୋଦର ଦାସ(୭୭)। ଗୁରୁତର ଜଣକ ହେଲେ ଉକ୍ତ ଗ୍ରାମର ପ୍ରଦୀପ୍ତ କୁମାର ସାମଲ(୩୯)। ଉଭୟ ଏକ ବାଇକରେ ନେମାଳସ୍ଥିତ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପୀଠକୁ ଶନିବାର ଦେବସ୍ନାନ ପୂର୍ଣ୍ଣିମା ଦେଖିବାକୁ ଯାଇଥିଲେ। ରବିବାର ଭୋର ସମୟରେ ଫେରୁଥିବା ବେଳେ ଏହି ଦୁର୍ଘଟଣା ହୋଇଥିଲା। ଫଳରେ ଘଟଣାସ୍ଥଳରେ ଦାମୋଦରଙ୍କ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକେ ପ୍ରଦୀପ୍ତଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଖବରପାଇ ସାଲେପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ସୂଚନାଯୋଗ୍ୟ, ଉକ୍ତ ପାଟନାଳୀର ପୋଲର ଉଭୟ ପାର୍ଶ୍ୱରେ ସୁରକ୍ଷା ବାଡ ନ ଥିବାରୁ ଅନେକ ସମୟରେ ଦୁର୍ଘଟଣା ଘଟି ଧନଜୀବନ ନଷ୍ଟ ହେଉଛି।

# ଚୋରି ମୋଟରସାଇକେଲ ଉଦ୍ଧାର : ୪ ଗିରଫ



ଗିରଫ ଅଭିଯୁକ୍ତ ଓ ଜବତ ବାଇକ୍।

ମାହାଙ୍ଗା,୨୩।୬(ଯଯାତି ସିଂହ)

ଭଦ୍ରେଶ୍ୱର ପୋଲିସ ଏକ ବାଇକ୍ ଚୋରି ଘଟଣାର ତଦନ୍ତ କରି ୪ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏଥିସହ ଚୋରି ମୋଟରସାଇକେଲକୁ ଜବତ କରିଛି। ଅଭିଯୁକ୍ତମାନେ ଭଦ୍ରେଶ୍ୱର ଥାନା ଓ କେନ୍ଦ୍ରାପଡ଼ା ଥାନା ଅଞ୍ଚଳର ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ଭଦ୍ରେଶ୍ୱର ଥାନା ଗୋବିନ୍ଦପୁର ଗ୍ରାମର ଅନିଲ କୁମାର ବିଶ୍ୱାଳ ୨୧ ତାରିଖ ରାତି ୧୦ଟାରେ ମୋଟରସାଇକେଲ ରଖି ଭଦ୍ରେଶ୍ୱର ମଦ ଦୋକାନ ସମ୍ମୁଖ ରାସ୍ତାରେ ଜଣଙ୍କୁ ଟଙ୍କା ଦେବାକୁ ଯାଇଥିଲେ। ଫେରିଲାବେଳକୁ ମୋଟରସାଇକେଲ ନ ପାଇ ଥାନାରେ ଅଭିଯୋଗ କରିଥିଲେ। ଥାନା ଅଧିକାରୀ କାବୁଲି ବାରିକଙ୍କ ନିର୍ଦ୍ଦେଶ କ୍ରମେ ଏଏସ୍ଆଇ ପ୍ରୀତିରଞ୍ଜନ ରାୟ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଶେଷରେ କେନ୍ଦ୍ରାପଡ଼ା ଥାନା ଅଞ୍ଚଳରୁ ଚୋରି ଗାଡ଼ି ଉଦ୍ଧାର କରିଛନ୍ତି।

# ଲୋକକଳା ବଞ୍ଚାଇ ରଖିବାକୁ ଆହ୍ୱାନ

### ନିଖିଳ ଉତ୍କଳ ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ କର୍ମକର୍ତ୍ତା ବୈଠକ

ରଘୁନାଥପୁର,୨୩।୬
(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ କେରେକେରାସ୍ଥିତ ବିଭୂତିକ୍ଷେତ୍ର ପ୍ରଭୁ ଗୋରେଖନାଥ ପୀଠରେ ଜଗତ୍‌ସିଂହପୁର ଜିଲା ନିଖିଳ ଉତ୍କଳ ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ବୈଠକ ଅନୁଷ୍ଠିତ ହୋଇଯାଇଛି। ସାମ୍ମୁଖ୍ୟର ଜିଲା ସଭାପତି ପ୍ରସନ୍ନ କୁମାର ପଟ୍ଟନାୟକ ଏଥିରେ ପୌରୋହିତ୍ୟ କରିଥିଲେ। ରାଜ୍ୟ ସଭାପତି ମିହିର ପଟ୍ଟନାୟକ ଆୟୋଜିତ ବୈଠକରେ ସମ୍ମାନିତ ଅତିଥିଭାବେ ଯୋଗଦେଇ ପ୍ରାଚୀନ ଲୋକକଳା ଯଥା ପାଲା, ଦାସକାଠିଆ, ଧୁଡୁକି, କେନ୍ଦେରା, ଖଞ୍ଜଣି, ସଂକୀର୍ତ୍ତନ, ଘୋଡ଼ାନାଚ ସହ ଅନ୍ୟାନ୍ୟ କଳାକୁ ବଞ୍ଚାଇ ରଖିବା ପାଇଁ ଆହ୍ୱାନ ଦେଇଥିଲେ। ଏହାଛଡ଼ା ସରକାରଙ୍କ ଅଗୋଚରରେ ତୃଣମୂଳସ୍ତରରେ ଅବହେଳିତ ଅବସ୍ଥାରେ ରହିଥିବା କଳାକାରଙ୍କୁ ସମାଜର ମୁଖ୍ୟସ୍ରୋତରେ କିପରି ସାମିଲ କରାଯାଇପାରିବ ସେଥିପାଇଁ ତତ୍ପର ହେବାକୁ ପରାମର୍ଶ ଦେଇଥିଲେ। ଜୀବନସାରା କଳା ପ୍ରଦର୍ଶନକରି ଦର୍ଶକଙ୍କ ମନମୁଗ୍ଧ କରୁଥିବା କଳାକାର ବୟସର ଅପରାହ୍ନରେ କିପରି ସରକାରଙ୍କ ପ୍ରଦତ୍ତ ଭତ୍ତା ପାଇପାରିବେ ସେଥିପ୍ରତି ସାମ୍ମୁଖ୍ୟର କର୍ମକର୍ତ୍ତା ଦୃଷ୍ଟିଦେବାକୁ ରାଜ୍ୟ ସଭାପତି ପଟ୍ଟନାୟକ ପ୍ରକାଶ କରିଥିଲେ। ଏହି ଅବସରରେ ସାମ୍ମୁଖ୍ୟ ପକ୍ଷରୁ ଜିଲାର ନବନିର୍ବାଚିତ ଏମ୍‌ପି ଓ ବିଧାୟକମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ଏଥିରେ ଜିଲା ସଂଯୋଜକ ଅଭିମନ୍ୟୁ ନାୟକ, ବ୍ଲକ ସଂଯୋଜକ ତ୍ରିଲୋଚନ ଦ୍ୱିବେଦୀ, ଶିଶିର କୁମାର ପଣ୍ଡା, ଭାରତୀ ମିଶ୍ର, କୁମୁଦ କୁମାର ଜେନା, ହେମନ୍ତ ରାଉତ, ନିମାଇଁ ଚରଣ ବସ୍ତିଆ, ମାନସ କୁମାର ବେହେରା, ଅରୁଣ କୁମାର ଦାସ, ବିଦ୍ୟାଧର ନାୟକ, ବସନ୍ତ ନାୟକ ଓ ସୁବାସ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ନିଖିଳ ଉତ୍କଳ ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର କର୍ମକର୍ତ୍ତାମାନେ।



ଓଡ଼ିଶା ମେଡିକାଲ କଲେଜ ଟିଚର୍ସ ଆସୋସିଏଶନ ପକ୍ଷରୁ ଡିଏମ୍ଇଟି ଏବଂ ଓୟୁଏଚ୍ଏସ୍‌ର ଭାଇସ୍‌ଚାନ୍ସେଲରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ଗୋରେଖନାଥ ପୀଠ ପରିସରରେ ରିଲ୍ସ ପ୍ରସ୍ତୁତିକୁ ବିରୋଧ

ରଘୁନାଥପୁର,୨୩।୬
(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ କେରେକେରାସ୍ଥିତ ପ୍ରସିଦ୍ଧ ବିଭୂତି କ୍ଷେତ୍ର ପ୍ରଭୁ ଗୋରେଖନାଥ ପୀଠ ପରିସରରେ କେତେଜଣ ଯୁବତୀ ଓ ଯୁବକଙ୍କ ପକ୍ଷରୁ ପ୍ରସ୍ତୁତ ଏକ ଆଧୁନିକ ଗୀତର ରିଲ୍ସ ଭାଇରାଲ ହେବାରେ ଲାଗିଛି। ଏନେଇ ପୂଜକ ସମୁଦାୟଙ୍କ ପକ୍ଷରୁ କ୍ଷୋଭ ପ୍ରକାଶ ପାଇଛି। ଏ ସମ୍ପର୍କରେ ପୂଜକଙ୍କ ପକ୍ଷରୁ ଏକ ଅଭିଯୋଗପତ୍ର ପୀଠ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ବାହାରୁ ଆସି ପୀଠ ପରିସରରେ ଭକ୍ତଙ୍କୁ ଚନ୍ଦନ,ସିନ୍ଦୂର ଲଗାଇ ଅର୍ଥ ଆଦାୟ କରୁଥିବା ଜଣେ ବ୍ରାହ୍ମଣ ଯୁବକଙ୍କ ଏହି ରିଲ୍ସ ବନାଇବାରେ ସମ୍ପୂର୍ଣ୍ଣ ସହଯୋଗ ରହିଛି ବୋଲି ଅଭିଯୋଗରେ ଦର୍ଶାଯାଇଛି। ଏନେଇ ତାଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବାକୁ ପୂଜକମାନଙ୍କ ପକ୍ଷରୁ ଦାବି ହୋଇଛି। କିମ୍ବଦନ୍ତୀ ଅନୁଯାୟୀ, ହଜାର ବର୍ଷ ତଳୁ ନାଥ ସମ୍ପ୍ରଦାୟର ମହାନ ଯୋଗୀ ତପସ୍ୱୀ ଭାବେ ପ୍ରଭୁ ଗୋରେଖନାଥ ଏଠାରେ ପୂଜା ପାଇ ଆସୁଛନ୍ତି। ସର୍ପ ଦଂଶନରେ ପୀଡ଼ିତ ବ୍ୟକ୍ତି ଏଠାକୁ ଆସି ପ୍ରଭୁଙ୍କ ବିଭୂତି ପାଇ ଆରୋଗ୍ୟ ଲାଭ କରିଥିବା ଅନେକ ନଜିର ରହିଛି। ସେହିପରି ଗୋରୁଙ୍କ କ୍ଷେତ୍ରରେ ମଧ୍ୟ ଲୋକେ ବିଭୂତିର ଉପଚାର କରିଥାନ୍ତି। ପୀଠ ପରିସରରେ ଆଧୁନିକ ଗୀତର ରିଲ୍ସ କରି ଭକ୍ତଙ୍କ ଧର୍ମୀୟ ଭାବନାରେ ଆଘାତ କରାଯାଇଛି ବୋଲି ମୁଖ୍ୟ ପୂଜକ ଦିଲୀପ ପଣ୍ଡା ପ୍ରକାଶ କରିଛନ୍ତି। ଏନେଇ ପୀଠ ପରିସରରେ ପ୍ରଭୁଙ୍କ ଫଟୋ ଉତ୍ତୋଳନ ତଥା ଭିଡିଓ ସମ୍ପୂର୍ଣ୍ଣ ନିଷେଧ କରିବା ପାଇଁ ଜିଲାପାଳ, ଅତିରିକ୍ତ ଦେବତର ଆୟୁକ୍ତ, ଦେବୋତ୍ତର ଆୟୁକ୍ତ ଓ ଆଇନମନ୍ତ୍ରୀଙ୍କ ନିକଟରେ ଜ୍ଞାନରଞ୍ଜନ ପଣ୍ଡା, ଶୁଭ୍ର ସୌରଭ ପଣ୍ଡା,କୈଳାସ ଚନ୍ଦ୍ର ଦାସ, ଆଲୋକରଞ୍ଜନ ପଣ୍ଡା ଓ ରଶ୍ମିରଞ୍ଜନ ପଣ୍ଡା ପ୍ରମୁଖ ଦାବି କରିଛନ୍ତି।

# ସରକାରୀ ଜମି ଦୁର୍ନୀତିରେ ୪ ଆଇପିଏସ୍ ଅଧିକାରୀ

ଭୁବନେଶ୍ୱର,୨୩।୬(ସତ୍ୟଜିତ୍ ରାଉତ):

ଭୁବନେଶ୍ୱର ପାତ୍ରପଡା ଅଞ୍ଚଳରେ ୪ଜଣ ବରିଷ୍ଠ ଆଇପିଏସ୍ ଅଧିକାରୀ ଓ ଅନ୍ୟମାନେ ଜାଲ କାଗଜପତ୍ର କରି ସରକାରୀ ଜମି ହାତେଇଛନ୍ତି। ରବିବାର ଭୁବନେଶ୍ୱରସ୍ଥିତ ଗୋଦାବରୀଶ ସାହିତ୍ୟ ସଂସଦଠାରେ ଓଡ଼ିଶା ସୂଚନା ଅଧିକାର ଅଭିଯାନ (ଓଏସ୍ଏଏ) ପକ୍ଷରୁ ଖବରଦାତା ସମ୍ମିଳନୀ କରାଯାଇ ଏଭଳି ଅଭିଯୋଗ କରାଯାଇଛି। ଅଭିଯୋଗ ଅନୁଯାୟୀ, ପାତ୍ରପଡା ମୌଜା ଅନ୍ତର୍ଗତ ଜାତୀୟ ରାଜପଥ କଡ଼ରେ ସରକାରୀ ପ୍ଲଟ୍ ନଂ. ୩୨୧ରେ ଥିବା ୭.୫ ଏକର ଜମିକୁ ପ୍ରଭାବଶାଳୀ ଜମି ଦଲାଲମାନେ ଚକ୍ରାନ୍ତ କରି ବରିଷ୍ଠ ଆଇପିଏସ୍ ଅଫିସରଙ୍କ ପରିବାର ସଦସ୍ୟଙ୍କ ସମେତ ଅନ୍ୟ କେତେଜଣଙ୍କୁ ବିକ୍ରି କରିଛନ୍ତି। ଏସବୁ ଜମି ୨୭ଥର କିଣାବିକା ହୋଇଛି। ୬ ଏକର ସରକାରୀ ଜମିକୁ ଚାଷ କାର୍ଯ୍ୟ ଉଦ୍ଦେଶ୍ୟରେ ଜାଲ କାଗଜପତ୍ର କରାଯାଇଥିବାବେଳେ ଜଙ୍ଗଲ ବିଭାଗ ଅଧୀନ ସ୍ମୃତି ବନ ପାଚେରୀକୁ ଲାଗି ରହିଥିବା ୧.୫ ଏକର ପରିମିତ ଏକ ସର୍ବସାଧାରଣ ରାସ୍ତାକୁ ମାଡିବସି କବାଡିଆ ଗୋଦାମ କରିଛନ୍ତି। ୨୫୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମୂଲ୍ୟର ଏହି ସରକାରୀ ଜମିକୁ ସମସ୍ତେ ମିଳି ମାଡି ବସିଛନ୍ତି। ଭଡାରେ ଲଗାଇ ଗତ ୧୦ ବର୍ଷ ହେବ ମାସିକ ୨୦ ଲକ୍ଷ ହିସାବରେ ପ୍ରାୟ ୨୫ କୋଟି ଟଙ୍କା ଆଦାୟ କରାଯାଇଥିବାବେଳେ ଭଡ଼ା ଟଙ୍କାକୁ ସମ୍ପୃକ୍ତ ୪ ଆଇପିଏସ ଅଫିସର ଏବଂ ଅନ୍ୟମାନେ ନିଜ ଭିତରେ ବାଣ୍ଟି ନେଉଛନ୍ତି। ଏନେଇ ସୂଚନା ଅଧିକାର କର୍ମୀ ହୃଦାନନ୍ଦ କୋଦମାସିଂହ ଭୁବନେଶ୍ୱର ତହସିଲଦାର ଓ ବିଡିଏକୁ ତଥ୍ୟ ମାଗିବା ସହ ଅଭିଯୋଗ କରିଥିଲେ। ଏହାପରେ ବିଡିଏ ୨୦୨୧ ସେପ୍ଟେମ୍ବରରେ ଷ୍ଟାଟସ୍ ରିପୋର୍ଟ ମାଗିଥିଲେ। ରିପୋର୍ଟ ପାଇବା ପରେ ସମସ୍ତଙ୍କ ପ୍ଲାନ୍ ଅନୁମୋଦନ ରଦ୍ଦ କରାଯାଇଛି। ଏହି ଜମି କେଳେଙ୍କାରୀ ଘଟଣାରେ ପ୍ରଭାବଶାଳୀ ଆଇପିଏସ୍ ଅଫିସର ଏବଂ ଏକ ରାଜନୈତିକ ଦଳର କର୍ପୋରେଟର ସାମିଲ ଥିବାରୁ ପ୍ରଶାସନିକ ଅଧିକାରୀ ଚୁପ୍ ବସିଛନ୍ତି। ଏହି ଘଟଣାର ଏକ ଉଚ୍ଚସ୍ତରୀୟ ତଦନ୍ତ ସହ ଜାଲିଆତି କରିଥିବା ଆଇପିଏସ୍ ଅଫିସରଙ୍କ ସମେତ ଅନ୍ୟମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବା ସହ ଉକ୍ତ ସରକାରୀ ଜମିକୁ ଜବରଦଖଲମୁକ୍ତ କରାଇ ସୁରକ୍ଷା ଦେବାକୁ ସୂଚନା ଅଭିଯାନ ପକ୍ଷରୁ ପ୍ରଦୀପ ପ୍ରଧାନ, ଶ୍ରୀକାନ୍ତ ପାକଳ, ସର୍ବେଶ୍ୱର ବେହୁରା, ହୃଦାନନ୍ଦ କୋଦମାସିଂ ପ୍ରମୁଖ ଦାବି କରିଛନ୍ତି। ତେବେ ଏନେଇ ବିଡିଏ କିମ୍ବା ବିଭାଗୀୟ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

# ବିଦ୍ୟାଭାରତୀ ଶିକ୍ଷା ବିକାଶ ସମିତିର ସାଧାରଣ ସଭା ଉଦ୍‌ଯାପିତ

କଟକ ସଦର,୨୩।୬
(ସୁଶାନ୍ତ କୁମାର ଜେନା)




ବିଦ୍ୟାଭାରତୀ ଶିକ୍ଷା ବିକାଶ ସମିତିର ପ୍ରାଦେଶିକ ସାଧାରଣ ସଭାରେ ଉପସ୍ଥିତ ଅତିଥି।

ବିଦ୍ୟାଭାରତୀ ଶିକ୍ଷା ବିକାଶ ସମିତିର ପ୍ରାଦେଶିକ ସାଧାରଣ ସଭା ରବିବାର ଗତିରାଉତପାଟଣାସ୍ଥିତ କେଶବ ଧାମର ସରସ୍ୱତୀ ବିଦ୍ୟାମନ୍ଦିରଠାରେ ଉଦ୍‌ଯାପିତ ହୋଇଯାଇଛି। ସଙ୍ଗଠନର ପ୍ରଦେଶ ସଭାପତି ଡ. କିଶୋର ଚନ୍ଦ୍ର ମହାନ୍ତି ଏଥିରେ ଅଧ୍ୟକ୍ଷତା କରିଥିଲେ। ସମାରୋହରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଅଖିଳ ଭାରତୀୟ କାର୍ଯ୍ୟକାରିଣୀ ସଦସ୍ୟ ସୁନୀଲପଦ ଗୋସ୍ୱାମୀ ମୁଖ୍ୟବକ୍ତା ଭାବରେ ଯୋଗଦେଇଥିଲେ। ପ୍ରାଚୀନ ଶିକ୍ଷା ବ୍ୟବସ୍ଥାରେ ଭାରତୀୟଙ୍କ ଅବଦାନ ଓ ସନାତନୀ ଶିକ୍ଷା ପ୍ରଣାଳୀକୁ ଧ୍ୱଂସ କରିବାକୁ ଆକ୍ରମଣକାରୀଙ୍କ ବିଭିନ୍ନ ଷଡ଼ଯନ୍ତ୍ରକୁ ଦମନ କରି ଆମ ଶିକ୍ଷା ପଦ୍ଧତିର ପୁନରୁତ୍ଥାନ କ୍ଷେତ୍ରରେ ବିଦ୍ୟାଭାରତୀଙ୍କ ଅବଦାନ ସମ୍ପର୍କରେ ଗୋସ୍ୱାମୀ ଆଲୋଚନା କରିଥିଲେ। ଦୁଇଦିନିଆ କାର୍ଯ୍ୟକ୍ରମରେ ୮ଟି କାଳାଂଶରେ ବିଭିନ୍ନ ବିଷୟରେ ଆଲୋଚନା କରାଯାଇ ଚଳିତ ଶିକ୍ଷାବର୍ଷରେ ତାହାର କ୍ରିୟାନ୍ୱୟନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଯେପରି ଚାରି ଆୟାମ୍-(ବିଦ୍ୱତ୍ ପରିଷଦ, ଶୋଧ, ସଂସ୍କୃତିବୋଧ ପରିଯୋଜନା, ପୂର୍ବ ଛାତ୍ର), ନୂତନ ଶିକ୍ଷାନୀତି, ଗୁଣବତ୍ତାର ବିକାଶ, ପରିବାର ପ୍ରବୋଧନ, ଜିଲା କେନ୍ଦ୍ର ସଶକ୍ତୀକରଣ, ବାର୍ଷିକ ଯୋଜନା, ଏ.ଟି.ଏଲ୍., ଆର୍ଥିକ ବ୍ୟବସ୍ଥା ସୁପରିଚାଳନା, ବାର୍ଷିକ ବଜେଟ ଓ ପତ୍ର ପତ୍ରିକା ଆଦି ବିଷୟରେ ଆଲୋଚନା କରାଯାଇ ବିକାଶୋନ୍ମୁଖୀ ଯୋଜନା ଓ ତା'ର କ୍ରିୟାନ୍ୱୟନ ଦିଗ ପ୍ରତି ଧ୍ୟାନ ଦିଆଯାଇଥିଲା। ବିଭିନ୍ନ ସମୟରେ ଡ. ମହାନ୍ତି, ଡ. ସରୋଜ ହାତୀ, ପ୍ରସନ୍ନ ବିଶ୍ୱାଳ, ସତ୍ୟନାରାୟଣ ପଟ୍ଟନାୟକ, ଡା. ଲକ୍ଷ୍ମୀକାନ୍ତ ମହାରଣା, ହେମନ୍ତ ପାଣିଗ୍ରାହୀ ଓ ଡ. ତରୁଲତା ଦେବୀ ପ୍ରମୁଖ କାର୍ଯ୍ୟକର୍ତ୍ତା ମାର୍ଗଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ଅଖିଳ ଭାରତୀୟ ସ୍ତରରୁ ଆରମ୍ଭ କରି ପ୍ରାନ୍ତ, ସମ୍ଭାଗ, ଜିଲା ଓ ସଂକୁଳରୁ ୩୦୦ରୁ ଊର୍ଦ୍ଧ୍ୱ ପ୍ରବାସୀ କାର୍ଯ୍ୟକର୍ତ୍ତା ଓ ପୂର୍ଣ୍ଣକାଳୀନ ସକ୍ରିୟ ଅଂଶଗ୍ରହଣ କରିଥିଲେ। ସରସ୍ୱତୀ ବିଦ୍ୟାମନ୍ଦିର, କେଶବଧାମ, କଟକର ପରିଚାଳନା ସମିତି, ପ୍ରଧାନ ଆଚାର୍ଯ୍ୟା ଓ ଆଚାର୍ଯ୍ୟଙ୍କ ପୂର୍ଣ୍ଣ ସହଯୋଗରେ କାର୍ଯ୍ୟକ୍ରମଟି ସଫଳ ହୋଇଥିଲା।

# ଚିତ୍ରୋତ୍ପଳା ନଦୀକୂଳରେ ବାଲିମେଳା ମହୋତ୍ସବ ଆରମ୍ଭ

### ମହାପୁରୁଷ ଅଚ୍ୟୁତାନନ୍ଦ ପୀଠ ଉତ୍ସବମୁଖର

ନେମାଳ,୨୩।୬ (କିରଣ ଶଙ୍କର ନାୟକ)




ବାଲିମେଳା ମହୋତ୍ସବର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

ନେମାଳ ମହାପୁରୁଷ ଅଚ୍ୟୁତାନନ୍ଦ ପୀଠ ଉତ୍ସବ ମୁଖର ହୋଇଉଠିଛି। ଦେବସ୍ନାନ ପୂର୍ଣ୍ଣିମା ପରେ ରବିବାର ସନ୍ଧ୍ୟାରେ ବାଲିମେଳା ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଖବରଦାତା ବିନୟ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଅତିଥିଭାବେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ, କଟକ ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ ଯୋଗଦେଇ ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପୁଣ୍ୟତୋୟା ଚିତ୍ରୋତ୍ପଳା ନଦୀ କୂଳରେ ଆୟୋଜିତ ଏହି ମେଳାରେ ବହୁଶ୍ରଦ୍ଧାଳୁ ଯୋଗଦେଇ ବାଲିମେଳା ମହୋତ୍ସବର ମଜା ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାଗବସ୍ତ ବନଦୁର୍ଗା ଶକ୍ତିପୀଠର ରାଜେଶ୍ୱରୀ ମା', ସାମାଜିକ କର୍ମୀ ସନ୍ତୋଷ କୁମାର ମହାନ୍ତି, ନିଶ୍ଚିନ୍ତକୋଇଲି ତହସିଲଦାର ଅନିତା ନାୟକ, କିଶୋରନଗର ତହସିଲଦାର କ୍ଷୀରୋଦ କୁମାର ଦାସ, ବିଡିଓ ବିରଞ୍ଚିନାରାୟଣ ବେହେରା, କ୍ଷୀରୋଦ କୁମାର ଦାସ, ସାମାଜିକ କର୍ମୀ ପ୍ରସନ୍ନ ବେଉରିଆ ପ୍ରମୁଖ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ପ୍ରଶାନ୍ତ ସିଂ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ଜାନକୀବଲ୍ଲଭ ମହାନ୍ତି ସ୍ୱାଗତ ଭାଷଣ, ସନ୍ତୋଷ ସାହୁ ପ୍ରାରମ୍ଭିକ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମକୁ ହରପ୍ରସାଦ ପୃଷ୍ଟି, ଅବିନାଶ ରାଉତ, ହିମାଂଶୁ ଦାସ ପ୍ରମୁଖ ପରିଚାଳନା କରିଥିଲେ। ମୀନକେତନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ପାଞ୍ଚ ଦିନ ଧରି ଅନୁଷ୍ଠିତ ଏହି ବାଲିମେଳା ଉତ୍ସବରେ ଜିଲା ସଂସ୍କୃତି ବିଭାଗ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି କୁହାଯାଇଛି।

## ସଂକ୍ଷେପରେ

### ବିଦ୍ୟୁତ୍ କାଟକୁ ନେଇ ୫ ପଞ୍ଚାୟତବାସୀଙ୍କ ପ୍ରତିବାଦ

ବାରଙ୍ଗ,୨୩।୬(ଲିଙ୍ଗରାଜ ରାଉତ) ଗତ କିଛିଦିନ ହେବ ରାଜଧାନୀ ଉପକଣ୍ଠ ଗ୍ରାମଗୁଡ଼ିକରେ ବାରମ୍ବାର ଅଘୋଷିତ ବିଦ୍ୟୁତ୍ କାଟରେ ଅଞ୍ଚଳବାସୀ ଅତିଷ୍ଠ ହୋଇ ରବିବାର ଏହାର ପ୍ରତିବାଦ କରିଛନ୍ତି। ବିଦ୍ୟୁତ୍ କାର୍ଯ୍ୟାଳୟର ଏକ ଗାଡ଼ି ଏବଂ କର୍ମଚାରୀଙ୍କୁ ଅଟକ ରଖିବା ସହ ବିଭିନ୍ନ ସ୍ଥାନରେ ମୁଖ୍ୟ ରାସ୍ତା ଅବରୋଧ କରି ଟାୟାର ଜାଳିଥିଲେ। ଫଳରେ ଯାତାୟାତରେ ବାଧା ସୃଷ୍ଟି ହୋଇଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ଠିକ୍ ବିଦ୍ୟୁତ୍ ଯୋଗାଣ ପାଇଁ ଅଧିକାରୀଙ୍କ ସହ ଆଲୋଚନା କରିବାକୁ ପ୍ରତିଶ୍ରୁତି ଦେବାରୁ ଅବରୋଧ ହଟିବା ସହ ଯାତାୟାତ ସ୍ୱାଭାବିକ ହୋଇଥିଲା।

ପ୍ରକାଶ ଯେ, ଗତ କିଛି ମାସ ଧରି ରଘୁନାଥପୁର, ଦାଢା, କଲ୍ୟାଣପୁର, ବରିମୁଣ୍ଡ ଓ ଇଞ୍ଜଣା ଆଦି ୫ ପଞ୍ଚାୟତରେ ଅଘୋଷିତ ବିଦ୍ୟୁତ୍ କାଟ ହେଉଛି। ଏଥିନେଇ ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କୁ ଯୋଗାଯୋଗ କଲେ ମଧ୍ୟ ଉପଯୁକ୍ତ ଉତ୍ତର ମିଳୁ ନ ଥିଲା। ଏଥିରେ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଧୀରେ ଧୀରେ ବୃଦ୍ଧି ପାଇବାରେ ଲାଗିଥିଲା। କିନ୍ତୁ ୧ ମାସ ହେବ କଲ୍ୟାଣପୁର, ଇଞ୍ଜଣା, ବରିମୁଣ୍ଡ ଆଦି ୩ ପଞ୍ଚାୟତରେ ବହୁ ସମୟ ଧରି ବିଦ୍ୟୁତ୍ କାଟ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ରବିବାର ପୂର୍ବାହ୍ନରେ କୌଣସି ତ୍ରୁଟିର ଆଳ ଦେଖାଇ କଳାରାହାଙ୍ଗଠାରୁ ଅନ୍ୟ ଗ୍ରାମଗୁଡ଼ିକୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରି ଦିଆଯାଇଥିଲା। ବିଦ୍ୟୁତ୍ ବିଭାଗର କର୍ମଚାରୀ ଏକ ଗାଡ଼ି ଯୋଗେ ଆସୁଥିବାବେଳେ ଟାଙ୍ଗିବନ୍ଧ ଗ୍ରାମ ପାଖରେ ଗ୍ରାମବାସୀ ସେମାନଙ୍କୁ ରୋକି ଅଘୋଷିତ ବିଦ୍ୟୁତ୍ କାଟର କାରଣ ଜାଣିବାକୁ ଚାହିଁବା ସହ ଉପରିସ୍ଥ ଅଧିକାରୀଙ୍କୁ ଡାକିବାକୁ ଜିଦ୍ ଧରିଥିଲେ। ଗଣ୍ଡରପୁର ଉଚ୍ଚ ବିଦ୍ୟାଳୟ ଛକରେ ଗ୍ରାମବାସୀ ରାସ୍ତା ଅବରୋଧ କରିଥିଲେ। ପ୍ରତିଶ୍ରୁତି ପରେ ରାସ୍ତା ଅବରୋଧ ହଟିଥିଲା।

### ହାଇସ୍କୁଲ ଖେଳପଡ଼ିଆରେ ବେଆଇନ ନିର୍ମାଣ ଅଭିଯୋଗ

ପୁରୁଣା ଭୁବନେଶ୍ୱର,୨୩।୬(ସୁବାସ ଚନ୍ଦ୍ର ପ୍ରଧାନ): ଏକାମ୍ର ନିର୍ବାଚନମଣ୍ଡଳୀର ଶ୍ରୀଲିଙ୍ଗରାଜ ମନ୍ଦିର ଦକ୍ଷିଣ ଦ୍ୱାର ନିକଟରେ ଥିବା ଏକ ବିଦ୍ୟାଳୟର ଖେଳପଡ଼ିଆକୁ ଜବରଦଖଲ କରାଯାଇ କ୍ଲବ ପକ୍ଷରୁ କ୍ରିକେଟ୍ ପିଚ୍ କରାଯାଉଥିବା ଅଭିଯୋଗ ହୋଇଛି। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବଙ୍କ ନିକଟରେ ଆଇନଜୀବୀ ଅରୁଣ କୁମାର ମହାପାତ୍ର ଅଭିଯୋଗ କରିଛନ୍ତି। ପୂର୍ବରୁ ମଧ୍ୟ ଏହି କ୍ଲବ ଖେଳପଡିଆକୁ ବେଆଇନଭାବେ ଦଖଲ କରିଥିବା ନେଇ ଉପଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ବିଦ୍ୟାଳୟ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ଜବରଦଖଲକାରୀଙ୍କ ମନୋବଳ ଦୃଢ଼ ହୋଇଛି। କୌଣସି ସରକାରୀ ବିଦ୍ୟାଳୟ ଜମିକୁ ଘରୋଇ ବ୍ୟବହାର ପାଇଁ କିମ୍ବା କ୍ଲବଗୁଡ଼ିକୁ ନ ଦେବାକୁ ଉଚ୍ଚ ନ୍ୟାୟାଳୟର ଆଦେଶ ରହିଥିଲେ ମଧ୍ୟ କାହା ସ୍ୱାର୍ଥରେ ନିର୍ମାଣ କାର୍ଯ୍ୟ ହେଉଛି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ସମ୍ପୃକ୍ତ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କହିଛନ୍ତି, ଖେଳପଡ଼ିଆ ମଝିରେ ଏକ କ୍ଲବ ପକ୍ଷରୁ କ୍ରିକେଟ ପିଚ୍ କରାଯାଉଛି।

### ଜୁନିୟରରେ ସ୍ୱୀକୃତି, ସିନିୟରରେ ଅନ୍ୱେଷା ପ୍ରଥମ

ପୁରୀ,୨୩।୬(ଅଜିତ କୁମାର ମହାନ୍ତି) ଶିଶୁ ଖବରକାଗଜ 'ଶିଶୁ ସମାଚାର'ର ୧୭ଶ ତମ ସ୍ୱନକ୍ଷତ୍ର ଉତ୍ସବ ପାଳନ ଅବସରରେ ରବିବାର ବିଶ୍ୱମ୍ଭର ବିଦ୍ୟାପୀଠ ପରିସରରେ ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ସ୍କୁଲରୁ ଆସିଥିବା ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସବ୍‌ଜୁନିୟର ବିଭାଗରେ ସେଣ୍ଟ ଜାଭିୟର ସ୍କୁଲର ଲଗ୍ନଲୋକିତ ତ୍ରିପାଠୀ ପ୍ରଥମ, ପୁରୀ କେନ୍ଦ୍ରୀୟ ବିଦ୍ୟାଳୟର ପ୍ରିୟାଂଶୀ ପ୍ରଧାନ ଦ୍ୱିତୀୟ, ମଦର ପବ୍ଲିକ ସ୍କୁଲର ଭାଗ୍ୟଶ୍ରୀ ପାଲ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଜୁନିୟର ବିଭାଗରେ ଡିଏଭି ପବ୍ଲିକ ସ୍କୁଲର ସ୍ୱୀକୃତି ମହାପାତ୍ର ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସିନିୟର୍ ବିଭାଗରେ କେନ୍ଦ୍ରୀୟ ବିଦ୍ୟାଳୟର ଅନ୍ୱେଷା ପଟ୍ଟନାୟକ ପ୍ରଥମ, ପୁରୀ ଜିଲା ସ୍କୁଲର ଶୁଭଶ୍ରୀ ଦାସ ଓ କେନ୍ଦ୍ରୀୟ ବିଦ୍ୟାଳୟର ଉଦୀପ୍ତା ଉପାସନା ଯୁଗ୍ମ ଭାବେ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି।

# ରୂପଦେଈପୁରର ପ୍ରସିଦ୍ଧ ନାଗା ଯାତ୍ରା

ପିପିଲି,୨୩।୬(ଦୁର୍ଗା ମାଧବ ମିଶ୍ର)



ପିପିଲି ବ୍ଲକ ଅଧୀନ ରୂପଦେଈପୁରର ଓଡ଼ିଶା ପ୍ରସିଦ୍ଧ ନାଗା ଯାତ୍ରା ରବିବାରଠାରୁ ଆରମ୍ଭ ହୋଇଯାଇଛି। ଏହି ପାରମ୍ପରିକ ଯାତ୍ରାରେ ଡେମ୍ଫ, ମହୁରୀ, ନାଗରା ଆଦି ବୀର ବାଦ୍ୟରେ ନାଗାଧାରୀମାନେ ନୃତ୍ୟ ପରିବେଷଣ କରିଥିଲେ। ନାଗା ନୃତ୍ୟ ଉଦ୍‌ଘାଟନ ଦିବସରେ ବହୁ ଦର୍ଶକଙ୍କ ସମାଗମ ହୋଇଥିଲା। ପରମ୍ପରା ଅନୁଯାୟୀ, ରବିବାର ପୂର୍ବାହ୍ନ ୧୧ଟାରେ ଶ୍ରୀଜିଉମାନେ ସ୍ନାନବେଦିରୁ ଅଣସର ଘରକୁ ବିଜେ କରିଥିଲେ। ରବିବାର ରାତି ଓ ସୋମବାର ରାତି ସାରା ନାଗା ନୃତ୍ୟ ପରିବେଷଣ କରାଯାଏ। ବିଶେଷତଃ ଗ୍ରାମର ବଲ୍ଲଭ ଜାଗା, ସାଇଲେଣ୍ଟ ବଏଜ, ବ୍ରହ୍ମାଜାଗା, ଗୋପାଳିଜାଗା, ବାଲି ଜାଗା, ମାତା କୁଣ୍ଡି ଜାଗା, ବାଜେଣି ଜାଗା, ଖାକି ଜାଗା ଓ ତାରେଣୀ ଜାଗା ପକ୍ଷରୁ ନାଗା ସହିତ ଅନେକ ସାହିଯାତ ପ୍ରଦର୍ଶନ କରାଯାଇଥିଲା। ସୋମବାର ହଳଦୀ ପାଣି ଯାତ୍ରା ହେବ। ଚଳିତବର୍ଷ ୨୩ଟି ରୁପା ନାଗା ସହିତ ଅନେକ ଛୋଟ ଛୋଟ ନାଗା କରାଯାଇ ବଡ଼ ବଡ଼ ମେଢର ମରୀଚିକା ସହିତ ଦର୍ଶକଙ୍କୁ ବିମୋହିତ କରୁଛି। ଗତ ଉଦ୍‌ଘାଟନୀ ଦିବସରେ ଦି ସାଇଲେଣ୍ଟ ବୟଜ ପକ୍ଷରୁ ନାଗାଧାରୀ ଜଗନ୍ନାଥ ପ୍ରସାଦ ମିଶ୍ର ଏକ ଭିନ୍ନ ଶୈଳୀରେ ନୃତ୍ୟ ପରିବେଷଣ କରିଥିଲେ। ପ୍ରତିବର୍ଷ ଅପେକ୍ଷା ପାଗ ଅନୁକୂଳ ହେତୁ ଚଳିତବର୍ଷ ଅନେକ ମହିଳା ଦର୍ଶକ ନାଗାକୁ ଉପଭୋଗ କରୁଥିବା ଗ୍ରାମର କନ୍ୟା ଚିନ୍ମୟୀ ମିଶ୍ର କହିଛନ୍ତି। ଗ୍ରାମବାସୀଙ୍କ ସହଯୋଗ ଯୋଗୁ ନାଗା ଯାତ୍ରା ଶୃଙ୍ଖଳିତ ସହ ଅନୁଷ୍ଠିତ ହୋଇଥିବା ମନ୍ଦିର ମୁଖପାତ୍ର ଆଇନଜୀବୀସତ୍ୟପ୍ରକାଶମିଶ୍ରକହିଛନ୍ତି।

# 'ନିଶାକୁ ନା, ଜୀବନକୁ ହଁ'




ଭୁବନେଶ୍ୱର,୨୩।୬(ସତ୍ୟଜିତ୍ ରାଉତ)

**ବାଇକ୍ ରାଲି ଜରିଆରେ ସଚେତନତା ବାର୍ତ୍ତା**

ନିଶା ବା ଡ୍ରଗ୍ସର ଅପବ୍ୟବହାର ଏବଂ ବେଆଇନ କାରବାର ବିରୋଧରେ ନାର୍କୋଟିକ୍ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ଜୁନ୍ ୧୨ରୁ ୨୬ ପର୍ଯ୍ୟନ୍ତ ଦେଶବ୍ୟାପୀ 'ନଶା ମୁଖ୍ ଭରତ ପଖୱାଡା' ଅଭିଯାନ ପାଳନ କରୁଛି। ଡ୍ରଗ୍ସର ଖରାପ ପ୍ରଭାବ ବିଷୟରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏହି ଅଭିଯାନର ଉଦ୍ଦେଶ୍ୟ ରହିଛି। ଏହି ପରିପ୍ରେକ୍ଷୀରେ ରାଇଡ୍ ଫର୍ ପ୍ରାଇଡ୍ ଆସୋସିଏଶନ ଏବଂ କମିଶନରେଟ୍ ପୋଲିସ ପକ୍ଷରୁ ଏନ୍‌ସ୍‌ବି ସହଭାଗିତାରେ ଭୁବନେଶ୍ୱରରେ ରବିବାର ଏକ ବାଇକ୍ ରାଲି ଜରିଆରେ ସଚେତନ ବାର୍ତ୍ତା ଦିଆଯାଇଛି। ଏହି ରାଲିର ଥିମ୍ ଥିଲା 'ଡ୍ରଗ୍‌କୁ ନା ଏବଂ ଜୀବନକୁ ହଁ'। ଏହି ରାଲି ସକାଳ ୯ରୁ ଭୁବନେଶ୍ୱରସ୍ଥିତ କମିଶନରେଟ୍ ପୋଲିସ କାର୍ଯ୍ୟାଳୟରୁ ବାହାରି ଧଉଳି ଶାନ୍ତିସ୍ତୂପ ଦେଇ ଏନ୍‌ସିବି ବିଲ୍ଡିଂ ପର୍ଯ୍ୟନ୍ତ ଯାଇଥିଲା। ରାଇଡର ଅମିତା ସିଂ ଏହି ରାଲିର ନେତୃତ୍ୱ ନେଇଥିଲେ। ପୋଲିସ କମିଶନର ସଞ୍ଜୀବ ପଣ୍ଡା ମୁଖ୍ୟ ଅତିଥି ଭାବେ ଭାବେ ଯୋଗ ଦେଇଥିଲେ। ଯୁବଗୋଷ୍ଠୀ ନିଶାଠାରୁ ଦୂରେଇ ରହିଲେ ସୁସ୍ଥ ସମାଜ ଗଠନ ହୋଇପାରିବ। ତେଣୁ ସୁସ୍ଥ ଏବଂ ସୁରକ୍ଷିତ ସମାଜ ଗଠନ ପାଇଁ ଏଭଳି ପ୍ରୟାସ ସବୁବେଳେ ଜାରି ରହିବ ବୋଲି କମିଶନର କହିଥିଲେ। ଏହି ରାଲିରେ ବହୁ ଯୁବଗୋଷ୍ଠୀ ସାମିଲ ହୋଇ ନିଶାକୁ ନା ଏବଂ ଜୀବନକୁ ହଁ ସ୍ଲୋଗାନ ଦେଇ ସମାଜକୁ ବାର୍ତ୍ତା ଦେଇଥିଲେ।

# ଶିକ୍ଷାଶ୍ରୀ ସମ୍ମାନ ସମାରୋହ

ପୁରୀ,୨୩।୬(ଅଜିତ୍ କୁମାର ମହାନ୍ତି):

ଶ୍ରୀଜଗନ୍ନାଥ ଦର୍ଶନ ଅନୁଷ୍ଠାନ ପକ୍ଷରୁ ଶିକ୍ଷାଶ୍ରୀ ସମ୍ମାନ ସମାରୋହ-୨୦୨୪ ସ୍ଥାନୀୟ ସଂସ୍କୃତି ଭବନରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ପୁରୀ ସଦର ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ଶାସନ ସଚିବ ବିନୋଦ ପଣ୍ଡା, ଇଂ. ସୂର୍ଯ୍ୟ ରଥ, ସାମାଜିକ କର୍ମୀ ଦେବାଶିଷ ତ୍ରିପାଠୀ, ଚକ୍ରଧର ମହାପାତ୍ର, ସମାଜସେବୀ ବାସୁଦେବ ପତି ଏବଂ ଅନୁଷ୍ଠାନର ସଂଯୋଜକ ସଞ୍ଜୀବ ରଥ ଶର୍ମା ମଞ୍ଚାସୀନ ଥିଲେ। ବିଦ୍ୟା ଅଧ୍ୟୟନ ସହ ସମାଜସେବାରେ ନିଜକୁ ନିୟୋଜିତ କରିବାକୁ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କେତେଜଣ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯିବା ସହ ଚଳିତ ବର୍ଷ ପୁରୀ ଜିଲାରେ ମାଟ୍ରିକ୍ ପରୀକ୍ଷାରେ ପ୍ରଥମ ସ୍ଥାନ ହାସଲ ବିଦ୍ୟାର୍ଥୀଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା।

# ସରକାରୀ ଜମି ଦୁର୍ନୀତିରେ ୪ ଆଇପିଏସ୍ ଅଧିକାରୀ

## କାର୍ଯ୍ୟାନୁଷ୍ଠାନ ଦାବି କଲା ସୂଚନା ଅଧିକାର ଅଭିଯାନ

ଭୁବନେଶ୍ୱର,୨୩।୬(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ପାତ୍ରପଡା ଅଞ୍ଚଳରେ ୪ଜଣ ବରିଷ୍ଠ ଆଇପିଏସ୍ ଅଧିକାରୀ ଓ ଅନ୍ୟମାନେ ଜାଲ କାଗଜପତ୍ର କରି ସରକାରୀ ଜମି ହାତେଇଛନ୍ତି। ରବିବାର ଭୁବନେଶ୍ୱରସ୍ଥିତ ଗୋଦାବରୀଶ ସାହିତ୍ୟ ସଂସଦଠାରେ ଓଡ଼ିଶା ସୂଚନା ଅଧିକାର ଅଭିଯାନ (ଓଏସ୍ଏଏ) ପକ୍ଷରୁ ଖବରଦାତା ସମ୍ମିଳନୀ କରାଯାଇ ଏଭଳି ଅଭିଯୋଗ କରାଯାଇଛି। ଅଭିଯୋଗ ଅନୁଯାୟୀ, ପାତ୍ରପଡା ମୌଜା ଅନ୍ତର୍ଗତ ଜାତୀୟ ରାଜପଥ କଡ଼ରେ ସରକାରୀ ପ୍ଲଟ୍ ନଂ. ୩୨୧ରେ ଥିବା ୭.୫ ଏକର ଜମିକୁ ପ୍ରଭାବଶାଳୀ ଜମି ଦଲାଲମାନେ ଚଞ୍ଚକତା କରି ବରିଷ୍ଠ ଆଇପିଏସ୍ ଅଫିସରଙ୍କ ପରିବାର ସଦସ୍ୟଙ୍କ ସମେତ ଅନ୍ୟ କେତେଜଣଙ୍କୁ ବିକ୍ରି କରିଛନ୍ତି। ଏସବୁ ଜମି ୨୭ଥର କିଣାବିକା ହୋଇଛି। ୬ ଏକର ସରକାରୀ ଜମିକୁ ଚାଷ କାର୍ଯ୍ୟ ଉଦ୍ଦେଶ୍ୟରେ ଜାଲ କାଗଜପତ୍ର କରାଯାଇଥିବାବେଳେ ଜଙ୍ଗଲ ବିଭାଗ ଅଧୀନ ସ୍ମୃତି ବନ ପାଚେରୀକୁ ଲାଗି ରହିଥିବା ୧.୫ ଏକର ପରିମିତ ଏକ ସର୍ବସାଧାରଣ ରାସ୍ତାକୁ ମାଡିବସି କବାଡିଆ ଗୋଦାମ କରିଛନ୍ତି। ୨୫୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମୂଲ୍ୟର ଏହି ସରକାରୀ ଜମିକୁ ସମସ୍ତେ ମିଳି ମାଡି ବସିଛନ୍ତି। ଭଡାରେ ଲଗାଇ ଗତ ୧୦ ବର୍ଷ ହେବ ମାସିକ ୨୦ ଲକ୍ଷ ହିସାବରେ ପ୍ରାୟ ୨୫ କୋଟି ଟଙ୍କା ଆଦାୟ କରାଯାଇଥିବାବେଳେ ଭଡ଼ା ଟଙ୍କାକୁ ସମ୍ପୃକ୍ତ ୪ ଆଇପିଏସ ଅଫିସର ଏବଂ ଅନ୍ୟମାନେ ନିଜ ଭିତରେ ବାଣ୍ଟି ନେଉଛନ୍ତି। ଏନେଇ ସୂଚନା ଅଧିକାର କର୍ମୀ ହୃଦାନନ୍ଦ କୋଦମାସିଂହ ଭୁବନେଶ୍ୱର ତହସିଲଦାର ଓ ବିଡିଏକୁ ତଥ୍ୟ ମାଗିବା ସହ ଅଭିଯୋଗ କରିଥିଲେ। ଏହାପରେ ବିଡିଏ ୨୦୨୧ ସେପ୍ଟେମ୍ବରରେ ଷ୍ଟାଟସ୍ ରିପୋର୍ଟ ମାଗିଥିଲେ। ରିପୋର୍ଟ ପାଇବା ପରେ ସମସ୍ତଙ୍କ ପ୍ଲାନ୍ ଅନୁମୋଦନ ରଦ୍ଦ କରାଯାଇଛି। ଏହି ଜମି କେଲେଙ୍କାରୀ ଘଟଣାରେ ପ୍ରଭାବଶାଳୀ ଆଇପିଏସ୍ ଅଫିସର ଏବଂ ଏକ ରାଜନୈତିକ ଦଳର କର୍ପୋରେଟର ସାମିଲ ଥିବାରୁ ପ୍ରଶାସନିକ ଅଧିକାରୀ ଚୁପ୍ ବସିଛନ୍ତି। ଏହି ଘଟଣାର ଏକ ଉଚ୍ଚସ୍ତରୀୟ ତଦନ୍ତ ସହ ଜାଲିଆତି କରିଥିବା ଆଇପିଏସ୍ ଅଫିସରଙ୍କ ସମେତ ଅନ୍ୟମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବା ସହ ଉକ୍ତ ସରକାରୀ ଜମିକୁ ଜବରଦଖଲମୁକ୍ତ କରାଇ ସୁରକ୍ଷା ଦେବାକୁ ସୂଚନା ଅଭିଯାନ ପକ୍ଷରୁ ପ୍ରଦୀପ ପ୍ରଧାନ, ଶ୍ରୀକାନ୍ତ ପାକଳ, ସର୍ବେଶ୍ୱର ବେହୁରା, ହୃଦାନନ୍ଦ କୋଦମାସିଂ ପ୍ରମୁଖ ଦାବି କରିଛନ୍ତି। ତେବେ ଏନେଇ ବିଡିଏ କିମ୍ବା ବିଭାଗୀୟ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

# ୩ ବ୍ୟକ୍ତିତ୍ୱଙ୍କୁ 'ରୋଟାରୀ କଳିଙ୍ଗ ସମ୍ମାନ'



ଭୁବନେଶ୍ୱର,୨୩।୬(ଶର୍ମିଷ୍ଠା ପାଣିଗ୍ରାହୀ)

ରୋଟାରୀ କ୍ଲବ୍ ଅଫ୍ ଭୁବନେଶ୍ୱର କଳିଙ୍ଗ ପକ୍ଷରୁ ଭଞ୍ଜକଳା ମଣ୍ଡପଠାରେ ରବିବାର ରୋଟାରୀ କଳିଙ୍ଗ ସମ୍ମାନ-୨୦୨୪ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସମାଜସେବା, ସ୍ୱାସ୍ଥ୍ୟ, କଳା ଓ ସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଓଡ଼ିଶାର ତିନିଜଣ ପ୍ରମୁଖ ବ୍ୟକ୍ତିତ୍ୱ ରାଇମତୀ ଘିଉରିଆ, ଦମୟନ୍ତୀ ରାଉତ ଏବଂ ବିନୋଦ ମହାରଣାଙ୍କୁ ସମ୍ମାନିତ କରାଯାଇଛି। ଏଥିସହ ଡିଜିଏନ୍‌ଡି ଅନିଲ କୁମାର ସାମଲଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡିଷ୍ଟ୍ରିକ୍ଟ ୩୨୬୨ ଗଭର୍ନର ରୋଟାରିଆନ ଜୟଶ୍ରୀ ମହାନ୍ତି, ସମ୍ମାନିତ ଅତିଥି ରୋଟାରିଆନ ଯଜ୍ଞାଶିଷ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ରୋଟାରୀ କ୍ଲବ ଭୁବନେଶ୍ୱର କଳିଙ୍ଗର ସଭାପତି ରୋଟାରିଆନ ତ୍ରିଲୋକ ରଞ୍ଜନ ଦାଶ କହିଛନ୍ତି, ସମାଜରେ ନିଜର ଅତୁଳନୀୟ ଅବଦାନ ପାଇଁ ପ୍ରେରଣାର ଉତ୍ସର୍ଗୀକୃତ ଥିବା ବ୍ୟକ୍ତିତ୍ୱଙ୍କୁ ଏହି ସମ୍ମାନ ପ୍ରତିବର୍ଷ ଦିଆଯାଉଛି। ପୂର୍ବତନ ସଭାପତି ତଥା ରୋଟାରୀ କଳିଙ୍ଗ ସମ୍ମାନ ୨୦୨୪ କମିଟିର ଚେୟାରମ୍ୟାନ ରୋଟାରିଆନ ରାଧା ମୋହନ ପଟ୍ଟନାୟକ ପୁରସ୍କାରର ବିଭିନ୍ନ ଦିଗ ବିଷୟରେ ସୂଚନା ଦେଇଥିଲେ। ରୋଟାରିଆନ ଶିବ ନାରାୟଣ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ବର୍ଦ୍ଧନା ସମାରୋହ ପରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଆଦୃତ ଚିଲ୍‌ଡ୍ରେନ ହୋମର କଳାକାରମାନେ ଏକ ଆକର୍ଷଣୀୟ ନୃତ୍ୟ ଉପସ୍ଥାପନ କରିଥିଲେ ଏବଂ ସୁର୍ ତରଙ୍ଗ ପକ୍ଷରୁ ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଅବକାରୀ ଚଢ଼ାଉ: ପୋଚ, ମଦ ଜବତ

ବେଗୁନିଆ,୨୩।୬(ହରପ୍ରସନ୍ନ ପଣ୍ଡା/ ସନ୍ଧ୍ୟାରାଣୀ ମିଶ୍ର)

ଖୋର୍ଦ୍ଧା ଜିଲା ଅବକାରୀ ଓ ବେଗୁନିଆ ଅବକାରୀ ଥାନା ପକ୍ଷରୁ ରବିବାର ମିଳିତ ଭାବେ ଚଢ଼ାଉ କରାଯାଇ ବରପଦା ଜଙ୍ଗଲରୁ ୧୦ହଜାର ୫୦୦ ଲିଟର ପୋଚ, ୧୧୩୦ଲିଟର ଦେଶୀ ମଦ, ବିଭିନ୍ନ ସାମଗ୍ରୀ ଜବତ କରାଯାଇଛି। ତେବେ ଜବତ ପୋଚକୁ ନଷ୍ଟ କରାଯାଇଥିଲା। ତେବେ ମଦ ରନ୍ଧାଳି ଏବଂ ମାଫିଆମାନେ ଆଗୁଆ ସୂଚନା ପାଇ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଏହି ଚଢ଼ାଉରେ ଖୋର୍ଦ୍ଧା ଅବକାରୀ ରେଞ୍ଜ ଆଇଆଇସି ସନ୍ତୋଷ ସାହୁ, ବେଗୁନିଆ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଏନ୍. ଜାଗିନ ରାଓ, ଏଏସ୍ଆଇ ରାଜେନ୍ଦ୍ର ଶେଷ, ରତ୍ନାକର ଜାଲି, ଜିତେନ୍ଦ୍ର ହେମ୍ବ୍ରମ, ବିରଞ୍ଚି ମହାନ୍ତିଙ୍କ ସହିତ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ। ପ୍ରକାଶ ଯେ, ଏହି ଜଙ୍ଗଲରେ ୮ରୁ ଊର୍ଦ୍ଧ୍ୱ ଥର ଚଢ଼ାଉ ହୋଇଥିଲେ ମଧ୍ୟ ଏହି କାରବାରରେ ସମ୍ପୃକ୍ତ ଥିବା ମାଫିଆମାନଙ୍କୁ ଧରିବାରେ ବିଭାଗ ବିଫଳ ହୋଇଛି।



ଅବକାରୀ ବିଭାଗ ପକ୍ଷରୁ ଜବତ ହୋଇଥିବା ବିଭିନ୍ନ ସାମଗ୍ରୀ।

# ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଏବଂ ଅନ୍ୟମାନେ।

ଖୋର୍ଦ୍ଧା,୨୩।୬ (ପ୍ରଭାତ ପାଣିଗ୍ରାହୀ)

ଭାରତୀୟ ଜନସଂଘର ପ୍ରତିଷ୍ଠାତା, ବିଶିଷ୍ଟ ଜନନାୟକ ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ ଅବସରରେ ଭାରତୀୟ ଜନତା ପାର୍ଟି ଖୋର୍ଦ୍ଧା କାର୍ଯ୍ୟାଳୟଠାରେ ଚାରାରୋପଣ ଓ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିକୁଞ୍ଜ କିଶୋର ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ପୂର୍ବତନ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ବାସନ୍ତୀ ମହାପାତ୍ର ପ୍ରମୁଖ ଶ୍ୟାମାପ୍ରସାଦଙ୍କ ସ୍ମୃତିଚାରଣ କରିଥିବା ବେଳେ ଲକ୍ଷ୍ମୀକାନ୍ତ ମିଶ୍ର ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଣ୍ଡଳ ସଭାପତି ଦେବ ଆଚାର୍ଯ୍ୟ, ପ୍ରଦୀପ୍ତ ପାଣି, ସନ୍ତୋଷ ଚମ୍ପତି, ଶୋଭାନ ଘୋଷ, ବିଭୁ ପ୍ରସାଦ ସାହୁ, ରାଜୀବ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

# ଏସ୍‌ସିବିରେ ଅପେକ୍ଷା ସାଜୁଛି ଯନ୍ତ୍ରଣା

## ଚିକିତ୍ସା ପାଇଁ ୪ ଦିନ ହେବ ଧାଡ଼ିରେ ଠିଆହେଉଛନ୍ତି ରୋଗୀ

କଟକ,୨୩।୬(ଶିପ୍ରା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲରେ ଚିକିତ୍ସା ଓ ପରୀକ୍ଷା ନିରୀକ୍ଷା କରାଇବା ପାଇଁ ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ହନ୍ତସନ୍ତ ହେଉଛନ୍ତି। ମେଡିକାଲରେ ରୋଗୀମାନେ ଡାକ୍ତରଙ୍କ ପରାମର୍ଶ କରି ପରୀକ୍ଷା କରାଇବାକୁ ଯାଉଥିବା ବେଳେ ପରୀକ୍ଷା ନ କରାଇ ଫେରାଇ ଦେଉଛନ୍ତି ନିୟୋଜିତ ଥିବା କର୍ମଚାରୀ। ଅଲଟ୍ରା ସାଉଣ୍ଡ କରିବା ପାଇଁ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କୁ ହଇରାଣ ହେବାକୁ ପଡୁଛି। ଅଲଟ୍ରାସାଉଣ୍ଡ ପାଇଁ ଗତ ୪ଦିନ ହେବ ମେଡିକାଲର ରଞ୍ଜନରଶ୍ମି ବିଭାଗକୁ ଧାଉଁଥିବା ନେଇ ଏଠାକୁ ଆସିଥିବା ଜଗତ୍‌ସିଂହପୁର ଅଞ୍ଚଳର ପ୍ରଭାତୀ ଦାସ ଅଭିଯୋଗ କରିଛନ୍ତି। ପ୍ରଭାତୀ କହିଛନ୍ତି ଯେ, ମୋ' ସମ୍ପର୍କୀୟ ପ୍ରେମଲତା ଦାସଙ୍କୁ ୫ଦିନ ହେବ ମେଡିକାଲରେ ଭର୍ତ୍ତି କରାଇଛି। ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ସମସ୍ତ ପରୀକ୍ଷା ନିରୀକ୍ଷା କରାଯାଇଛି। କିନ୍ତୁ ଅଲଟ୍ରାସାଉଣ୍ଡ ପାଇଁ ୪ଦିନ ହେବ ରଞ୍ଜନରଶ୍ମି ବିଭାଗକୁ ଆସୁଥିବାବେଳେ ପ୍ରଥମ ଦିନ ମେଶିନ ଅଚଳ ଥିବାରୁ କର୍ମଚାରୀ ଟୋକନ ଦେଇ ଫେରାଇ ଦେଇ ପରଦିନ ଆସିବାକୁ କହିଥିଲେ। ପରଦିନ ଆସି ଦୀର୍ଘ ସମୟ ଧାଡ଼ିରେ ଛିଡ଼ା ହେବା ପରେ ଅଲଟ୍ରାସାଉଣ୍ଡ ହୋଇପାରିବନି କହି ଫେରାଇ ଦେଉଛନ୍ତି। ଏପରି ୩ଦିନ ହେବ ଅଲଟ୍ରାସାଉଣ୍ଡ କରାଇବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛୁ। ଫଳରେ ରୋଗୀର ଚିକିତ୍ସା ଅଧାରେ ରହିଛି। କାରଣ ଅଲଟ୍ରାସାଉଣ୍ଡ ରିପୋର୍ଟ ଅନୁଯାୟୀ ଡାକ୍ତର ପରବର୍ତ୍ତୀ ଔଷଧ ଲେଖିବେ ଓ ଚିକିତ୍ସା କରାଇବେ। ହେଲେ ଏସ୍‌ସିବିରେ ଏଭଳି ଅବ୍ୟବସ୍ଥା ଯୋଗୁ ରୋଗୀ ସୁସ୍ଥ ହେବା ପରିବର୍ତ୍ତେ ମୃତ୍ୟୁମୁଖରେ ପଡୁଛନ୍ତି। ଅନ୍ୟପକ୍ଷରେ ଏନେଇ ଏସ୍‌ସିବି ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡା. ସୁଧାଂଶୁ ଶେଖର ମିଶ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ମେଡିକାଲରେ ରୋଗୀ ସଂଖ୍ୟା ଦିନକୁ ଦିନ ବଢିବାରେ ଲାଗିଛି। ରୋଗୀଙ୍କୁ ଯେଉଁ ଚିକିତ୍ସା ଓ ପରୀକ୍ଷା ଆବଶ୍ୟକ ତାହା କରାଯାଉଛି। ଏଭଳି ଅଭିଯୋଗ ସମ୍ପର୍କରେ ଗଣମାଧ୍ୟମରୁ ଜାଣିବାକୁ ପାଇଛି। ସମ୍ପୃକ୍ତ ରୋଗୀଙ୍କର କାହିଁକି ଅଲଟ୍ରାସାଉଣ୍ଡ କରାଯାଇ ନାହିଁ ସେ ସମ୍ପର୍କରେ ଗୁରୁତ୍ୱ ଦିଆଯାଇ ପଦକ୍ଷେପ ନିଆଯିବ ବୋଲି ମିଶ୍ର ପ୍ରକାଶ କରିଛନ୍ତି। ମେଡିକାଲରୁ ମିଳିଥିବା ସୂଚନା ମୁତାବକ, ରଞ୍ଜନରଶ୍ମି ବିଭାଗରେ ଏସ୍‌ସିବିର ନିଜସ୍ୱ ୪ଟି ଅଲଟ୍ରାସାଉଣ୍ଡ ମେଶିନ କାର୍ଯ୍ୟ କରୁଛି। କିଛି ବର୍ଷ ହେବ ଏକ ଘରୋଇ ସଂସ୍ଥାକୁ ଏହାର ରକ୍ଷଣାବେକ୍ଷଣା ଦାୟିତ୍ୱ ଦିଆଯାଇଛି। ରଞ୍ଜନରଶ୍ମି ବିଭାଗକୁ ନିତିଦିନ ୩ଶହରୁ ଅଧିକ ରୋଗୀଙ୍କୁ ଅଲଟ୍ରାସାଉଣ୍ଡ କରିବାକୁ ବିଭିନ୍ନ ବିଭାଗର ଡାକ୍ତର ପ୍ରେସ୍‌କ୍ରାଇବ୍ କରିଥାନ୍ତି। ସେହିପରି ଗତ ୫ ଦିନ ହେବ ପ୍ରଭାତୀ ତାଙ୍କ ସମ୍ପର୍କୀୟ ପ୍ରେମଲତା ଦାସଙ୍କ ଶରୀରରେ ରକ୍ତ ସମସ୍ୟା ଓ ପେଟ ଯନ୍ତ୍ରଣା ହେବାରୁ ଏସ୍‌ସିବି ମେଡିକାଲର ମେଡିସିନ୍ ବିଭାଗରେ ଭର୍ତ୍ତି କରାଇଛନ୍ତି। ପରେ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ, ଅଲଟ୍ରାସାଉଣ୍ଡ ରଞ୍ଜନ ରଶ୍ମି ବିଭାଗକୁ ଯାଇ ୪ଦିନ ହେବ ଲମ୍ବାଧାଡ଼ିରେ ଛିଡ଼ା ହୋଇ ନିରାଶ ହୋଇ ଫେରୁଛନ୍ତି।



ଅପେକ୍ଷା କରିଥିବା ରୋଗୀ ଏବଂ ସମ୍ପର୍କୀମାନେ।

# ନିଶା କାରବାର ଟଙ୍କାକୁ ନେଇ ହୋଇଥିଲା ହତ୍ୟା

**ମନୋଜ ସେଠୀ ହତ୍ୟାକାଣ୍ଡ ଘଟଣା**

- ୨ ଭାଇଙ୍କ ସମେତ ୪ ଗିରଫ
- ମୁଖ୍ୟ ଅଭିଯୁକ୍ତ ଫେରାର
- ୨ ବାଇକ୍, ୫ ମୋବାଇଲ ଜବତ

ଖୋର୍ଦ୍ଧା,୨୩।୬(ପ୍ରଭାତ ପାଣିଗ୍ରାହୀ)



ଗିରଫ ଅଭିଯୁକ୍ତମାନେ।





ଜବତ ମୋବାଇଲ ଓ ବାଇକ୍।

ନିଶା କାରବାରକୁ ନେଇ ଗତ ୧୮ତାରିଖରେ ଖୋର୍ଦ୍ଧା ଟାଉନ୍ ଥାନା ଅନ୍ତର୍ଗତ ସାମନ୍ତରାପୁର ଅଞ୍ଚଳର ମନୋଜ ସେଠୀ ଓରଫ ଗୁଲୁ(୨୪)ଙ୍କୁ ଘରୁ ଡାକିନେଇ ପିଟିପିଟି ହତ୍ୟା କରାଯାଇଥିଲା। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ଫେରାର ଥିବା ବେଳେ ପୋଲିସ ରବିବାର ଦୁଇ ଭାଇଙ୍କ ସମେତ ୪ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଗଡ଼ଦ୍ୱାର ସାହିରେ ରହୁଥିବା ଉପରସାହିର ପ୍ରସନ୍ନଜିତ ରାଉତରାୟ ଓରଫ ସାଗର (୨୪), ସାମନ୍ତରାପୁର ଅଞ୍ଚଳର ଦୁଇ ଭାଇ ସୁନୀଲ ସେଠୀ ଓରଫ ସୋନୁ (୨୭) ଓ ସୁଶିଲ ସେଠୀ ଓରଫ କାହ୍ନୁ (୧୯) ଏବଂ ସାମନ୍ତରାପୁର ମଙ୍ଗଳାସାହିର ଜ୍ଞାନରଞ୍ଜନ ସାହୁ ଓରଫ ରାକା (୨୬)। ଏମାନଙ୍କଠାରୁ ଦୁଇଟି ବାଇକ୍ (ଓଆର ୦୭ଜି ୩୮୭୪, ଓଆର୨୫ବି ୨୧୯୨), ୫ଟି ଦାମୀ ମୋବାଇଲ ଫୋନ ଏବଂ ହତ୍ୟାକାଣ୍ଡରେ ବ୍ୟବହୃତ ସାମଗ୍ରୀ ଜବତ ହୋଇଛି। ନିଶା କାରବାର ଟଙ୍କାକୁ ନେଇ ମନୋଜଙ୍କୁ ହତ୍ୟା କରାଯାଇଥିଲା ବୋଲି ପୋଲିସ କହିଛି। କୋରେକ୍ସ ବିକ୍ରି ବାବଦ ଟଙ୍କା ମନୋଜ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ସହଯୋଗୀଙ୍କୁ ଦେଇ ନ ଥିଲେ। ଏନେଇ ସେମାନଙ୍କ ମଧ୍ୟରେ ତିକ୍ତତା ବଢ଼ିଥିଲା। ଏହାପରେ ମନୋଜଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରିଥିଲେ ବୋଲି ପୋଲିସ ସୂଚନା ଦେଇଛି। ସୂଚନାଥାଉ କି, ଗତ ୧୮ ତାରିଖରେ ଆଦର୍ଶ ଥାନା ଅଧୀନ ସାମନ୍ତରାପୁର ଅଞ୍ଚଳର ମନୋଜଙ୍କୁ ଅଭିଯୁକ୍ତମାନେ ଘରୁ ଡାକିନେଇ ଟିଏଲ୍‌ସି ରୋଡ ପମ୍ପ ହାଉସ ନିକଟ କାଜୁ ଜଙ୍ଗଲକୁ ନେଇଥିଲେ। ସେଠାରେ ତାଙ୍କୁ ନିଶା ଖୁଆଇ ଗଛରେ ବାନ୍ଧି ପିଟିଥିଲେ। ପରେ ଘୋଷାରି, ଗୋଇଠା ମାରିବା ସହ ପାଦର ନଖ ଉପାଡି ଦେଇଥିଲେ। ଗୁରୁତର ଅବସ୍ଥାରେ ମନୋଜଙ୍କୁ ମେଡିକାଲରେ ଭର୍ତ୍ତି କରି ତାଙ୍କ ପରିବାର ଲୋକଙ୍କୁ ଜଣାଇ ଅଭିଯୁକ୍ତମାନେ ମେଡିକାଲରୁ ଫେରାର ହୋଇଯାଇଥିଲେ। ଏନେଇ ମୃତକଙ୍କ ମା' ସୁକାନ୍ତି ସେଠୀଙ୍କ ଅଭିଯୋଗକ୍ରମେ ପୋଲିସ ଏକ ହତ୍ୟା ମାମଲା(ନଂ.୨୨୮/୨୪) ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଉପରୋକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ତେବେ ଉକ୍ତ ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି।

# ହାଇସ୍କୁଲ ଖେଳପଡ଼ିଆରେ ବେଆଇନ ନିର୍ମାଣ ଅଭିଯୋଗ



ପୁରୁଣା ଭୁବନେଶ୍ୱର,୨୩।୬(ସୁବାସ ଚନ୍ଦ୍ର ପ୍ରଧାନ)

ଏକାମ୍ର ନିର୍ବାଚନମଣ୍ଡଳୀର ଶ୍ରୀଲିଙ୍ଗରାଜ ମନ୍ଦିର ଦକ୍ଷିଣ ଦ୍ୱାର ନିକଟରେ ଥିବା ହାଇସ୍କୁଲ ଖେଳପଡ଼ିଆକୁ ଜବରଦଖଲ କରାଯାଇ କ୍ଲବ ପକ୍ଷରୁ କ୍ରିକେଟ୍ ପିଚ୍ କରାଯାଉଥିବା ଅଭିଯୋଗ ହୋଇଛି। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବଙ୍କ ନିକଟରେ ଆଇନଜୀବୀ ଅରୁଣ କୁମାର ମହାପାତ୍ର ଅଭିଯୋଗ କରିଛନ୍ତି। ପୂର୍ବରୁ ମଧ୍ୟ ଏହି କ୍ଲବ ଖେଳପଡିଆକୁ ବେଆଇନଭାବେ ଦଖଲ କରିଥିବା ନେଇ ଉପଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ବିଦ୍ୟାଳୟ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ଜବରଦଖଲକାରୀଙ୍କ ମନୋବଳ ଦୃଢ଼ ହୋଇଛି। କୌଣସି ସରକାରୀ ବିଦ୍ୟାଳୟ ଜମିକୁ ଘରୋଇ ବ୍ୟବହାର ପାଇଁ କିମ୍ବା କ୍ଲବଗୁଡ଼ିକୁ ନ ଦେବାକୁ ଉଚ୍ଚ ନ୍ୟାୟାଳୟର ଆଦେଶ ରହିଥିଲେ ମଧ୍ୟ କାହା ସ୍ୱାର୍ଥରେ ନିର୍ମାଣ କାର୍ଯ୍ୟ ହେଉଛି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ସମ୍ପୃକ୍ତ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କହିଛନ୍ତି, ଖେଳପଡ଼ିଆ ମଝିରେ ଏକ କ୍ଲବ ପକ୍ଷରୁ କ୍ରିକେଟ ପିଚ୍ କରାଯାଉଛି।

# ପାଟନାଳୀ ପୋଲରୁ ଖସି ପଡ଼ିଲା ବାଇକ୍, ଜଣେ ମୃତ

ମାହାଙ୍ଗା/ସାଲେପୁର,୨୩।୬
(ଯଯାତି ସିଂହ/ଅରବିନ୍ଦ ଭୂୟାଁ)

ମାହାଙ୍ଗା ଥାନା ଚାହାପଡା ପଞ୍ଚାୟତ ଅନ୍ତର୍ଗତ ବରିଦିଆ ମା'ତାରିଣୀ ଛକର ପାଟନାଳୀ ପୋଲରେ ରବିବାର ଏକ ଦୁର୍ଘଟଣା ହୋଇଛି। ଏକ ବାଇକ୍ ଭାରସାମ୍ୟ ହରାଇ ପୋଲ ତଳକୁ ଖସିପଡିଛି। ଫଳରେ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଏହି ଥାନା ଅନ୍ତର୍ଗତ ନୃତାଙ୍ଗ ଗ୍ରାମର ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ ଦାମୋଦର ଦାସ(୭୭)। ଗୁରୁତର ଜଣକ ହେଲେ ଉକ୍ତ ଗ୍ରାମର ପ୍ରଦୀପ୍ତ କୁମାର ସାମଲ(୩୯)। ଉଭୟ ଏକ ବାଇକରେ ନେମାଳସ୍ଥିତ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପୀଠକୁ ଶନିବାର ଦେବସ୍ନାନ ପୂର୍ଣ୍ଣିମା ଦେଖିବାକୁ ଯାଇଥିଲେ। ରବିବାର ଭୋର ସମୟରେ ଫେରୁଥିବା ବେଳେ ଏହି ଦୁର୍ଘଟଣା ହୋଇଥିଲା। ଫଳରେ ଘଟଣାସ୍ଥଳରେ ଦାମୋଦରଙ୍କ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକେ ପ୍ରଦୀପ୍ତଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଖବରପାଇ ସାଲେପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ସୂଚନାଯୋଗ୍ୟ, ଉକ୍ତ ପାଟନାଳୀର ପୋଲର ଉଭୟ ପାର୍ଶ୍ୱରେ ସୁରକ୍ଷା ବାଡ ନ ଥିବାରୁ ଅନେକ ସମୟରେ ଦୁର୍ଘଟଣା ଘଟି ଧନଜୀବନ ନଷ୍ଟ ହେଉଛି।



ନୃତ୍ୟାଙ୍ଗନା ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ଓଡ଼ିଶୀ ନୃତ୍ୟ ସଙ୍ଗୀତ ସମ୍ମାନ ପ୍ରଦାନ ଉତ୍ସବରେ ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ରାମାରାଓ ପାତ୍ରଙ୍କୁ 'ଓଡ଼ିଶୀ ନୃତ୍ୟ ସଙ୍ଗୀତ ସମ୍ମାନ'

ଭୁବନେଶ୍ୱର,୨୩।୬(ଶର୍ମିଷ୍ଠା ପାଣିଗ୍ରାହୀ)

ନୃତ୍ୟାଙ୍ଗନା ପକ୍ଷରୁ ୧୩ତମ ଓଡ଼ିଶୀ ନୃତ୍ୟ ସଙ୍ଗୀତ ସମ୍ମାନ ୨୦୨୩-୨୪ ରବିବାର ରବୀନ୍ଦ୍ରମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧାରୀ ଗମାଙ୍ଗ, ଲେଖିକା ଇନ୍ଦିରା ଦତ୍ତ, ଓଡ଼ିଶୀ ନୃତ୍ୟଶିଳ୍ପୀ ପ୍ରଣତି ମହାନ୍ତି, ଇତିଶ୍ରୀ ଦିବେଦୀ, ଇନଷ୍ଟିଚ୍ୟୁଟ ଅଫ ଚାଟାର୍ଡ ଆକାଉଣ୍ଟାଟ ଅଫ ଇଣ୍ଡିଆର ଭୁବନେଶର ଶାଖା ସମ୍ପାଦକ ମହେନ୍ଦ୍ର କୁମାର ସାହୁ, ଓଡ଼ିଶା ରାଜ୍ୟ ବାର୍ କାଉନସିଲର ଅକ୍ଷୟ କୁମାର ସାମନ୍ତରାୟ, ଆପିଜେ ସୁରେନ୍ଦ୍ର ଗ୍ରୁପ୍‌ର ସିନିୟର ମ୍ୟାନେଜର ଶାନ୍ତନୁ କୁମାର ତ୍ରିପାଠୀ, ନୃତ୍ୟଗୁରୁ କସ୍ତୁରୀ ପଟ୍ଟନାୟକ, ପ୍ରତିଭା ପଣ୍ଡା, ଚିନ୍ମୟୀ କର, ଅନୁଷ୍ଠାନର ସଭାପତି ମମିତା ମିଶ୍ର, ସମ୍ପାଦକ ଗୁରୁ ସୁବାସ ଚନ୍ଦ୍ର ସାଇଁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବରିଷ୍ଠ ବୀଣାବାଦକ ରାମାରାଓ ପାତ୍ରଙ୍କୁ 'ଓଡ଼ିଶୀ ନୃତ୍ୟ ସଙ୍ଗୀତ ସମ୍ମାନ ୨୦୨୩-୨୪'ରେ ସମ୍ବର୍ଦ୍ଧିତ କରାଯାଇଥିଲା। ନୃତ୍ୟାଙ୍ଗନା ପକ୍ଷରୁ ପ୍ରସ୍ତୁତ ନୃତ୍ୟ ପାଞ୍ଚାଳୀ ପ୍ରମୁଖ ଆକର୍ଷଣ ସାଜିଥିଲା। ଏହାବ୍ୟତୀତ ଲିପ୍‌ସିତା ସାମନ୍ତରାୟଙ୍କ ଏକକ ଓଡ଼ିଶୀ ନୃତ୍ୟ, ଦଳଗତ ସମ୍ବଲପୁରୀ ଓ ଆଦିବାସୀ ନୃତ୍ୟ ବେଶ୍ ଆକର୍ଷଣୀୟ ଥିଲା। ମଞ୍ଚ ପରିଚାଳନା କରିଥିଲେ ସ୍ୱାତୀ ପଟ୍ଟନାୟକ।




ସାରସ୍ୱତ ସମାଜ ପକ୍ଷରୁ ରବିବାର ଗୀତଗୋବିନ୍ଦ ସଦନରେ ଅନୁଷ୍ଠିତ ୧୪ତମ ସ୍ୱନକ୍ଷତ୍ର ସମାରୋହରେ ଉପସ୍ଥିତ ଅତିଥିମାନେ।

# ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀ ଭାଜପାର ଧନ୍ୟବାଦ ସଭା

ବାଲିଅନ୍ତା,୨୩।୬(ନୀଳମାଧବ ସାହୁ)

ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀ ଭାଜପା ପକ୍ଷରୁ ରବିବାର ଭୁବନେଶ୍ୱରର ଏକ ମଣ୍ଡପରେ ଧନ୍ୟବାଦ ସଭା ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ରଙ୍କ ନେତୃତ୍ୱରେ ଜିଲା କାର୍ଯ୍ୟକାରୀ ସଭାପତି ନିରଞ୍ଜନ ମିଶ୍ର ଅଧକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଯୋଗଦେଇ ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀର ସମସ୍ତ ଜନସାଧାରଣଙ୍କୁ ଓ ଦଳୀୟ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ସହ କୃତଜ୍ଞତା ଜଣାଇଥିଲେ। ସେମାନଙ୍କ ଆଶୀର୍ବାଦ ଯୋଗୁ ସେ ଦ୍ୱିତୀୟ ଥର ପାଇଁ ଭୁବନେଶ୍ୱର ଏମ୍‌ପି ହୋଇପାରିଛନ୍ତି। ଆଗାମୀ ଦିନରେ ନିର୍ବାଚନମଣ୍ଡଳୀର ବିକାଶକୁ ଜୋରଦାର କରାଯିବା ସହିତ ସଂଗଠନକୁ ସୁଦୃଢ଼ କରାଯିବ ବୋଲି ସେ କହିଥିଲେ। ପୂର୍ବତନ ବିଧାୟକ ମିଶ୍ର ତାଙ୍କ ଅଭିଭାଷଣରେ ନିର୍ବାଚନ ପ୍ରକ୍ରିୟାରେ ସେ ହାରିଥିଲେ ମଧ ଲୋକଙ୍କ ଭଲ ପାଇବାକୁ ଜିତିଛନ୍ତି। ଆଗାମୀ ଦିନରେ ନିର୍ବାଚନମଣ୍ଡଳୀର ବିକାଶ ପାଇଁ ପ୍ରଚେଷ୍ଟା ଜାରି ରଖିବେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏକାମ୍ର ବିଧାୟକ ବାବୁ ସିଂ, ଭୁବନେଶ୍ୱର ମଧ ବିଧାୟକ ପ୍ରାର୍ଥୀ ଜଗନ୍ନାଥ ପ୍ରଧାନ, ରାଜ୍ୟ ଭାଜପା ସମ୍ପାଦକ ସାରଦା ପ୍ରସାଦ ନାୟକ, ସୁନୀତ ମୁଣ୍ଡ, ଅଭିଲାଷ ପଣ୍ଡା, ଯଶୋଧାରା ପ୍ରଧାନ ଓ ଲକ୍ଷ୍ମୀପ୍ରିୟା ପରିଡ଼ାଙ୍କ ସମେତ ବହୁ ଦଳୀୟ କର୍ମକର୍ତ୍ତା ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଶତାଧିକ ଦଳୀୟ କର୍ମୀ ଓ ନିର୍ବାଚନ ମଣ୍ଡଳୀର ଶୁଭେଚ୍ଛୁ ଉପସ୍ଥିତ ଥିଲେ।

# 'ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ବ୍ୟର୍ଥ ଯିବ ନାହିଁ'



ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ।

ଭୁବନେଶ୍ୱର,୨୩।୬(ଅନୁରାଧା ମହାରଣା)

ଭାଜପାର ବିଚାରଧାରା ଓ ରାଜନୈତିକ ଆନ୍ଦୋଳନର ପ୍ରଣେତା ଥିଲେ ଡ. ଶ୍ୟାମାପ୍ରସାଦ ମୁଖାର୍ଜୀ। ସେ ଜଣେ ବିଶିଷ୍ଟ ରାଜନେତା ହେବା ସହ ଦୂରଦୃଷ୍ଟି ସମ୍ପନ୍ନ ବ୍ୟକ୍ତିତ୍ୱ ଥିଲେ। ଭାରତର ଏକତା ଓ ଅଖଣ୍ଡତା ପାଇଁ ସ୍ୱର୍ଗତଃ ମୁଖାର୍ଜୀ ନିଜ ଜୀବନ ସମର୍ପଣ କରିଥିଲେ। ଦେଶର ବିକାଶ, ସାମାଜିକ ନୀତି ଓ ରାଷ୍ଟ୍ରୀୟ ସୁରକ୍ଷା ନୀତି ପାଇଁ ସେ ସଂକଳ୍ପବଦ୍ଧ ଥିଲେ। ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ବ୍ୟର୍ଥ ଯିବ ନାହିଁ । ରବିବାର ରାଜ୍ୟ କାର୍ଯ୍ୟାଳୟରେ ସ୍ୱର୍ଗତଃ ମୁଖାର୍ଜୀଙ୍କ ୭୨ତମ ବଳିଦାନ ଦିବସ ପାଳନ ଅବସରରେ ଏପରି ମତ ପ୍ରକାଶ ପାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସମ୍ପାଦକ(ସଂଗଠନ) ମାନସ ମହାନ୍ତି, ଏକାମ୍ର ବିଧାୟକ ବାବୁ ସିଂ, ରାଜ୍ୟ ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠି, ରାଜ୍ୟ ସାଧାରଣ ସମ୍ପାଦକ ଡ. ଯତିନ ମହାନ୍ତି, ରାଜ୍ୟ ମୁଖ୍ୟ ମୁଖପାତ୍ର ସଜ୍ଜନ ଶର୍ମା, ପୂର୍ବତନ ସାଂସଦ ରାଜ୍ୟ ଗଣମାଧ୍ୟମ ସଂଯୋଜକ ସୁଜିତ୍ କୁମାର ଦାସ, ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ, ପଞ୍ଚାନନ ନାୟକ ପ୍ରମୁଖ ସ୍ୱର୍ଗତ ମୁଖାର୍ଜୀଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। କଶ୍ମୀର ପାଇଁ ସମ୍ବିଧାନରେ ଥିବା ୩୭୦ ଅନୁଚ୍ଛେଦକୁ ସ୍ୱର୍ଗତଃ ମୁଖାର୍ଜୀ ବିରୋଧ କରିଥିଲେ। 'ଏକ ଦେଶ ମେଁ ଦୋ ବିଧାନ, ଦୋ ପ୍ରଧାନ ଔର ଦୋ ନିଶାନ ନହିଁ ଚଲେଙ୍ଗେ' ବୋଲି କହିଥିଲେ । ଏହାଦ୍ୱାରା ଦେଶର ଅଖଣ୍ଡତା ନଷ୍ଟ ହେଉଛି ବୋଲି ମୁଖାର୍ଜୀ କହି ଦେଶବାସୀଙ୍କ ହୃଦୟରେ ଏକତାର ଅଗ୍ନି ପ୍ରଜ୍ୱଳିତ କରିଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ପ୍ରସଙ୍ଗକୁ ଗମ୍ଭୀରତାର ସହ ନେଇ ୨୦୧୯ ଅଗଷ୍ଟ ୫ରେ ଅନୁଚ୍ଛେଦ ୩୭୦ ଓ ୩୫ (ଏ) ଉଚ୍ଛେଦ କରିଛନ୍ତି । ଏହାପରେ କଶ୍ମୀର ଭାରତ ବର୍ଷର ଅଭିନ୍ନ ଅଙ୍ଗ ଭାବେ ପରିଗଣିତ ହୋଇଛି ବୋଲି ମତ ପ୍ରକାଶ ପାଇଛି।

# ସାମ୍ବିଧାନିକ ଅଧିକାର ଶିକ୍ଷା ବିଦ୍ୟାଳୟସ୍ତରରୁ ମିଳୁ

ଭୁବନେଶ୍ୱର,୨୩।୬ (ବନ୍ଦନା ସେଠୀ)

ଶିଶୁମାନଙ୍କୁ ବିଦ୍ୟାଳୟସ୍ତରରୁ ଭାରତ ସମ୍ବିଧାନ ଏବଂ ଏଥିରେ ଥିବା ନାଗରିକ ଅଧିକାର ଶିକ୍ଷା ପ୍ରଦାନ କରାଗଲେ ତାହା ସେମାନଙ୍କ କର୍ମ ମୟ ଜୀବନରେ ପ୍ରତିଫଳିତ ହେବ। ସମାଜରେ ଅବହେଳିତ ବର୍ଗ, ମହିଳା, ଜାତିଧର୍ମଭେଦରେ ଲୋକଙ୍କ ଉପରେ ହେଉଥିବା ଭେଦଭାବ ଆପଣା ଛାଏଁ ଦୂରେଇଯିବ। ଏଥିସହ ସମ୍ବିଧାନ ତଥା ଗଣତନ୍ତ୍ରର ସୁରକ୍ଷା ହୋଇପାରିବ ବୋଲି ରାଜ୍ୟର ପୂର୍ବତନ ଉପମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ବେହେରା କହିଛନ୍ତି। ଶନିବାର ଆଇଏଚ୍‌ଆର୍‌ଇ ଏବଂ ଭାନ ମୁହିଲ ଅନୁଷ୍ଠାନ ପକ୍ଷରୁ ଶ୍ରମିକ ଭବନଠାରେ ଦୁଇଦିନିଆ ସାମ୍ବିଧାନିକ ଅଧିକାର ଶିକ୍ଷା ଶିବିରକୁ ଉଦ୍‌ଘାଟନ କରି ଡ. ବେହେରା ଏହା କହିଛନ୍ତି। ସେ କହିଲେ, ବିଦ୍ୟାଳୟସ୍ତରରୁ ସମାଜର ପ୍ରତ୍ୟେକ ସ୍ତରରେ ଥିବା ନାଗରିକଙ୍କୁ ଏହି ଶିକ୍ଷା ଦେବା ଆବଶ୍ୟକ। ଏଥିପାଇଁ ସରକାର ବିଦ୍ୟାଳୟ ପାଠ୍ୟକ୍ରମରେ ଏହାକୁ ସାମିଲ କରିବା ଉଚିତ। ଦେଶର ସମ୍ବିଧାନ, ଧର୍ମନିରପେକ୍ଷତା, ଗଣତନ୍ତ୍ର ସମ୍ପର୍କରେ ଜନସାଧାରଣ ଶିକ୍ଷାଲାଭ କରିବା ସେମାନଙ୍କର ଅଧିକାର ବୋଲି ଡ. ବେହେରା କହିଥିଲେ। ମୁଖ୍ୟ ପ୍ରଶିକ୍ଷକ ପ୍ରଦୀପ୍ତ ନାୟକଙ୍କ ସଂଯୋଜନା କରିଥିବାବେଳେ ଧୀରେନ୍ଦ୍ର ପଣ୍ଡା, ରବିନାରାୟଣ ପଣ୍ଡା, ସୁରେନ୍ଦ୍ର ଦାସ, ଗୌରାଙ୍ଗ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ସୁନ୍ଦରଗଡ଼, କେନ୍ଦୁଝର, ବାଲେଶ୍ୱର, ପୁରୀ ଓ ଖୋର୍ଦ୍ଧା ଜିଲାର ୫୦ ଶିଶୁ ଅଧିକାର୍ କ୍ଲବର ସ୍ୱେଚ୍ଛାସେବୀ, ଶିକ୍ଷୟିତ୍ରୀ, ଶିକ୍ଷକ ଏଥିରେ ଯୋଗ ଦେଇଥିଲେ।




ସାମ୍ବିଧାନିକ ଅଧିକାର ଶିକ୍ଷା ଶିବିରରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

# ଶ୍ରୀମନ୍ଦିରର ସ୍ଥାୟୀ ପ୍ରଶାସକ ନାହାନ୍ତି: କାର୍ଯ୍ୟ ମନ୍ଥର

**ତୁରନ୍ତ ନିଯୁକ୍ତି ପାଇଁ ସାଧାରଣରେ ଦାବି**



ପୁରୀ,୨୩।୬(ଅଜିତ୍ କୁମାର ମହାନ୍ତି):

ଶ୍ରୀମନ୍ଦିରରେ ସ୍ଥାୟୀ ପ୍ରଶାସକ ନ ଥିବାରୁ ବିଭିନ୍ନ ପ୍ରଶାସନିକ କାର୍ଯ୍ୟରେ ମନ୍ଥରତା ଦେଖାଦେଉଛି। ତେଣୁ ତୁରନ୍ତ ସ୍ଥାୟୀ ପ୍ରଶାସକ ନିଯୁକ୍ତି ଦେବା ପାଇଁ ଭକ୍ତ ଓ ସେବାୟତଙ୍କ ପକ୍ଷରୁ ଦାବି ହେଉଛି। ଏ କ୍ଷେତ୍ରରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଅନୁପାଳନ କରାଯାଉନଥିବାରୁ ବିଭିନ୍ନ ମହଲରେ ଉଦବେଗ ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ଶ୍ରୀମନ୍ଦିରରେ ଶୃଙ୍ଖଳା ଆଣିବା ଲକ୍ଷ୍ୟରେ ୨୦୧୯ରେ ସୁପ୍ରିମକୋର୍ଟ ଜଣେ ଆଇଏଏସ୍ ର୍‍ୟାଙ୍କର ଅଧିକାରୀଙ୍କୁ ସ୍ଥାୟୀ ପ୍ରଶାସକ ନିଯୁକ୍ତି କରିବା ନିମନ୍ତେ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାର ପ୍ରାୟ ୩ବର୍ଷ ପରେ ୨୦୨୩ ଏପ୍ରିଲରେ ବରିଷ୍ଠ ଆଇଏଏସ୍ ଅଫିସର ରଞ୍ଜନ କୁମାର ଦାସଙ୍କୁ ଶ୍ରୀମନ୍ଦିର ପ୍ରଶାସନର ସ୍ଥାୟୀ ମୁଖ୍ୟ ପ୍ରଶାସକ ଭାବେ ନିଯୁକ୍ତି ଦେଇଥିଲେ। ତେବେ ସେ ୮ ମାସ କାର୍ଯ୍ୟ କରିବା ପରେ ତାଙ୍କୁ ରାଜ୍ୟ ସରକାର ଅନ୍ୟତ୍ର ସ୍ଥାନାନ୍ତର କରିଥିଲେ। ଦାସ ତାଙ୍କ କାର୍ଯ୍ୟ କାଳ ସମୟରେ ଶ୍ରୀମନ୍ଦିରର ସଂସ୍କାର ନିମନ୍ତେ ଅନେକ ପଦକ୍ଷେପ ନେଇଥିଲେ। ତାଙ୍କ ବଦଳି ପରେ ପୁରୀର ତତ୍କାଳୀନ ଜିଲାପାଳ ସମର୍ଥ ବର୍ମାଙ୍କୁ କିଛି ଦିନ ନିମନ୍ତେ ଶ୍ରୀମନ୍ଦିରର ଅତିରିକ୍ତ ମୁଖ୍ୟ ପ୍ରଶାସକ ଦାୟିତ୍ୱ ଦିଆଯାଇଥିଲା। ମାତ୍ର ତାଙ୍କ ସ୍ଥାନରେ ଜଣେ ସ୍ଥାୟୀ ପ୍ରଶାସକ ଦେବା ବଦଳରେ ପୂର୍ତ୍ତ ବିଭାଗ ସଚିବ ଭାବରେ ଦାୟିତ୍ୱରେ ଥିବା ଆଇଏଏସ୍ ଅଧିକାରୀ ବୀରବିକ୍ରମ ଯାଦବଙ୍କୁ ପୁନର୍ବାର ଶ୍ରମନ୍ଦିର ପ୍ରଶାସକ ଭାବେ ନିଯୁକ୍ତି ଦିଆଯାଇଛି। ସ୍ଥାୟୀ ପ୍ରଶାସକ ନିଯୁକ୍ତି ହେଉ ନ ଥିବାରୁ ଶ୍ରୀମନ୍ଦିରରେ ଅଧିକାଂଶ ସମୟରେ ବିଶୃଙ୍ଖଳା ସୃଷ୍ଟି ହେବା ସହ ଅବ୍ୟବସ୍ଥା ଲାଗିରହୁଛି ବୋଲି ଭକ୍ତ ଅଭିଯୋଗ କରୁଛନ୍ତି। ତେଣୁ ସରକାର ଏଥିପ୍ରତି ଦୃଷ୍ଟିଦେବା ସହ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଅନୁପାଳନ କରି ସ୍ଥାୟୀ ପ୍ରଶାସକଙ୍କୁ ଯଥାଶୀଘ୍ର ନିଯୁକ୍ତି ଦେବାକୁ ଭକ୍ତ ଦାବି କରିଛନ୍ତି। ଆଗକୁ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ଆସୁଛି। ନୀତିକାନ୍ତି ସହ ଘୋଷଯାତ୍ରାକୁ ଶୃଙ୍ଖଳିତ ଭାବେ ସମ୍ପାଦନା କରିବା ପାଇଁ ସ୍ଥାୟୀ ପ୍ରଶାସକ ନିଯୁକ୍ତି ଆବଶ୍ୟକ ବୋଲି ଭକ୍ତମାନେ ମତ ପ୍ରକାଶ କରିଛନ୍ତି। ଭକ୍ତଙ୍କ ମତରେ ଜଣେ ସ୍ଥାୟୀ ପ୍ରଶାସକ ନିଯୁକ୍ତି ପାଇଲେ ସେ ଶ୍ରୀମନ୍ଦିର ପ୍ରତି ଅଧିକ ଧ୍ୟାନ ଦେଇପାରନ୍ତେ ଓ ଶ୍ରୀମନ୍ଦିର ପ୍ରତି ଗୁରୁତ୍ୱ ରୁହନ୍ତା। ଅନ୍ୟ ଦାୟିତ୍ୱରେ ଥିବା ପ୍ରଶାସକଙ୍କୁ ଶ୍ରୀମନ୍ଦିର ଦାୟିତ୍ୱ ଦେବା ଫଳରେ ପ୍ରଶାସକ ବିଶେଷ ପଦକ୍ଷେପ ନେଇପାରୁନାହାନ୍ତି। ଏନେଇ କେତେଜଣ ସେବାୟତ ମଧ ସମାନ ମତ ପୋଷଣ କରିଛନ୍ତି। ସ୍ଥାୟୀ ପ୍ରଶାସକ ନିଯୁକ୍ତି ଦ୍ୱାରା ଶ୍ରୀମନ୍ଦିରରେ ଥିବା ସମସ୍ୟାର ସମାଧାନ ହୋଇପାରନ୍ତା। ସେହିପରି କଟକଣାଗୁଡିକୁ ଠିକ୍ ଭାବେ କାର୍ଯ୍ୟକାରୀ କରିପାରନ୍ତେ ବୋଲି ସେମାନେ କହିଛନ୍ତି। ଏ ନେଇ ବରିଷ୍ଠ ଦଇତାପତି ସେବାୟତ ବିନାୟକ ଦାସ ମହାପାତ୍ର କହିଛନ୍ତି, ଶ୍ରୀମନ୍ଦିର ନିମନ୍ତେ ସ୍ଥାୟୀ ପ୍ରଶାସନ ନିଯୁକ୍ତି ନିମନ୍ତେ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ତେବେ ପୂର୍ବ ରାଜ୍ୟ ସରକାର କିଛିଦିନ ପାଇଁ ଜଣେ ସ୍ଥାୟୀ ପ୍ରଶାସକଙ୍କୁ ନିଯୁକ୍ତି ଦେଲେ, ପରେ ପୁଣି ତାଙ୍କୁ ସ୍ଥାନାନ୍ତର କରିଦେଲେ। ଶ୍ରୀମନ୍ଦିର ନିମନ୍ତେ ଅନେକ ଯୋଜନା କରାଯାଉଛି। ମାତ୍ର ସ୍ଥାୟୀ ପ୍ରଶାସକ ନରହିବାରୁ ସେଗୁଡିକ ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁନାହିଁ। ଯେଉଁମାନଙ୍କୁ ନିଯୁକ୍ତି ପ୍ରଦାନ କରାଯାଉଛି, ସେମାନେ ଭୁବନେଶ୍ୱରରେ ରହୁଛନ୍ତି। ସେମାନେ ପୁରୀ ଆସୁନାହାନ୍ତି, କେବଳ ଯାନିଯାତ୍ରା ସମୟରେ ଆସୁଛନ୍ତି ଓ ବୈଠକ କରି ପୁଣି ଚାଲିଯାଉଛନ୍ତି। ରତ୍ନଭଣ୍ଡାର ଖୋଲିବା ଓ ମରାମତି ନିମନ୍ତେ ସ୍ଥାୟୀ ପ୍ରଶାସକ ନିଯୁକ୍ତି ହେବା ଅତ୍ୟନ୍ତ ଆବଶ୍ୟକ। ତେଣୁ ନୂତନ ସରକାର ଏ ଦିଗରେ ପ୍ରଦକ୍ଷେପ ଗ୍ରହଣ କରନ୍ତୁ। ଅପରପକ୍ଷରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଶ୍ରୀମନ୍ଦିରରେ ଅନେକ କିଛି କଥାକୁ ଶୃଙ୍ଖଳିତ କରିବା ନିମନ୍ତେ ବିଭିନ୍ନ ପଦକ୍ଷେପ ନିଆଯାଉଛି ଓ ଯୋଜନା ହେଉଛି। ନୀତିକାନ୍ତିଠାରୁ ଦର୍ଶନ ପର୍ଯ୍ୟନ୍ତ ସମସ୍ତ ଘଟଣାକୁ ଜଣେ ବରିଷ୍ଠ ଅଧିକାରୀ ଅନୁଧ୍ୟାନ କରି ନିୟନ୍ତ୍ରଣ କରିବାର ଆବଶ୍ୟକତା ରହିଛି। ସ୍ଥାୟୀ ପ୍ରଶାସକ ନିଯୁକ୍ତି ନେଇ ରାଜ୍ୟ ସରକାର ଖୁବଶୀଘ୍ର ପଦକ୍ଷେପ ନେବେ। ରାଜ୍ୟ ସରକାରଙ୍କ ପ୍ରଥମ ୧୦୦ ଦିନ କାର୍ଯ୍ୟ ମଧ୍ୟରେ ଶ୍ରୀମନ୍ଦିର ସ୍ଥାୟୀ ପ୍ରଶାସକ ନିଯୁକ୍ତି ପ୍ରସଙ୍ଗ ସୂଚୀରେ ସ୍ଥାନ ପାଇବ ବୋଲି ହରିଚନ୍ଦନ ପ୍ରକାଶ କରିଛନ୍ତି।

# ବିଏଚ୍‌ପି, ବଜରଙ୍ଗ ଦଳର ନୂତନ କାର୍ଯ୍ୟକର୍ତ୍ତା ଚୟନ

ଖୋର୍ଦ୍ଧା,୨୩।୬(ପ୍ରଭାତ ପାଣିଗ୍ରାହୀ)

ବିଶ୍ୱ ହିନ୍ଦୁ ପରିଷଦ(ବିଏଚ୍‌ପି) ଖୋର୍ଦ୍ଧା ପ୍ରଖଣ୍ଡ ବୈଠକ ସଭାପତି ପଞ୍ଚାନନ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲା ବଜରଙ୍ଗ ଦଳ ସଂଯୋଜକଭାବେ ଉଦିତ୍ ନାରାୟଣ ପ୍ରହରାଜ, ସହ ସଂଯୋଜକ ଏସ୍.ଏମ୍. ଦିବ୍ୟପ୍ରକାଶ, ପ୍ରଚାର ପ୍ରସାର ପ୍ରମୁଖ ସାପ୍ତାଦି ସମ୍ବର ଦାସ, ପ୍ରଖଣ୍ଡ କର୍ଯ୍ୟକାରୀ ସଭାପତି ସୁଦର୍ଶନ ରଥ, ସହ ସମ୍ପାଦକ ଅଜୟ କୁମାର ମାଝୀ, ବଜରଙ୍ଗ ଦଳ ସଂଯୋଜକ ସ୍ୱାଗତ ରଞ୍ଜନ ପାତ୍ର, ସହ ସଂଯୋଜକ ଜ୍ୟୋତି ପ୍ରକାଶ ବାରିକ, ବୈଠକ ପ୍ରମୁଖ କାବୁନା ବେହେରା, ବିଦ୍ୟାର୍ଥୀ ପ୍ରମୁଖ ବିଶ୍ୱ ରଞ୍ଜନ ରାଉତ, ବଳ ଉପାସନା ପ୍ରମୁଖ ଭାରତ ଜେନା, ଗୋ ସୁରକ୍ଷା ପ୍ରମୁଖ ସୌମ୍ୟ ରଞ୍ଜନ ସାଇଁ, ସହ ପ୍ରମୁଖ ଚିନ୍ମୟ ନାୟକ, ସୁରକ୍ଷା ପ୍ରମୁଖ ଅନିଲ କୁମାର ସାହୁଙ୍କୁ ମନୋନୀତ କରାଯାଇଛି। ବୈଠକରେ ବିଭାଗ ସମ୍ପାଦକ ବିଭୁଧେନ୍ଦ୍ର ବିଦ୍ୟାଧର, ବଜରଙ୍ଗ ଦଳ ବିଭାଗ ସଂଯୋଜକ ନିତ୍ୟଜିତ୍ ଚମ୍ପତି, ଜିଲା ଉପସଭାପତି ନରେନ୍ଦ୍ର ସାହୁ, ଜିଲା ସମ୍ପାଦକ ସନ୍ତୋଷ କୁମାର ଶ୍ରୀଚନ୍ଦନ, ସେବା ପ୍ରମୁଖ ଶରତ ସୁନ୍ଦରରାୟ ଉପସ୍ଥିତ ଥିଲେ।




୨୩।୦୬।୨୦୨୪

| | |
|---|---|
| ୧,୭୦, ୦୯୮ ଟଙ୍କା | |
| ସୁନା | ୨୨୦ ମିଲି ଗ୍ରାମ୍ |
| ରୁପା | ୧୦.୨୦୦ ଗ୍ରାମ୍ |

# ଗଣିତକୁ ଗୁରୁତ୍ୱ, ପ୍ରଶିକ୍ଷିତ ହେବେ ଶିକ୍ଷକ

ଭୁବନେଶ୍ୱର, ୨୩।୬(ଅସମାପିକା ସାହୁ)

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଶିକ୍ଷାଦାନ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବାକୁ ଯୋଜନା କରାଯାଇଛି। ଛାତ୍ରୀଛାତ୍ରମାନେ କିପରି ଗଣିତରେ ଭଲ ପ୍ରଦର୍ଶନ କରିବେ ସେଥିପାଇଁ ବିଭାଗ ସ୍ୱତନ୍ତ୍ର ପ୍ରସ୍ତୁତି ଆରମ୍ଭ କରିଛି। ଆଡ୍‌ଭାନ୍ସ ଶିକ୍ଷାଦାନ ବ୍ୟବସ୍ଥାରେ ଶ୍ରେଣୀକକ୍ଷରେ ଟେକ୍ନୋଲୋଜିକୁ ଗୁରୁତ୍ୱ ଦିଆଯାଉଥିବା ବେଳେ ଅନେକ ଛାତ୍ରୀଛାତ୍ର ଗଣିତ ଓ ପଣକିଆ ପ୍ରତି ଗୁରୁତ୍ୱ ଦେଉନାହାନ୍ତି। ତେଣୁ ପିଲାମାନେ କିପରି ଗଣିତ ପ୍ରତି ଉତ୍ସାହିତ ହେବେ ସେଥିପାଇଁ ଚତୁର୍ଥରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷକଙ୍କୁ ବ୍ଲକସ୍ତରୀୟ ପ୍ରଶିକ୍ଷଣ ପ୍ରଦାନ କରାଯିବ ବୋଲି ବିଭାଗ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ଶିକ୍ଷାକ୍ଷେତ୍ରରେ ଗଣିତ ହେଉଛି ଗୁରୁତ୍ୱପୂର୍ଣ୍ଣ ବିଷୟ। ମାତ୍ର ବହୁ ପିଲା ଗଣିତକୁ ଡରିଥାନ୍ତି। ଅନେକ ସରକାରୀ ସ୍କୁଲରେ ପଞ୍ଚମ ଓ ଷଷ୍ଠ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ଗଣିତ ସମ୍ପର୍କରେ ପଚାରିଲେ କିଛି ଉତ୍ତର ଦେଇପାରି ନ ଥାନ୍ତି। ଏପରିକି ୨୫ ପର୍ଯ୍ୟନ୍ତ ପଣକିଆ ମଧ୍ୟ ପ୍ରାୟ ୬୦% ପିଲା କହିବାରେ ସମର୍ଥ ହୋଇପାରି ନ ଥାନ୍ତି। ଏ ସବୁକୁ ଗୁରୁତ୍ୱ ଦେଇ ଗଣିତ ଶିକ୍ଷା ଏବଂ ଶିକ୍ଷାଦାନ ବ୍ୟବସ୍ଥାର ଢାଞ୍ଚା ବଦଳାଇବାକୁ ଗଣଶିକ୍ଷା ବିଭାଗ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଆସନ୍ତା ୨୬ରୁ ଜୁଲାଇ ୧୦ ଯାଏ ବ୍ଲକସ୍ତରୀୟ ଶିକ୍ଷକ ପ୍ରଶିକ୍ଷଣ ଦିଆଯିବ। ସ୍କୁଲ ରିସୋର୍ସ ଗ୍ରୁପ୍(ଏସ୍‌ଆର୍‌ଜି) ଶିକ୍ଷକମାନଙ୍କୁ ତାଲିମ ପ୍ରଦାନ କରିବେ।

ସ୍କୁଲ ଶିକ୍ଷାକୁ ଗଣଶିକ୍ଷା ବିଭାଗ ଅଧିକ ଗୁରୁତ୍ୱ ଦେଉଛି। ସ୍କୁଲରେ ଗଠିତ ବିଭିନ୍ନ କ୍ଲବ ଜରିଆରେ ବୌଦ୍ଧିକ ବିକାଶ କରାଯାଉଛି। ଗଣିତ ଜ୍ଞାନ ବୃଦ୍ଧି ସହ ଆଗାମୀ ଦିନରେ କିପରି ବିଭିନ୍ନ ପ୍ରବେଶିକା ତଥା ପ୍ରତିଯୋଗିତାମୂଳକ ପରୀକ୍ଷାରେ ପିଲାମାନେ ଉନ୍ନତି କରିବେ ସେଥିପ୍ରତି ଧ୍ୟାନ ଦିଆଯାଉଛି। ପିଲାଙ୍କ ଗଣିତ ଜ୍ଞାନ ବୃଦ୍ଧି ପାଇଁ ପ୍ରଥମେ ଶିକ୍ଷକଙ୍କୁ ଦକ୍ଷ କରାଯିବ। ଏଥିପାଇଁ ପୂର୍ବରୁ ଗଣଶିକ୍ଷା ବିଭାଗ ପକ୍ଷରୁ ଏସ୍‌ଆରଜିମାନଙ୍କୁ ତାଲିମ ଦିଆଯାଇଛି। ୫୬ଜଣ ଏସଆର୍‌ଜିଙ୍କୁ ୩୦ ଜିଲାର ଦାୟିତ୍ୱ ଦିଆଯାଇଛି। ସେମାନେ ବ୍ଲକସ୍ତରରେ ଶିକ୍ଷକଙ୍କୁ ତାଲିମ ଦେବେ। ସ୍କୁଲ ଗଣିତ ଶିକ୍ଷାରେ ସେତେଟା ତ୍ରୁଟି ନାହିଁ। ହେଲେ ପୁରୁଣା ପଦ୍ଧତି ଉପରେ ଆଧାରିତ ହୋଇଥିବାରୁ ଆଜିର ପିଲାମାନଙ୍କୁ ତାହା ବିଶେଷ ଆକର୍ଷିତ କରିପାରୁନାହିଁ। ତେବେ ପ୍ରଶିକ୍ଷଣ ଶେଷ ହେବା ପରେ ଶିକ୍ଷକମାନେ ଶ୍ରେଣୀରେ କିଭଳି ଭାବେ ଶିକ୍ଷାଦାନ କରୁଛନ୍ତି ତାହାର ସମୀକ୍ଷା କରାଯିବ। ଆବଶ୍ୟକ ସ୍ଥଳେ ଅଭିଭାବକଙ୍କୁ ମଧ୍ୟ ଏ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯିବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି।



**ପୁରୀ:** ରଥଖଳାରେ ଚିତ୍ରକର ରଥର ସଖି କଣ୍ଢେଇରେ ରଙ୍ଗ ଦେଉଛନ୍ତି। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

## ପୋଖରୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

ବାଲୁଗାଁ, ୨୩।୬
(ସଂଗ୍ରାମ ପାଇକରାୟ)

ପୋଖରୀରେ ବୁଡ଼ିଯିବାରୁ ରବିବାର ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଖୋର୍ଦ୍ଧା ଜିଲା ବାଲୁଗାଁ ନିକଟ ଶିଖରପଦର ଗ୍ରାମର କୃଷ୍ଣ ମୋହନ ବଳିୟାରସିଂହ(୭୦)। ସୂଚନା ମୁତାବକ, ସକାଳ ପ୍ରାୟ ୯ଟାରେ କୃଷ୍ଣ ମୋହନ ବାରିରେ ଥିବା ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲେ। କୌଣସି କାରଣବଶତଃ ସେ ପୋଖରୀରେ ବୁଡ଼ି ଯାଇଥିଲେ। ବହୁ ସମୟ ଧରି ଘରକୁ ନ ଫେରିବାରୁ ପରିବାର ଲୋକେ ଗ୍ରାମବାସୀଙ୍କ ସହାୟତାରେ ପୋଖରୀରେ ଖୋଜାଖୋଜି କରିଥିଲେ। ଏହା ପରେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବାଲୁଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ବାଲୁଗାଁ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୦/୨୪) ରୁଜୁ କରି ତଦନ୍ତ ଚଳାଇଛି।

## ମହିଳାଙ୍କୁ ବଳାତ୍କାର ଉଦ୍ୟମ, ୩ ସାକ୍ଷୀଙ୍କୁ ପଚରାଉଚରା

ଯୋଗେଶ୍ୱରପୁର, ୨୩।୬
(ରଶ୍ମିରଞ୍ଜନ ସାହୁ)

ନୟାହାଟ ଫାଣ୍ଡି ଅଧୀନ ଇସାଣପୁର ପଞ୍ଚାୟତର ତଡ଼ା ଭୋଇ ସାହିର ଜଣେ ମହିଳାଙ୍କୁ ପାନବରଜ ଭିତରେ ବଳାତ୍କାର ଉଦ୍ୟମ କରାଯାଇଥିବା ଫାଣ୍ଡିରେ ଅଭିଯୋଗ ହୋଇଛି। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ୩ ଜଣ ସାକ୍ଷୀଙ୍କୁ ପଚରାଉଚରା ଚଳାଇଛି। ତେବେ ମହିଳା ଜଣଙ୍କ ତାଙ୍କ ପାନବରଜରେ କାମ କରୁଥିବାବେଳେ ଅନ୍ୟ ଜଣେ ବ୍ୟକ୍ତି ମଧ୍ୟ ସେଠାରେ କାମ କରୁଥିଲେ। ଏହାର ସୁଯୋଗରେ ବ୍ୟକ୍ତି ଜଣଙ୍କ ମହିଳାଙ୍କୁ ବଳାତ୍କାର ଉଦ୍ୟମ କରିଥିବା ସେ ଫାଣ୍ଡିରେ ଅଭିଯୋଗ କରିଛନ୍ତି।

## ଆଜିଠୁ ଓଡ଼ିଶା ବିଦ୍ୟୁତ୍ କର୍ମଚାରୀ ସଂଘର କଳାବ୍ୟାଜ୍ ପରିଧାନ

ଟାଙ୍ଗୀ, ୨୩।୬(ରଘୁନାଥ ସାହୁ)

ଓଡ଼ିଶା ବିଦ୍ୟୁତ୍ କର୍ମଚାରୀ ସଂଘର କର୍ମଚାରୀମାନେ ବିଭିନ୍ନ ସମସ୍ୟା ନେଇ ଟିପିସିଓଡିଏଲ୍ ଅଧିକାରୀଙ୍କୁ ଅବଗତ କରାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଏହାର ପ୍ରତିବାଦରେ ସୋମବାର ଠାରୁ ୩ ଦିନ ପର୍ଯ୍ୟନ୍ତ ସମସ୍ତ କର୍ମଚାରୀ କଳାବ୍ୟାଜ୍ ପରିଧାନ କରିବେ। ୨୭ ତାରିଖରେ ହ୍ୱାଟସଆପ ଗ୍ରୁପ ବନ୍ଦ ରଖିବେ। ୨୮ତାରିଖରେ କର୍ମଚାରୀମାନେ ନିର୍ଦ୍ଧାରିତ ସମୟରେ କାର୍ଯ୍ୟ କରିବେ। କୌଣସି ଅତିରିକ୍ତ କାର୍ଯ୍ୟ କରିବେ ନାହିଁ। ୨୯ ତାରିଖରେ ଅତିରିକ୍ତ କାର୍ଯ୍ୟକୁ ଅସହଯୋଗ କରିବେ। ୩୦ ତାରିଖରେ କର୍ମଚାରୀମାନେ ସମୂହ ଗୋଟିଏ ଦିନ ଛୁଟି ନେବେ। ଏ ସମ୍ପର୍କରେ ଲିଖିତଭାବେ କର୍ମଚାରୀ ସଂଘ ଟିପିସିଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଜଣାଇଛନ୍ତି।

## ମଧୁବାବୁଙ୍କୁ ଭାରତରତ୍ନ ପାଇ ସାରା ରାଜ୍ୟରୁ ସଂଗ୍ରହ ହେବ ଦସ୍ତଖତ

**ଭୃଗୁ ବକ୍ସିପାତ୍ର ଉତ୍କଳ ସମ୍ମିଳନୀର ରାଜ୍ୟ କାର୍ଯ୍ୟକାରୀ ସଭାପତି**

ଭୁବନେଶ୍ୱର, ୨୩।୬
(ଶର୍ମିଷ୍ଠା ପାଣିଗ୍ରାହୀ)

ଉତ୍କଳ ଗୌରବ ମଧୁସୂଦନ ଦାସଙ୍କୁ ଭାରତ ରତ୍ନ ପ୍ରଦାନ ପାଇଁ ଉତ୍କଳ ସମ୍ମିଳନୀ ଦାବି କରି ଆସୁଛି। ଏବେ ଏହାକୁ ଆହୁରି ତ୍ୱରାନ୍ୱିତ କରିବାକୁ ସାରା ରାଜ୍ୟରୁ ଦସ୍ତଖତ ସଂଗ୍ରହ କରିବ ସମ୍ମିଳନୀ। ଏନେଇ ସମ୍ମିଳନୀର କେନ୍ଦ୍ରୀୟ କାର୍ଯ୍ୟାଳୟଠାରେ ସଭାପତି ଅନନ୍ତ ପ୍ରସାଦ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀର କାର୍ଯ୍ୟନିର୍ବାହୀ ସମିତି ବୈଠକରେ ପ୍ରସ୍ତାବ ଦିଆଯାଇଛି। ସମ୍ମିଳନୀର ସାଧାରଣ ସମ୍ପାଦକ ଅଧିବକ୍ତା ଦିଲୀପ ଦାଶଶର୍ମା ଦାବି ସମ୍ପର୍କରେ ସୂଚନା ଦେଇଥିବାବେଳେ କୋଷାଧକ୍ଷା ସୌଦାମିନୀ ସାମନ୍ତରାୟ ଆର୍ଥିକ ବିବରଣୀ ପାଠ କରିଥିଲେ। ଉତ୍କଳ ସମ୍ମିଳନୀର ଉପଦେଷ୍ଟା ପଦ୍ମ ଚରଣ ନାୟକ ମଧୁସୂଦନ ଦାସଙ୍କୁ ଭାରତରତ୍ନ ପ୍ରଦାନ ପାଇଁ ଦାବି କରି ସାରା ରାଜ୍ୟରୁ ଦସ୍ତଖତ ସଂଗ୍ରହ ପାଇଁ ଉତ୍କଳ ସମ୍ମିଳନୀ ଦାୟିତ୍ୱ ନେଉ ବୋଲି ଆହ୍ୱାନ କରିଥିଲେ। ସେହିପରି ବରିଷ୍ଠ ସଦସ୍ୟ ଭୃଗୁ ବକ୍ସିପାତ୍ର କହିଲେ, ଭାରତ ରତ୍ନ ପାଇଁ ଗଣ ଅଭିଯାନ ଆବଶ୍ୟକ। ଦସ୍ତଖତ ସଂଗ୍ରହ ପରେ ଏହା ରାଷ୍ଟ୍ରପତିଙ୍କୁ ପ୍ରଦାନ କରାଯାଉ। ଉତ୍କଳ ସମ୍ମିଳନୀ କଟକର ଉପ-ସଭାପତି ଡ. ରବି ରଞ୍ଜନ ସାହୁ ଯୋଗଦେଇ ଇଦ୍‌ଗା ପଡିଆ ପାଇଁ ଉଦବେଗ ପ୍ରକାଶ କରିଥିଲେ। ମାଲକାନଗିରି ଜିଲାରୁ ଯୋଗଦେଇଥିବା ସମ୍ମିଳନୀର ସମ୍ପାଦକ ହର ପ୍ରସାଦ ଖାଡଙ୍ଗା ମହାନଦୀ ଜଳବଣ୍ଟନ, ପୋଲାଭରମ ଓ କୋଟିଆ ସମସ୍ୟା ପାଇଁ ବୈଠକରେ ଉଦ୍‌ବେଗ ପ୍ରକାଶ କରିଥିଲେ। ଓଡିଆ ଭାଷାକୁ ସରକାରୀ ଭାଷା ରୂପେ ବ୍ୟବହାର ପାଇଁ ରାଜ୍ୟ ସରକାର କାମ କରନ୍ତୁ ବୋଲି ରାଉରକେଲାରୁ ଅନ୍ୟତମ ଉପ- ସଭାପତି ବିଚିତ୍ରାନନ୍ଦ ସାହୁ କହିଥିଲେ। ଏହି ଅବସରରେ ନବ କିଶୋର ଦାସଙ୍କ ଲିଖିତ ପୁସ୍ତକ 'ଉତ୍କଳ ଗୌରବ ମଧୁସୂଦନ' ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏଥିସହ ସର୍ବସମ୍ମତି କ୍ରମେ ଭୃଗୁ ବକ୍ସିପାତ୍ରଙ୍କୁ ଉତ୍କଳ ସମ୍ମିଳନୀର ରାଜ୍ୟ କାର୍ଯ୍ୟକାରୀ ସଭାପତି ଭାବେ ମନୋନୟନ କରାଯାଇଥିଲା। ଡ. ସୁରେନ୍ଦ୍ର ମୋହନ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

## ଟାଇମ୍ସ ନାଓ ବିଜ୍‌ନେସ ଏକ୍ସିଲେନ୍ସ ଆୱାର୍ଡ
# ସୋଆକୁ ୭ ସମ୍ମାନ

**ଆଇଟିଇଆର୍, ଆଇବିସିଏସ୍ ପୂର୍ବଭାରତର ଶ୍ରେଷ୍ଠ ଇଞ୍ଜିନିୟରିଂ ଓ ମ୍ୟାନେଜମେଣ୍ଟ କଲେଜ**

ଭୁବନେଶ୍ୱର, ୨୩।୬
(ଅସମାପିକା ସାହୁ)

ପୂର୍ବ ଭାରତର ଶ୍ରେଷ୍ଠ ଇଞ୍ଜିନିୟରିଂ ଓ ମ୍ୟାନେଜମେଣ୍ଟ କଲେଜ ଭାବେ ଶିକ୍ଷା ଓ ଅନୁସନ୍ଧାନ(ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନିକାଲ ଏଜୁକେଶନ ଆଣ୍ଡ୍ ରିସର୍ଚ୍ଚ(ଆଇଟିଇଆର) ଓ ଇନ୍‌ଷ୍ଟିଚ୍ୟୁଟ ଅଫ୍ ବିଜ୍‌ନେସ ଆଣ୍ଡ୍ କମ୍ପ୍ୟୁଟର ଷ୍ଟଡିଜ୍(ଆଇବିସିଏସ)କୁ 'ଟାଇମ୍ସ ନାଓ ବିଜ୍‌ନେସ ଏକ୍ସିଲେନ୍ସ ଆୱାର୍ଡ' ପ୍ରଦାନ କରାଯାଇଛି। କୋଲକାତାଠାରେ ଅନୁଷ୍ଠିତ ଟାଇମ୍ସ ନାଓ ବିଜ୍‌ନେସ ଏକ୍ସିଲେନ୍ସ ଆୱାର୍ଡ ଇଷ୍ଟ ୨୦୨୪ରେ ସୋଆକୁ ମୋଟ ୭ଟି ସମ୍ମାନ ମିଳିଛି। ସେହିପରି ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସେସ ଆଣ୍ଡ୍ ସମ ହସ୍ପିଟାଲକୁ ରାଜ୍ୟର ଏକ ନମ୍ବର ମଲ୍ଟି ସ୍ପେଶାଲିଟି ହସ୍ପିଟାଲ ଭାବେ ଏହାର ଅଙ୍କୋଲୋଜି, କାର୍ଡିଓଲୋଜି ଆଣ୍ଡ କାର୍ଡିଆକ ସର୍ଜରୀ, ୟୁରୋଲୋଜି, ନ୍ୟୁରୋଲୋଜି ଏବଂ ନେଫ୍ରୋଲୋଜି ବିଭାଗଗୁଡ଼ିକୁ ଶ୍ରେଷ୍ଠ ବିଭାଗ ଭାବେ ସମ୍ମାନ ପ୍ରଦାନ କରାଯାଇଛି।

ବଲିଉଡ୍ ଅଭିନେତା, ନିର୍ଦ୍ଦେଶକ ତଥା ସାମାଜିକ କର୍ମୀ ସୋନୁ ସୁଦ, ବଲିଉଡ୍ ଓ ବଙ୍ଗଳା ଚଳଚ୍ଚିତ୍ର ଜଗତର ବିଶିଷ୍ଟ ଅଭିନେତା ତଥା ନିର୍ଦ୍ଦେଶକ ପରମବ୍ରତ ଚାଟାର୍ଜୀ ଏବଂ ଆଲାଏନ୍ସ ଫ୍ରାନ୍‌କେସ ଡୁ ବେଙ୍ଗଲର ନିର୍ଦ୍ଦେଶକ ନିକୋଲାସ ଫାସିନୋ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇ ସୋଆକୁ ୭ ସମ୍ମାନ ପ୍ରଦାନ କରିଥିଲେ। ସୋଆ ପକ୍ଷରୁ ବିଶ୍ୱବିଦ୍ୟାଳୟର କଣ୍ଟ୍ରୋଲର ଅଫ୍ ଏକ୍‌ଜାମିନେଶନ ପ୍ରଫେସର ମଞ୍ଜୁଳା ଦାସ ଓ ଲୋକ ସମ୍ପର୍କ ଅଧିକାରୀ ସୁଶ୍ରୀ ଶୁଭଦର୍ଶିନୀ ମିଶ୍ର ଅତିଥିଙ୍କଠାରୁ ଏହି ସମ୍ମାନ ଗ୍ରହଣ କରିଥିଲେ। ଏଥିସହ ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ ଏବଂ ବିଭିନ୍ନ ଉନ୍ନତିମୂଳକ କ୍ଷେତ୍ରରେ ଉତ୍କର୍ଷତା ହାସଲ କରିଥିବା ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନଗୁଡ଼ିକୁ ଟାଇମ୍ସ ନାଓ ବିଜନେସ ଏକ୍ସିଲେନ୍ସ ଆୱାର୍ଡ ପ୍ରଦାନ କରାଯାଇଥିଲା।



ସୋଆ ବିଶ୍ୱବିଦ୍ୟାଳୟ କଣ୍ଟ୍ରୋଲର ଅଫ୍ ଏକ୍‌ଜାମିନେଶନ ପ୍ରଫେସର ମଞ୍ଜୁଳା ଦାସ ଓ ଲୋକ ସମ୍ପର୍କ ଅଧିକାରୀ ସୁଶ୍ରୀ ଶୁଭଦର୍ଶିନୀ ମିଶ୍ର ବଲିଉଡ୍ ଅଭିନେତା ସୋନୁ ସୁଦଙ୍କଠାରୁ ସମ୍ମାନ ଗ୍ରହଣ କରୁଛନ୍ତି।

# 'ରାଜ୍ୟର ପ୍ରାକୃତିକ ସମ୍ପଦ ଲୁଟ୍ ପ୍ରକ୍ରିୟା ବନ୍ଦ ହେଉ'

**ରାଜ୍ୟ ସରକାରଙ୍କୁ ନିବେଦନ କଲେ ପ୍ରଫୁଲ୍ଲ ସାମନ୍ତରା**

ଭୁବନେଶ୍ୱର, ୨୩।୬(ଅନୁରାଧା ମହାରଣା)

ରାଜ୍ୟର ଜଣେ ଆଦିବାସୀ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଚାଲିଥିବା ନୂଆ ସରକାର ପୂର୍ବ ସରକାରଙ୍କ ଦ୍ୱାରା ହୋଇଥିବା ପ୍ରାକୃତିକ ସମ୍ପଦର ଅବିଚାରିତ ଦୋହନ ଓ ଲୁଟ୍ ପ୍ରକ୍ରିୟାକୁ ବନ୍ଦ କରନ୍ତୁ। ଜନଆନ୍ଦୋଳନ ରାଷ୍ଟ୍ରୀୟ ସମନ୍ୱୟ ନେତା ତଥା ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା ଓ ଲିଙ୍ଗରାଜ ଆଜାଦ ରାଜ୍ୟର ବିଭିନ୍ନ ଜନ ଆନ୍ଦୋଳନ ପ୍ରତିନିଧିଙ୍କ ଉପସ୍ଥିତିରେ ଏନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଆୟୋଜିତ ଖବରଦାତା ସମ୍ମିଳନୀରେ ସେମାନେ ଏଭଳି ବହୁ ଦାବି ଓ ନିବେଦନ ରଖିଛନ୍ତି। ନୂଆ ସରକାର ପ୍ରଥମେ ରାଜ୍ୟର ପ୍ରାକୃତିକ ସମ୍ପଦର ଖାଲିକରଣ ତଥା ଲୁଟ ପ୍ରକ୍ରିୟାକୁ ବନ୍ଦ କରିବା ପାଇଁ କମ୍ପାନୀଗୁଡିକୁ ବେଆଇନ ଭାବେ ଦିଆଯାଇଥିବା ଖଣି ଓ ଜମି ଲିଜ୍‌କୁ ବାତିଲ କରନ୍ତୁ। ଗ୍ରାମସଭା ବିନା ଅନୁମତିରେ ନିଲାମ କରାଯାଇଥିବା ସମସ୍ତ ଖଣି ଲିଜ୍‌କୁ ପ୍ରତ୍ୟାହାର କରାଯାଉ। ପରେ ସେହି ଅଞ୍ଚଳରେ ପ୍ରଥମେ ଜଙ୍ଗଲ ଅଧିକାର ଆଇନ (୨୦୦୬)କୁ ସମ୍ପୂର୍ଣ୍ଣ କାର୍ଯ୍ୟକାରୀ କରାଯାଇ ବିଧିବଦ୍ଧ ଭାବେ ଗ୍ରାମସଭା କରି ଜନତାଙ୍କ ନିଷ୍ପତ୍ତିକୁ ସମ୍ମାନ ଦିଆଯାଉ। ବିଗତ ୨୪ ବର୍ଷ ମଧ୍ୟରେ ଆଦିବାସୀଙ୍କ ସମେତ ଜଙ୍ଗଲ ଓ ଜମି ଉପରେ ନିର୍ଭରଶୀଳ ପ୍ରକଳ୍ପ ଅଞ୍ଚଳର ଗ୍ରାମବାସୀଙ୍କୁ ଜବରଦସ୍ତ ବିସ୍ଥାପିତ କରାଯାଇଛି, ମିଥ୍ୟା ମାମଲାରେ ଲାଠି ଓ ଗୁଳିରେ ଦମନ କରାଯାଇଛି। ସତୁରି ବର୍ଷର ବିସ୍ଥାପିତମାନଙ୍କୁ ନ୍ୟାୟ ଦେବା ପାଇଁ ରାଜ୍ୟରେ ଏକ ସ୍ଥାୟୀ କମିଶନ ଗଠନ କରାଯାଉ ବୋଲି ସେମାନେ ଦାବି କରିଛନ୍ତି। ଅନ୍ୟପଟେ ୨୦୨୦ରୁ ଖଣି ଲିଜ ପାଇଁ କରାଯାଇଥିବା ନିଲାମ ପ୍ରକ୍ରିୟାରେ ସାମ୍ବିଧାନିକ ଆଇନ ଓ ନିୟମକୁ ଉଲ୍ଲଂଘନ କରାଯାଇଥିବା ସେମାନେ ଅଭିଯୋଗ କରିଛନ୍ତି। ନୂଆ ସରକାର ପ୍ରାକୃତିକ ସମ୍ପଦର ସୁରକ୍ଷା ସହ ଆଦିବାସୀ ଜଙ୍ଗଲବାସୀଙ୍କ ଜୀବିକା, ସାମାଜିକ ଓ ସାଂସ୍କୃତିକ ଅସ୍ମିତାର ସୁରକ୍ଷା ପାଇଁ ଅବିଚାରିତ ଖଣି ଖନନ ଉପରେ କଟକଣା ଲାଗୁ କରନ୍ତୁ ବୋଲି ପ୍ରଫୁଲ୍ଲ କହିଛନ୍ତି। ସେହିଭଳି ଅନ୍ୟ ଦାବି ମଧ୍ୟରେ ଲ୍ୟାଣ୍ଡ ବ୍ୟାଙ୍କ ଜରିଆରେ କମ୍ପାନୀ ପାଇଁ ଜମି ବଣ୍ଟନ ନ କରି ଦଳିତଙ୍କ ସମେତ ସମସ୍ତ ଭୂମିହୀନ କୃଷକଙ୍କୁ ଜମି ପ୍ରଦାନ କରାଯିବା, ରାଜ୍ୟ ସମୁଦ୍ର ଉପକୂଳର ସୁରକ୍ଷା ପାଇଁ ସାଗରମାଳା ପ୍ରକଳ୍ପକୁ କାର୍ଯ୍ୟକାରୀ କରା ନ ଯିବା ଓ ଚଉମୁଖ ଅସ୍ତରଙ୍ଗଠାରେ ପ୍ରସ୍ତାବିତ ବନ୍ଦର ପେଟ୍ରୋକେମିକାଲ ପ୍ରକଳ୍ପର ପ୍ରତ୍ୟାହାର ଆଦି ରହିଛି।




ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଧ୍ରୁବ



@ ଆକାଶ



@ ସୌଭାଗ୍ୟ



@ ସୌମ୍ୟରଞ୍ଜନ



@ ଶିବ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ଅଣସରରେ ଲାଗିହୁଏନି ରନ୍ଧାଭୋଗ

ପୁରୀ, ୨୩।୬(ଅଜିତ କୁମାର ମହାନ୍ତି)

**କେବଳ ବ୍ୟବହାର କରାଯାଏ ଧଳାଫୁଲ, ଶବ୍ଦ ସୃଷ୍ଟି ମନା**

ଅଣସର ପିଣ୍ଡିରେ ଏବେ ଚତୁର୍ଦ୍ଧାବିଗ୍ରହ। ଦେବସ୍ନାନ ପୂର୍ଣ୍ଣିମାରେ ୧୦୮ ଗରା ଜଳରେ ପ୍ରତ୍ୟକ୍ଷ ସ୍ନାନ ପରେ ଜ୍ୱରରେ ପଡ଼ିଛନ୍ତି ମହାପ୍ରଭୁ। ଅଣସର ଘରେ ଚାଲିଛି ଗୁପ୍ତ ସେବା। ମହାପ୍ରଭୁଙ୍କ ସେବାରେ ଲାଗିଛନ୍ତି ଦଇତାପତି ସେବକ। ତେବେ ଏହି ଗୁପ୍ତ ଲୀଳାରେ ରହିଛି କେତୋଟି ନିଷିଦ୍ଧ ନିୟମ। ସ୍ନାନ ନୀତି ପରେ ରତ୍ନମଣ୍ଡପ ସମ୍ମୁଖରେ ଅସ୍ଥାୟୀ ଭାବେ ତାଟିରେ ଏକ ଅଣସର ଗୃହ ତିଆରି କରାଯାଏ। ତାଟିରେ ଥିବା ଏକମାତ୍ର ଦ୍ୱାର ଦେଇ ଅଣସର ସେବା କରୁଥିବା ଦଇତାପତିମାନେ ପ୍ରବେଶ କରନ୍ତି। ଅନ୍ୟ କେହି ପ୍ରବେଶ କରିପାରିବେ ନାହିଁ। ସେମାନେ ସମ୍ପୂର୍ଣ୍ଣ ଭାବେ ନୀତି ନିୟମରେ ରହିବା ସହ କେବଳ ମହାପ୍ରଭୁଙ୍କୁ ସମର୍ପିତ ଭୋଗ ଗ୍ରହଣ କରିଥାନ୍ତି। ଅଣସର ସମୟରେ ମହାପ୍ରଭୁଙ୍କୁ ରନ୍ଧା ଭୋଗ ଲାଗି ହୁଏ ନାହିଁ। ପଣା ଓ ଚକଟା ଭୋଗ ଲାଗି କରାଯାଏ। ଶ୍ରୀବିଗ୍ରହମାନେ ଶ୍ୱେତ ବସ୍ତ୍ର ପରିଧାନ କରିବାର ବିଧି ରହିଥିବାବେଳେ କେବଳ ଧଳା ଫୁଲ ଲାଗିକରାଯାଏ। ତୁଳସୀ ଲାଗି କରାଯାଇ ନ ଥାଏ। ଅଣସର ଘରେ ଗୋଟିଏ ରାଶିତେଲ ଦୀପ ବ୍ୟତୀତ ଅନ୍ୟ କୌଣସି ଆଲୋକ ବ୍ୟବହାର କରାଯାଏ ନାହିଁ। ଅଣସର ଘରୁ ପାତ୍ର, ଫୁଲ ଓ ଫଳ ଚୋପା ଇତ୍ୟାଦି ବାହାରକୁ ଆସି ନ ଥାଏ। ସେଗୁଡ଼ିକୁ ଗୃହର ଏକ କୋଣରେ ରଖାଯାଇଥାଏ। ଭଜନ, କୀର୍ତ୍ତନ, ଗୀତ, ଘଣ୍ଟଘଣ୍ଟା, କାହାଳୀ, ବାଦ୍ୟ ସବୁ ନିଷିଦ୍ଧ ରହିଥାଏ। ଦଶମୀ ପର୍ଯ୍ୟନ୍ତ କୌଣସି ଶବ୍ଦ କରାଯାଏ ନାହିଁ। ଏସବୁ କାରଣରୁ ସମ୍ପ୍ରତି ଜଗମୋହନରୁ ଅଣସର ଘର ପର୍ଯ୍ୟନ୍ତ ନିଷିଦ୍ଧାଞ୍ଚଳ ପାଳଟିଛି।

